

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୯ ସେପ୍ଟେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 19 SEPTEMBER 2023

Vol.No. 35 ■ No. 247■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ସଂସଦର ସ୍ୱତନ୍ତ୍ର ଅଧିବେଶନ ଆରମ୍ଭ

### ଗୃହ କାର୍ଯ୍ୟ ଆରମ୍ଭରୁ ବିରୋଧୀଙ୍କ ହଙ୍ଗାମା

### ଆଜିଠାରୁ ନୂଆ ବିଲଡିଂରେ ବସିବେ ସାଂସଦ



ନୂଆଦିଲ୍ଲୀ,୧୮/୦୯ :ଆରମ୍ଭ ହେଲା ସଂସଦର ସ୍ୱତନ୍ତ୍ର ଅଧିବେଶନ । ଗୃହ କାର୍ଯ୍ୟ ଆରମ୍ଭରୁ ବିରୋଧୀଙ୍କ ହଙ୍ଗାମା ଦେଖିବାକୁ ମିଳିଛି । କିଛି ସମୟରେ ଲୋକସଭାରେ ପ୍ରଧାନମନ୍ତ୍ରୀ ବିବୃତି ରଖିବେ । ୨୨ ତାରିଖ ଯାଏଁ ଚାଲିବାକୁ ଥିବା ଏହି ସ୍ୱତନ୍ତ୍ର ଅଧିବେଶନରେ ମହିଳା ସଂରକ୍ଷଣ ବିଲ ପାସ କରିବା ଉପରେ ସବୁ ଦଳ ଗୁରୁତ୍ୱ ଦେଇଛନ୍ତି । ଏହାଛଡା ଆପ୍ ନେତା ସଂଜୟ ସିଂହ ଓ ରାଘବ ଚଢା ନିଲମ୍ବିନ ପ୍ରତ୍ୟାହାର କରିବାକୁ ବି ବିରୋଧୀ ଦାବି କରିଛନ୍ତି । ନିର୍ବାଚନ କମିଶନ ଚୟନ ପ୍ରକ୍ରିୟାରେ କୌଣସି ପରିବର୍ତ୍ତନ କରିବାକୁ ବି ବିରୋଧୀ ଦାବି କରିଛନ୍ତି । ଜାତି ଜନଗଣନା, ଆଦାନୀ ମାମଲା, ସିଏଜି ରିପୋର୍ଟ ଉପରେ ବି ଆଲୋଚନା କରିବାକୁ ବିରୋଧୀ ଦାବି କରିଛନ୍ତି । ବିଜେଡି ସମେତ ଶିବସେନା ( ସିନ୍ଦେ ଗୋଷ୍ଠୀ) , କଂଗ୍ରେସ ସମେତ ଅନେକ ବିରୋଧୀ ଦଳ ମହିଳା ସଂରକ୍ଷଣ ବିଲ ପାସ କରିବାକୁ ଦାବି କରିଥିଲେ । ସରକାର ଏହି ସ୍ୱତନ୍ତ୍ର ଅଧିବେଶନରେ ନିଜର ଏଜେଣ୍ଡା କହସାରିଛନ୍ତି । ପୁରୁଣା ସଂସଦ ଭବନ ଛାଡିବାର ଅନୁଭବ ସ୍ମୃତି ହୋଇ ରହିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏହି ଅଧିବେଶନ ଛୋଟ ହେଲେ ବି ଭାରତୀୟ ଗଣତନ୍ତ୍ର ପାଇଁ ଏକ ଐତିହାସିକ ଦିନ ହୋଇ ରହିବ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ । ପୁରୁଣା ସଂସଦ ଭବନ ବିଦେଶୀ ଶାସକ ନିର୍ମାଣ କରିଥିଲେ । ନୂଆ ସଂସଦ ଭବନ ଆମକୁ ଭବିଷ୍ୟତ ପାଇଁ ପ୍ରେରଣା ଦେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏଥିସହ ଚନ୍ଦ୍ରଯାନ ସଫଳତା ପାଇଁ ବୈଜ୍ଞାନିକଙ୍କୁ ଧନ୍ୟବାଦ ଜଣାଇଛନ୍ତି ପ୍ରଧାନମନ୍ତ୍ରୀ । ଜି-୨୦ ସଫଳତାକୁ କୌଣସି ବ୍ୟକ୍ତି କିମ୍ବା ଦଳନ ନୁହେଁ, ବରଂ ଦେଶର ୧୪୦ କୋଟି ଲୋକଙ୍କ ସଫଳତା ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ମୋଦି । ଅଧିବେଶନ ଆରମ୍ଭରେ ଦେଶର ୭୫ ବର୍ଷର ସଂସଦୀୟ ଯାତ୍ରା ଉପରେ ଆଲୋଚନା ସମୟରେ ଦେଶର ପ୍ରଥମ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କୁ ମନେ ପକାଇଛନ୍ତି ପ୍ରଧାନମନ୍ତ୍ରୀ । ତାଙ୍କ ଅବଦାନ ମୂଲ୍ୟବାନ ବୋଲି ମୋଦି କହିଛନ୍ତି । ଆଜିଠୁ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ ସଂସଦର ସ୍ୱତନ୍ତ୍ର ଅଧିବେଶନ । ଆଜି ପୁରୁଣା ସଂସଦ ଭବନରେ ପ୍ରଥମ ଦିନର ଅଧିବେଶନ ବସିଛି । ଆସନ୍ତାକାଲି ଗଣେଶ ପୂଜାଠାରୁ ନୂଆ ସଂସଦ ଭବନରେ ଅଧିବେଶନ ଆରମ୍ଭ ହେବ । ଏହି ସମୟରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଲ୍ ପାରିତ ହେବାର କାର୍ଯ୍ୟକ୍ରମ ରହିଛି । ଆସନ୍ତାକାଲି ଠାରୁ ଆଉ ସଂସଦର ପୁରୁଣା ବିଲଡିଂରେ କୌଣସି ଅଧିବେଶନ ବସିବ ନାହିଁ । ସ୍ୱାଧୀନତା ପରଠାରୁ ପୁରୁଣା ବିଲଡିଂରେ ହିଁ ସଂସଦର କାର୍ଯ୍ୟ ସବୁ କରାଯାଉଥିଲା । କିନ୍ତୁ ଆସନ୍ତାକାଲି ଠାରୁ ସଂସଦର ନୂଆ ବିଲଡିଂରେ ସାଂସଦମାନେ ବସିବେ । ଉଭୟ ଲୋକସଭା ଓ ରାଜ୍ୟସଭାର ସ୍ୱତନ୍ତ୍ର ▶▶ପୃଷ୍ଠା ୭

## ଆସନ୍ତା ୨୧ ତାରିଖରେ ଆଉ ଦୁଇ ଜିଲ୍ଲା ପାଇଁ ଛୁଟି ଘୋଷଣା

ଭୁବନେଶ୍ୱର, ୧୮/୦୯ (ନି.ପ୍ର): ପଶ୍ଚିମ ଓଡ଼ିଶାର ଗଣପର୍ବ 'ନୂଆଖାଇ' ପାଇଁ ଆଉ ୨ ଜିଲ୍ଲାରେ ଆସନ୍ତା ୨୧ ତାରିଖ ଦିନ ସ୍ଥାନୀୟ ଛୁଟି ଘୋଷଣା କରାଯାଇଛି । ସେହି ଦୁଇ ଜିଲ୍ଲା ହେଉଛି- ସମ୍ବଲପୁର ଓ ବରଗଡ଼ । ଏହା ସହିତ ସୁନ୍ଦରଗଡ଼ ଉପଖଣ୍ଡକୁ ମଧ୍ୟ ସେହିଦିନ ପାଇଁ ଛୁଟି ଘୋଷଣା କରାଯାଇଛି । ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଆଜି ଏହି ଘୋଷଣା କରିଛନ୍ତି । ଆସନ୍ତା ୨୦ ତାରିଖ (ବୁଧବାର) ପଡୁଛି ନୂଆଖାଇ । ସାଧାରଣତଃ ନୂଆଖାଇ ଦିନ ସମସ୍ତେ ନୂଆ ଖାଇଲେ ମଧ୍ୟ ଭେଟଘାଟ କାର୍ଯ୍ୟକ୍ରମଗୁଡ଼ିକ ତା'ପରଦିନ ପର୍ଯ୍ୟନ୍ତ ଲମ୍ବି ଥାଏ । ତେଣୁ ନୂଆଖାଇ ପରଦିନ ଅର୍ଥାତ୍ ୨୧ ତାରିଖକୁ ସରକାରୀ ଛୁଟି ଦିବସ ଭାବେ ଘୋଷଣା କରିବାକୁ ସମ୍ବଲପୁର ଓ ବରଗଡ଼ ଜିଲ୍ଲା ଏବଂ ସୁନ୍ଦରଗଡ଼ ଉପଖଣ୍ଡର ଜନସାଧାରଣ ତଥା ବିଭିନ୍ନ ସଂଗଠନ ପକ୍ଷରୁ ଦାବି କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଉତ୍ତରାଞ୍ଚଳ ରାଜସ୍ୱ ▶▶ପୃଷ୍ଠା ୭

## ମାନସ ରଞ୍ଜନ ବାରିକ୍ ନୂଆ ଆଇନ ସଚିବ

ଭୁବନେଶ୍ୱର, ୧୮/୦୯ (ନି.ପ୍ର): ଓଡ଼ିଶା ଜୁଡିସିଆଲ ସେବାର ବରିଷ୍ଠ ଅଫିସର ମାନସ ରଞ୍ଜନ ବାରିକଙ୍କୁ ରାଜ୍ୟ ଆଇନ ବିଭାଗର ପ୍ରମୁଖ ସଚିବ ଭାବେ ଅବସ୍ଥାପିତ କରାଯାଇଛି । ଶ୍ରୀ ବାରିକ ଏବେ ସମ୍ବଲପୁର ଜିଲ୍ଲା ଓ ସେସନ୍ ଜଜ୍ ଭାବେ କାର୍ଯ୍ୟ କରୁଛନ୍ତି । ଏନେଇ ଆଜି ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି । ସୂଚନା ଅନୁସାରେ, ଓଡ଼ିଶା ଜୁଡିସିଆଲ ଅଫିସର (ଓଜେଏସ) ଶ୍ରୀ ବାରିକଙ୍କୁ ଆଇନ ବିଭାଗର ପ୍ରମୁଖ ସଚିବ ଭାବେ ବଦଳି କରାଯାଇଛି । ଆଇନ ବିଭାଗର ସ୍ୱତନ୍ତ୍ର ସଚିବ ତଥା ଏଲଆର ଧନେଶ୍ୱର ମଲ୍ଲିକ ଏବେ ପ୍ରମୁଖ ସଚିବ(ଇନଚାର୍ଜ) ଭାବେ ଗତ କିଛିମାସ ଧରି କାର୍ଯ୍ୟ କରୁଛନ୍ତି । ବରିଷ୍ଠ ଓଜେଏସ୍ ଅଫିସର ଶ୍ରୀ ବାରିକଙ୍କୁ ବିଭାଗର ପ୍ରମୁଖ ସଚିବ ନିଯୁକ୍ତି ମିଳିବା ପରେ ଶ୍ରୀ ମଲ୍ଲିକ ଆଇନ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ପୂର୍ବଭଳି କାର୍ଯ୍ୟ ତୁଲାଇବେ ବୋଲି ଜଣାପଡ଼ିଛି । ଶ୍ରୀ ବାରିକଙ୍କ ସ୍ଥାନରେ ସମ୍ବଲପୁର ଜିଲ୍ଲା ଓ ସେସନ୍ ଜଜ୍ ଭାବେ ଓଜେଏସ୍ ପ୍ରଦ୍ୟୁମ୍ନ କୁମାର ନାୟକଙ୍କୁ ଅବସ୍ଥାପିତ କରାଯାଇଥିବା ସୂଚନା ମିଳିଛି ।

## ପଞ୍ଚଭୂତରେ ବିଲୀନ ହେଲେ ଗୀତା ମେହେଟ୍ଟା

ନୂଆଦିଲ୍ଲୀ,୧୮/୦୯ : ପଞ୍ଚଭୂତରେ ବିଲୀନ ହେଲେ ପ୍ରସିଦ୍ଧ ଲେଖିକା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଡ଼ ଭଉଣୀ ଗୀତା ମେହେଟ୍ଟା । ସେ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରିଣୀ । ସେ ଏକାଧାରରେ ଥିଲେ ଜଣେ ଆନ୍ତର୍ଜାତୀୟ ଲେଖିକା, ସାମ୍ବାଦିକା ଏବଂ ଡକ୍ୟୁମେଣ୍ଟାରୀ ଫିଲ୍ମ ନିର୍ମାତା । ନୂଆଦିଲ୍ଲୀର ଲୋଧି ରୋଡ଼ସ୍ଥିତ ଶ୍ମଶାନରେ ଆଜି ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ଏକମାତ୍ର ପୁଅ ଆଦିତ୍ୟ ସିଂ ମେହେଟ୍ଟା ମା' ଗୀତା ମେହେଟ୍ଟାଙ୍କୁ ମୁଖାଗ୍ନି ଦେଇଛନ୍ତି । ନିଜ ଏକମାତ୍ର ଭଉଣୀଙ୍କ ଶେଷ ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବଡ଼ ଭାଇ ପ୍ରେମ ପଟ୍ଟନାୟକ ଲୋଧି ରୋଡ଼ସ୍ଥିତ ଶ୍ମଶାନରେ ଉପସ୍ଥିତ ଥିଲେ । ଏହି ଅବସରରେ ନିକଟ ସମ୍ପର୍କୀୟଙ୍କ ସମେତ ସାଂସଦ ପିନାକ ମିଶ୍ର, ମାନସ ମଙ୍ଗରାଜ, ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ ପ୍ରମୁଖ ଶ୍ମଶାନ ଘାଟରେ ଉପସ୍ଥିତ ଥିଲେ ।

## ଉନ୍ମୋଚିତ ହେଲା 'ସ୍ମୃତିରେ ଜଗନ୍ନାଥ'

### ଆଦର୍ଶ ପ୍ରଧାନଶିକ୍ଷକ ଓ ସାମଜସେବୀ ଜଗନ୍ନାଥ ଦତ୍ତଙ୍କୁ ଶ୍ରଦ୍ଧାଞ୍ଜଳି



ବାଲେଶ୍ୱର, ୧୮/୦୯ (ନି.ପ୍ର): ବାଲେଶ୍ୱର ସହରସ୍ଥ ଶ୍ୟାମସୁନ୍ଦର ହାଇସ୍କୁଲର ପ୍ରଥମ ପ୍ରଧାନଶିକ୍ଷକ ଜଗନ୍ନାଥ ଦତ୍ତଙ୍କ ୮୧ବର୍ଷରେ ବିୟୋଗ ଘଟିବାର ଏକାଦଶାହ ତିଥିରେ ତାଙ୍କ ନଲମଗଞ୍ଜ ସ୍ଥିତ ବାସଭବନରେ ୧୭ତାରିଖ ସଂଧ୍ୟାରେ ଏକ ଶୋକାଞ୍ଜଳି ସଭାସହ ତାଙ୍କ ସ୍ମୃତିରେ ପ୍ରକାଶିତ ସ୍ମରଣିକା 'ସ୍ମୃତିରେ ଜଗନ୍ନାଥ'ର ଉନ୍ମୋଚିତ ହୋଇଛି । ଅଧ୍ୟାପକ କମଳାକାନ୍ତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏଇ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଓ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ କବି କାଳୀପଦ ପଣ୍ଡା ଉନ୍ମୋଚନ କରିଥିଲେ । ଶୋକସଭାରେ ବ୍ରିଟ୍ ଅଧକ୍ଷ ଆଲୋକ ସାହୁ, ସମାଜସେବୀ ଭାଗବତ ସାହୁ, ନୃସିଂହ ଚରଣ ନାୟକ, ଜୟରାମ ଜେନା, ଲମ୍ବୋଦର ପ୍ରଧାନ, ପଣ୍ଡିତ ସଂଜୟ ପଣ୍ଡା, ଔପନ୍ୟାସିକ ସୃଷ୍ଟିଧର ପରିଡ଼ା, ଦୀନବନ୍ଧୁ ଲେଙ୍କା ପ୍ରମୁଖ ସ୍ୱର୍ଗତ ଜଗନ୍ନାଥ ଦତ୍ତଙ୍କୁ ଜଣେ ପରୋପକାରୀ, ଅଧ୍ୟାତ୍ମପରାୟଣ ଅନୁଷ୍ଠାନ ପ୍ରେମୀ ଆଦର୍ଶ ଶିକ୍ଷକ ତଥା ମିଷ୍ଟଭାଷୀ ବ୍ୟକ୍ତି ରୂପେ ବର୍ଣ୍ଣନା କରିଥିଲେ । ଜଗନ୍ନାଥ ଦତ୍ତଙ୍କ ପତ୍ନୀ ଲକ୍ଷ୍ମୀ, ପୁତ୍ର ଡାକ୍ତର ମହେଶ୍ୱର ଦତ୍ତ ଓ ଡାକ୍ତର ବ୍ରହ୍ମାନନ୍ଦ ଦତ୍ତଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଓ ଆତ୍ମୀୟସ୍ୱଜନ ଉପସ୍ଥିତ ରହିଥିଲେ । ଜଗନ୍ନାଥ ଦତ୍ତ ମାନସିଂ ବଜାର ହନୁମାନ ମନ୍ଦିର ଓ ହରିସଭା ଏବଂ ନଲମଗଞ୍ଜ ହରିସଭା ଓ ମଙ୍ଗଳାମନ୍ଦିର ପରିଚାଳନାର ସଭାପତି ଭାବେ ରହି ଦୀର୍ଘଦିନ କାର୍ଯ୍ୟକରି ଆସୁଥିଲାବେଳେ ନିଜ ଗ୍ରାମ ଭୋଗରାଇ ନିଷାତପୁର ଜଗନ୍ନାଥ ମନ୍ଦିର ଆଦି ଅନୁଷ୍ଠାନକୁ ଆର୍ଥିକ ସାହାଯ୍ୟ ଯୋଗାଇ ଆସୁଥିଲେ ।

## ପ୍ରାଥମିକ ସ୍କୁଲ ଶିକ୍ଷକଙ୍କ ଆନ୍ଦୋଳନ ସ୍ଥଗିତ: ସରକାରଙ୍କୁ ମାସେ ମହଲତ



ଭୁବନେଶ୍ୱର, ୧୮/୦୯ (ନି.ପ୍ର): ୩ ଦଫା ଦାବି ନେଇ ଗତ ୮ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିବା ପ୍ରାଥମିକ ସ୍କୁଲ ଶିକ୍ଷକ-ଶିକ୍ଷୟିତ୍ରୀ ଆଜି ସେମାନଙ୍କର ଆନ୍ଦୋଳନକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛନ୍ତି । ଆସନ୍ତା ମାସକ ମଧ୍ୟରେ ଶିକ୍ଷକ ସଂଘର ଦାବି ଉପରେ ସରକାର ସକାରାତ୍ମକ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଓ ସେଥିପାଇଁ ଆନ୍ଦୋଳନକୁ ସାମୟିକ ଭାବେ ଏକମାସ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି ବୋଲି ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ୍ କହିଛି । ୧୧ଦିନ ଧରି ରାଜ୍ୟର ପ୍ରାୟ ୧.୩୦ଲକ୍ଷ ପ୍ରାଥମିକ ସ୍କୁଲ ଶିକ୍ଷକଶିକ୍ଷୟିତ୍ରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଥିଲେ । ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନର ସଂଯୋଜକ ଜ୍ୟୋତିରଞ୍ଜନ ମିଶ୍ର 'ଓଡ଼ିଶା ରିପୋର୍ଟର'କୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଆଜି ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ଅଧକ୍ଷତାରେ ମନ୍ତ୍ରିସ୍ତରୀୟ ସବକମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ପ୍ରାୟ ୩ଘଣ୍ଟା ଧରି ବସିଥିଲା । ଏହି ବୈଠକରେ ଶିକ୍ଷକ ସଂଘ ଦାବିଗୁଡ଼ିକ ଉପରେ ତର୍ଜମା କରାଗଲା । ସରକାର ଅଧିକାଂଶ ଦାବିକୁ ମାନିବାକୁ ସହମତି ଦେଇଛନ୍ତି, ମାତ୍ର ଏଥିପାଇଁ କିଛି ସମୟ ଲୋଡ଼ିଛନ୍ତି । ଆସନ୍ତାମାସ ପ୍ରଥମ ସପ୍ତାହ ସୁଦ୍ଧା ମନ୍ତ୍ରିସ୍ତରୀୟ ସବକମିଟି ବୈଠକ ବସି ଦାବିଗୁଡ଼ିକ ଉପରେ ଆଲୋଚନା ହେବ । ▶▶ପୃଷ୍ଠା ୭

## ହାଇଦ୍ରାବାଦରେ ସରିଲା ସିଡବ୍ଲ୍ୟୁସି ବୈଠକ

### ଦଳୀୟକର୍ମୀଙ୍କୁ ବିଜୟମନ୍ତ୍ର ଦେଲେ ସୋନିଆ ଓ ଖଡଗେ



ନୂଆଦିଲ୍ଲୀ,୧୮/୦୯ : ତେଲେଙ୍ଗାନାରେ ସରିଲା କଂଗ୍ରେସ ମେଳି । ଦୁଇ ଦିନ ଧରି ଚାଲିଥିବା କଂଗ୍ରେସ କାର୍ଯ୍ୟକାରୀଣି କମିଟି ବୈଠକ ଶେଷ ହୋଇଛି । ଆଗକୁ ୨୦୨୪ ଲୋକସଭା ନିର୍ବାଚନ ସହ ୫ରାଜ୍ୟରେ ହେବ ବିଧାନସଭା ନିର୍ବାଚନ । ବିଜେପି ସରକାରଙ୍କୁ କଳେବଳେ କୌଶଳେ ମାତ ଦେବାକୁ ବୈଠକରେ ଚର୍ଚ୍ଚା ହୋଇଛି । ସୂଚନା ଅନୁସାରେ ଦଳ ସଂରକ୍ଷଣକୁ ନେଇ ମାଷ୍ଟରଷ୍ଟ୍ରୋକ ଖେଳିବାକୁ ଚାହୁଁଛି ଓ ଦଳିତଙ୍କ ଭୋଟ ଉପରେ ଅଧିକ ଫୋକସ କରୁଛି । ଚର୍ଚ୍ଚା ହେଉଛି ସିଡବ୍ଲୁସି ବୈଠକ କରି ତେଲେଙ୍ଗାନାରୁ ଶଂଖନାଦ କରିଛି ସୋନିଆ ବାହୀନୀ । ୨୦୨୪ ଲୋକସଭା ନିର୍ବାଚନରେ ବିଜେପି ସରକାରଙ୍କୁ କଳେବଳେ କୌଶଳେ ମାତ ଦେବାକୁ କଂଗ୍ରେସ କରୁଛି ଜୋରଦାର ପ୍ରସ୍ତୁତି । ▶▶ପୃଷ୍ଠା ୭

## 'ସମ୍ବାଦ' କାର୍ଯ୍ୟାଳୟରେ ଇଓଡବ୍ଲ୍ୟୁ ଚଢ଼ଉ

ଭୁବନେଶ୍ୱର , ୧୮/୦୯ (ନି.ପ୍ର): ଗଣମାଧ୍ୟମର ସ୍ୱରକୁ ଚାପି ଦେବା ଲାଗି ଯେତେ ସମ୍ଭବ ତଳକୁ ଖସି ପଦକ୍ଷେପ ନେବା ଲାଗି ସରକାରୀ କଳ ପୂରା ଦମରେ ଲାଗିପଡ଼ିଛି । 'ସମ୍ବାଦ' ସଂପାଦକ ସୌମ୍ୟରଂଜନ ପଟ୍ଟନାୟକ ନିଜର ଏକ ସଂପାଦକୀୟ ମାଧ୍ୟମରେ 'ସଚିବ ବଡ଼ ନା ମନ୍ତ୍ରୀ ବଡ଼' ଭଳି ପ୍ରଶ୍ନ ଉଠାଇବା ପରେ ପ୍ରଶାସନିକ ଆକ୍ରୋଶର ଶିକାର ହୋଇଛନ୍ତି । 'ଆମ ଘରର ହାଲଚାଲ୍' କ୍ରମରେ ତାଙ୍କର ଲେଖା 'ଆତ୍ମବିଭୋର ପ୍ରଶାସକ, ଅସହାୟ ରାଜନେତା' ଗତ ଅଗଷ୍ଟ ୨୭ ତାରିଖରେ ପ୍ରକାଶ ପାଇବା ପରେ 'ସମ୍ବାଦ' ବିରୋଧରେ ସରକାରୀ କଳ ପୂରା ଲାଗି ପଡ଼ିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସପକ୍ଷରେ ଥିବା ଜନମତକୁ ଅପବ୍ୟବହାର କରି ଛାୟା ସରକାର ଚଳାଉଥିବା ୫-ଟି ସଚିବ ଭି କେ ପାଣ୍ଡିଆନ ଏଥିରେ ଉତକ୍ଷିପ୍ତ ହୋଇପଡ଼ିଛନ୍ତି ବୋଲି ସମ୍ବାଦ ପକ୍ଷରୁ କୁହାଯାଇଛି । ସୌମ୍ୟରଂଜନଙ୍କୁ ତାଙ୍କ ପ୍ରଶ୍ନର ଉତ୍ତର ଦେବା ପରିବର୍ତ୍ତେ ଗଣମାଧ୍ୟମର କଣ୍ଠରୋଧ କରିବାକୁ ଗୋଟିଏ ପରେ ଗୋଟିଏ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି ବୋଲି ମଧ୍ୟ କୁହାଯାଇଛି । ପ୍ରଥମେ 'ସମ୍ବାଦ', 'କନକ ନ୍ୟୁଜ' ଓ 'ରେଡିଓ ଚକଲେଟ୍'କୁ ସରକାରୀ ବିଜ୍ଞାପନ ବନ୍ଦ କରିବା ପରେ ଏବେ ଏକ ମାମଲା ରୁଜୁ କରାଇ ରାଜ୍ୟ ପୁଲିସର ଅର୍ଥନୈତିକ ଅପରାଧ ଶାଖାକୁ ତଦନ୍ତ ଆଳରେ 'ସମ୍ବାଦ ଭବନ'ରେ ପ୍ରବେଶ କରିଛନ୍ତି । ଅଭିଯୋଗ ଅନୁସାରେ, ପୂର୍ବରୁ ସମ୍ବାଦରେ ଚାକିରି କରୁଥିବା ଜଣେ କର୍ମଚାରୀଙ୍କ ନାମରେ 'ସମ୍ବାଦ' ଚଞ୍ଚକତା କରି ବ୍ୟାଙ୍କରୁ ଋଣ କରିଥିଲା ଏବଂ ତାକୁ ଆଳ କରି ଏହି ଚଢ଼ଉ କରାଯାଇଛି ବୋଲି ଜଣାଯାଇଛି । ସମ୍ବାଦ ପକ୍ଷରୁ କୁହାଯାଇଛି ଯେ ବହୁ ବର୍ଷ ପୂର୍ବରେ କରାଯାଇଥିବା ଋଣ (ଯାହାକୁ ଶୁଝା ସରିଛି) ସଂକ୍ରାନ୍ତୀୟ ଏକ ଘଟଣାକୁ ଉଦ୍ଦେଶ୍ୟମୂଳକ ଭାବେ ଏବେ ଆଗକୁ ଅଣାଯାଇଛି । ଆଉ ଏହି ଅଭିଯୋଗ ପାଇବା ପରେ ଇଓଡବ୍ଲ୍ୟୁ ପକ୍ଷରୁ ମାମଲାର ତଦନ୍ତ ଆରମ୍ଭ କରିଦିଆଯାଇଛି । ଗତକାଲି 'ସମ୍ବାଦ'ର ସିଓଙ୍କୁ ଜେରା କରିବା ପରେ ଆଜି 'ସମ୍ବାଦ' କାର୍ଯ୍ୟାଳୟକୁ ଆସି ସରଜମିନ୍ ତଦନ୍ତ କରୁଛି ଇଓଡବ୍ଲ୍ୟୁର ଏକ ୧୨ ଜଣିଆ ଟିମ୍ । କିନ୍ତୁ 'ତଦନ୍ତ' ଆଳରେ ସୁଚିନ୍ତିତ ଉପାୟରେ ମାନସିକ ନିର୍ଯାତନା ଦେଇ ଚାପ ସୃଷ୍ଟି କରିବାର ଅପଉଦ୍ୟମ ବ୍ୟତୀତ ଏହା ଆଉ କିଛି ନୁହେଁ ବୋଲି ସମ୍ବାଦ କର୍ତ୍ତୃପକ୍ଷ କହିଛନ୍ତି । ସେ ଆହୁରି କହିଛନ୍ତି ଯେ ବିଜ୍ଞାପନ ବନ୍ଦ ଭଳି ଆର୍ଥିକ ଚାପ କୌଶଳ କାମ କରି ନଥିଲା କି 'ସମ୍ବାଦ'ର ସ୍ୱର ଦବି ଯାଇନଥିଲା । ଲଗାତାର ବ୍ୟବସ୍ଥାର ତ୍ରୁଟିକୁ ପଦାକୁ ଆଣିବା ପରେ ସରକାର ଆହୁରି ଉଗ୍ର ହୋଇଥିଲେ । ଏହାପରେ ବିଜେଡିର ଉପସଭାପତି ପଦବିରୁ ସୌମ୍ୟରଞ୍ଜନଙ୍କୁ ହଟାଇ ପ୍ରମାଣିତ କରାଗଲା ଯେ ସଚିବ ହିଁ ବଡ଼ । ସୌମ୍ୟରଞ୍ଜନଙ୍କ ସମ୍ପର୍କୀୟଙ୍କ ମାଲିକାନାରେ ଥିବା ରିୟଲ୍ ଇଷ୍ଟେଟ୍ ସଂସ୍ଥା 'ଜେଡ୍ ଇଷ୍ଟେଟ୍'ର କର୍ତ୍ତୃପକ୍ଷଙ୍କ ବିରୋଧରେ ଇଓଡବ୍ଲ୍ୟୁରେ ମିଛ ମାମଲା କରାଇଥିଲେ । ଗତକାଲି ସଂସ୍ଥାର ପରିଚାଳନା ନିର୍ଦ୍ଦେଶକଙ୍କୁ ଡାକି ଜେରା କରାଯାଇଥିଲା । ଏହି ମାମଲାରେ ଆଜି 'ସମ୍ବାଦ' ଭବନରେ ▶▶ପୃଷ୍ଠା ୭

# ବିଶ୍ୱ ଦେବତା ବିନାୟକ


ରାଜସ୍ମିତା ବାରିକ


ଗଜାନନଂ
ଭୂତଗଣାଧି ସେବିତମ୍
କପିତମ୍ ଜମ୍ବୁଫଳ
ଚାରୁ ଭକ୍ଷିତମ୍
ଉମାସୁତ ଶୋକ
ବିନାଶ କାରିକମ୍
ନମାମି
ବିଘ୍ନେଶ୍ୱର ପଦପଙ୍କଜମ ।।

ସନାତନ ଧର୍ମ ଅନୁଯାୟୀ ଆମର ପର୍ବ,ପରମ୍ପରା, ଆଧ୍ୟାତ୍ମିକତା ଭାବ ଆମ ସଂସ୍କୃତିର ପରିଚୟ ପ୍ରଦାନ କରେ । ସେହିପରି ଏକ ପର୍ବ ଗଣେଶ ଚତୁର୍ଥୀ । ଏହି ପର୍ବ ପ୍ରତି ବର୍ଷ ଭାଦ୍ରବ ମାସ ଶୁକ୍ଳ ପକ୍ଷ ଚତୁର୍ଥୀ ଦିନ ପାଳନ କରାଯାଏ । ପ୍ରଭୁ ଶ୍ରୀ ଗଣେଶଙ୍କର ଜନ୍ମ ଦିବସକୁ ଭକ୍ତ ମାନେ ବହୁ ଆଡମ୍ବର ସହକାରେ ପାଳନ କରନ୍ତି। ଗଣେଶଙ୍କର ଏକ ଦନ୍ତ, ଗଜମସ୍ତକ, ସାପ ପଇତା ଏବଂ ଗଣେଶଙ୍କ ବାହନ ମୂଷା ଅଟେ।

ପ୍ରଭୁ ଶ୍ରୀ ଗଣେଶ ବିଘ୍ନ ବିନାଶକ ରୂପେ ସର୍ବତ୍ର ପୂଜିତ ହୁଅନ୍ତି । ସେ ଭକ୍ତଙ୍କର ସବୁ ବାଧା ବିଘ୍ନ ଦୂରେଇ ଦେଇ ମୁକ୍ତିର ମାର୍ଗ ଦେଖାଇ ଦିଅନ୍ତି। ଆଦି ଦେବତା ହିସାବରେ ପ୍ରତ୍ୟେକ ଶୁଭ କାର୍ଯ୍ୟ, ପୂଜା, ଲେଖାପଢ଼ା ଓ ଧାର୍ମିକ କ୍ରିୟା ଆରମ୍ଭରେ ପ୍ରଭୁ ଶ୍ରୀ ବିଘ୍ନନାଶକଙ୍କ ଆବାହନ କରାଯାଏ। ଜ୍ଞାନ, ବୁଦ୍ଧି ଓ ବିଚାରବନ୍ତର ପ୍ରତୀକ ହେଉଛି ପ୍ରଭୁ ଶ୍ରୀ ଗଣେଶଙ୍କର ହାତୀ ମୁଣ୍ଡ। ଦେବତା ମାନଙ୍କ ମଧ୍ୟରେ ଗଣେଶଙ୍କୁ ଜ୍ଞାନୀ ଭାବେ ଗଣନା କରାଯାଏ।

ଶ୍ରୀ ଗଣେଶ ଭଗବାନ ଶିବ ଓ ମାତା ଶ୍ରୀ ପାର୍ବତୀଙ୍କ ପୁତ୍ର । କାର୍ତ୍ତିକଙ୍କ ସାନ ଭାଇ । ଶିବ ପୁରାଣ ଅନୁଯାୟୀ ଦେବୀ ପାର୍ବତୀ ନିଜ ଦେହର ମଇଳାରୁ ଏକ ମୂର୍ତ୍ତି ଗଠନ କଲେ ଏବଂ ସେହି ମୂର୍ତ୍ତିକୁ ଜୀବନ ଦାନ ଦେଲେ । ମାତା ପାର୍ବତୀଙ୍କର ପ୍ରିୟ ପୁତ୍ର ଥିଲେ ପ୍ରଭୁ ଶ୍ରୀ ଗଣେଶ। ମାତା ପାର୍ବତୀ ସ୍ନାନ କରିବାକୁ ଯାଇଥିବା ବେଳେ ଶ୍ରୀ ଗଣେଶଙ୍କୁ ବାହାରେ ଜଗାଇ ଦେଇ ଯାଇଥିଲେ। ସେହି ସମୟରେ ଶିବ ସେଠାକୁ ଆସିଥିଲେ । ଗଣେଶ ନିଜ ପିତାଙ୍କୁ ମଧ୍ୟ ପ୍ରେବଶ କରିବାକୁ ଦେଇନଥିଲେ। ମହାଦେବ ବୁଝାଇବାକୁ ଚେଷ୍ଟା କରି ମଧ୍ୟ ବିଫଳ ହେଲେ କ୍ରୋଧ ଜର୍ଜରିତ ହୋଇ ଗଣେଶଙ୍କ ସହିତ ଶିରଚ୍ଛେଦ କରିଥିଲେ । ପାର୍ବତୀ ଆସିବା ପରେ ମହାଦେବ ନିଜ ପୁତ୍ରର ପରିଚୟ ପାଇଥିଲେ । ସେତେବେଳେକୁ ମୁଣ୍ଡ ଗଣ୍ଡିରୁ ଅଲଗା ହୋଇଯାଇଥିଲା ସେହି ସମୟ ରେ ଉତ୍ତର ଦିଗକୁ ମୁହଁ କରି ଶୋଇ ଥିବା ଏକ ହାତୀର ମୁଣ୍ଡ କାଟି ଆଣି ଅଲଗା ହୋଇଯାଇଥିବା ଗଣ୍ଡି ରେ ହାତୀର ମୁଣ୍ଡକୁ ଯୋଡ଼ି ଜୀବନ ଦାନ ଦେଇଥିଲେ। ନିଜର ଦାୟିତ୍ୱ , କର୍ତ୍ତବ୍ୟ, ନିଷ୍ଠା ଓ ମାଙ୍କ ପ୍ରତି ଥିବା ଭଲ ପାଇବା ଆଗରେ ପିତାଙ୍କ କ୍ରୋଧରେ ଶିକାର ହେବାକୁ ମଧ୍ୟ ପଛାଇନଥିଲେ।



ଶାସ୍ତ୍ର ମତେ ଗଣେଶଙ୍କ ନାମ ଏକଦନ୍ତ, ଗଣପତି, ଗଜବକ୍ର, ଗଜାନନ, ବକ୍ରତୁଣ୍ଡ ,ବିକଟ, ବିଘ୍ନରାଜେନ୍ଦ୍ର, ବିନାୟକ, ଧୂମ୍ରବର୍ଣ୍ଣ, ଲମ୍ବୋଦର, ଭାଲଚନ୍ଦ୍ର। ଭଗବାନ ଶ୍ରୀ ଗଣେଶ ପାର୍ବତୀଙ୍କ ନୂପୁରର ଶବ୍ଦ ଶୁଣି ନୃତ୍ୟ ଶିଖିଥିଲେ। ପିତା ଶିବଙ୍କ ଡମ୍ବରୁ ଶବ୍ଦ ଶୁଣି ଚାରି ବେଦ ଆୟତ କରିଥିଲେ । ତାଙ୍କର ଏହି ବିଶାଳ ବିଦ୍ୟାଭଣ୍ଡାର ତାଙ୍କର ପେଟ ସେଥିପାଇଁ ତାଙ୍କ ନାମ ଲମ୍ବୋଦର।

ପ୍ରଭୁ ଶ୍ରୀ ଗଣେଶ ଭକ୍ତ ଜୀବନର ସବୁ ବାଧା ବିଘ୍ନ ଦୂରେଇ ଦିଅନ୍ତି ସେଥିପାଇଁ ସେ ବିନାୟକ । ଗଜ ବା ହାତୀର ମୁଣ୍ଡ ଥିବା ଦେବତା ପ୍ରଭୁ ଶ୍ରୀ ଗଜାନନ। 'ଗ' ର ଅର୍ଥ ମୋକ୍ଷ ପ୍ରାପ୍ତି ସମାଧିରେ ଥିବା ଯୋଗୀ । 'ଜ ' ର ଅର୍ଥ ଜୀବନ ପ୍ରତି ସାଂସାରିକ ଦୃଷ୍ଟିକୋଣ, ଅର୍ଥାତ୍ ସଂସାର ଭିତରେ ମୋକ୍ଷ ପ୍ରାପ୍ତି କରାଇ ପାରନ୍ତି ଗଜାନନ ।

ପୌରାଣିକ ମତରେ ପ୍ରଭୁ ଶ୍ରୀ ଗଣେଶ ସତ୍ୟ ଯୁଗରେ ଋଷି କାଶ୍ୟପ ଓ ଅଦିତିଙ୍କ ଘରେ ମହଙ୍କତ ବିନାୟକ ରୂପରେ ଜନ୍ମ ନେଇ ଦେବନ୍ତାକ ଓ ନରାନ୍ତକ ନାମକ ରାକ୍ଷସ ଙ୍କୁ ବଧ କରିଥିଲେ। ତ୍ରେତୟା ଯୁଗରେ ଭାଦ୍ରବ ଶୁକ୍ଳ ପକ୍ଷ ଚତୁର୍ଥୀ ରେ ଉମାଙ୍କ ଘରେ ଜନ୍ମି ଗଣେଶ ରୂପରେ ଜନ୍ମି ସିନ୍ଧୁ ନାମକ ରାକ୍ଷସ କୁ ବଧ କରିବା ସହ ବ୍ରହ୍ମାଙ୍କ ପୁତ୍ରି ଦ୍ୱୟ ରିଦ୍ଧି ଓ ସିଦ୍ଧିଙ୍କୁ ବିବାହ କରିଥିବାର ପୁରାଣ ରେ ବର୍ଣ୍ଣିତ ଅଛି। ଦ୍ୱାପର ଯୁଗରେ ଗଣେଶ ରୂପରେ ପାର୍ବତୀଙ୍କ ପୁତ୍ର ଭାବରେ ପୁରାଣରେ ବର୍ଣ୍ଣିତ । କଳି ଯୁଗରେ ଭବିଷ୍ୟ ପୁରାଣ ଅନୁସାରେ ଧୂମ୍ରକେତୁ ରୂପରେ ଅବତାର କଥା ବର୍ଣ୍ଣିତ ହୋଇଅଛି।

ପୌରାଣିକ ଅନୁଯାୟୀ ପ୍ରଭୁ ଶ୍ରୀ ଗଣେଶ ଗଜମୁଖାସୁରନାମକ ଏକ ଅସୁର ସହିତ ଯୁଦ୍ଧ କରିଥିଲେ। ଗଜମୁଖାସୁରଙ୍କୁ କୌଣସି ଅସ୍ତ୍ରରେ ହତ୍ୟା କରାଯାଇ ପାରିବ ନାହିଁ ବୋଲି ସେ ଆଶୀର୍ବାଦ ପ୍ରାପ୍ତ ହୋଇଥିଲେ । ଏହି ଆଶୀର୍ବାଦ ଯୋଗୁଁ ଗଜମୁଖାସୁରଙ୍କ ଉପରେ ପ୍ରଭୁ ଶ୍ରୀ ଗଣେଶଙ୍କ କୌଣସି ଅସ୍ତ୍ରର ପ୍ରହାର କାମ କରୁନଥିଲା। ଶେଷରେ ଶ୍ରୀ ଗଣେଶ ନିଜର ଗୋଟିଏ ଦାନ୍ତ ସାହାଯ୍ୟରେ ଗଜମୁଖାସୁରଙ୍କୁ ଆକ୍ରମଣ କରିଥିଲେ ।

ଏଥିରେ ଭୟଭୀତ ହୋଇ ଗଜମୁଖାସୁର ଏକ ମୂଷା ରୂପ ଧାରଣ କରି ସେଠାରୁ ଖସି ପଳାଇ ଯାଉଥିଲେ । ସେ ମୂଷା ରୂପ ରେ ଦଉଡ଼ି ଯାଉଥିବା ସମୟରେ ପ୍ରଭୁ ଗଣେଶ ତାଙ୍କୁ ଫାଶରେ ବାନ୍ଧି ରଖିଥିଲେ। ଏହା ପରେ ଗଜମୁଖାସୁର ଗଣେଶଙ୍କ ପାଦ ତଳେ ପଡି କ୍ଷମା ମାଗିଥିଲେ । ସେହି ଦିନଠାରୁ ଗଣେଶ ମୂଷା କୁ ନିଜ ବାହନ କରି ଏକ ନୂତନ ଜୀବନ ଦେଇଥିଲେ।

ପୌରାଣିକ କଥା ଅନୁସାରେ ପ୍ରଭୁ ଗଣେଶ ମହାଭାରତ ଲେଖିଥିଲେ । ବେଦବ୍ୟାସ ଯେତେବେଳେ ମହାଭାରତର ରୂପରେଖ ପ୍ରସ୍ତୁତ କରିଥିଲେ । ସେତେବେଳେ ଲେଖିବା ପାଇଁ ସେ ଗଣେଶଙ୍କୁ କହିଥିଲେ । ଶାସ୍ତ୍ର ଅନୁସାରେ, ଏପରି କରିବା ପାଇଁ ବ୍ରହ୍ମା ହିଁ ବେଦବ୍ୟାସଙ୍କୁ ପରାମର୍ଶ ଦେଇଥିଲେ । ଗୋଟିଏ ଦାନ୍ତକୁ ସେ କଲମ ରୂପେ ବ୍ୟବହାର କରି ମହାଭାରତ ଲେଖିଥିଲେ ବୋଲି ବିଶ୍ୱାସ କରାଯାଏ।

ପୁରାଣ ରେ ବର୍ଣ୍ଣିତ ଅଛି ଭଗବାନ ଶିବ ଓ ମାତା ପାର୍ବତୀ ତାଙ୍କ ଦୁଇ ପୁଅଙ୍କୁ କହିଥିଲେ ଯିଏ ପ୍ରଥମେ ପୃଥିବୀ ଭ୍ରମଣ କରିପାରିବ। ସେ ଏହି ଲଡ୍ଡୁ ଖାଇବ ବୋଲି ସର୍ତ୍ତ ରଖିଥିଲେ । କାର୍ତ୍ତିକଙ୍କ ବାହନ ମୟୂର ସେ ପୃଥିବୀ ଚାରିପଟେ ଭ୍ରମଣ କରିଥିଲେ । କିନ୍ତୁ ପ୍ରଭୁ ଶ୍ରୀ ଗଣେଶ କେବଳ ପ୍ରଭୁ ଶିବ ଓ ମାତା ପାର୍ବତୀଙ୍କ ଚାରିପଟେ ବୁଲିଆସିଥିଲେ । ନିଜ ପିତାମାତାଙ୍କୁ ସେ ତିନିଲୋକ ସମାସ୍କନ୍ଦ ଭାବି ତାଙ୍କ ଚାରି ପଟେ ବୁଲିଥିଲେ । ଏହା ଦେଖି ପ୍ରଭୁ ଶିବ ବେଶ ଖୁସି ହୋଇଥିଲେ । ମାତା ପାର୍ବତୀ ଓ ପିତା ଶିବ ଗଣେଶଙ୍କ ବୁଦ୍ଧିରେ ପ୍ରସନ୍ନ ହୋଇ ତାଙ୍କୁ ଲଡ୍ଡୁ ଦେଇଥିଲେ।

ସଂସ୍କୃତ, ତାମିଲ, କନ୍ନଡ ଓ ତେଲଗୁ ଭାଷାରେ ବିନାୟକ ଚତୁର୍ଥୀ ବା ବିନାୟକ ଚବିଥି, କୋଙ୍କଣୀ ଭାଷାରେ ବିନାୟକ ଚବଥ ଏବଂ ନେପାଳୀରେ ବିନାୟକ ଚଥା ଭାବରେ ପ୍ରଚଳିତ। ଏହି ପର୍ବ ଦଶ ଦିନ ଧରି ଚାଲେ। ମହାରାଷ୍ଟ୍ର, ଗୁଜୁରାଟ, କର୍ଣ୍ଣାଟକ ଏବଂ ଆନ୍ଧ୍ର ପ୍ରଦେଶରେ ଏହି ପୂଜା ବହୁ ଧୁମଧାମରେ ପାଳନ କରାଯାଏ। ଯେହେତୁ ଗଣେଶ ପୂଜା ଏକ ଧାର୍ମିକ ପର୍ବ ଏହାକୁ ବାହାର ଦେଶ ମାନଙ୍କରେ ମଧ୍ୟ ପାଳନ କରାଯାଏ। ନେପାଳ, ଅଷ୍ଟ୍ରେଲିଆ, ନିୟୁଜିଲାଣ୍ଡ, କାନାଡା, ସିଙ୍ଗାପୁର, ମାଲେସିଆ, ସାଉଥ ଆଫ୍ରିକା, ଆମେରିକା, ଏବଂ ୟୁରୋପ ଇତ୍ୟାଦି ଦେଶ ମାନଙ୍କରେ ପ୍ରଭୁ ଶ୍ରୀ ଗଣେଶଙ୍କୁ ଆରାଧନା କରାଯାଏ ।

ପ୍ରଭୁ ଶ୍ରୀ ଗଣେଶଙ୍କଠାରୁ ଆମକୁ ଅନେକ କିଛି ଶିଖିବାକୁ ମିଳେ । ପ୍ରଭୁ ଶ୍ରୀ ଗଣେଶଙ୍କର କର୍ତ୍ତବ୍ୟନିଷ୍ଠ, ବାସ୍ତବବାଦୀ, ଜାଗ୍ରତ ହେବା ଏହି ସବୁ ଆମକୁ ଶିକ୍ଷା ଦିଏ। ଅଗ୍ରପୂଜ୍ୟ ପ୍ରଭୁ ଶ୍ରୀ ଗଣେଶ ହେଉଛନ୍ତି ଲୋକ ମାନଙ୍କର ଭଗବାନ। ପ୍ରଭୁ ଶ୍ରୀ ଗଣେଶ ଭକ୍ତଙ୍କ ଦୁଃଖ ଦୁର୍ଦ୍ଦଶା ଦୂର କରି ମୁକ୍ତି ପ୍ରଦାନ କରିଥାନ୍ତି ।


ନୀଳଗିରି, ବାଲେଶ୍ୱର


# ଗଣାଧିପତୟେ ନମଃ


ଯଶସ୍ୱିନୀ ପଟ୍ଟନାୟକ




ବିଦ୍ୟା, ବୁଦ୍ଧି, ସିଦ୍ଧି, ସମୃଦ୍ଧି, ସୌଭାଗ୍ୟର ଦେବତା ତଥା ଅଗ୍ରପୂଜ୍ୟ ଗଣନାଥଙ୍କ ଜନ୍ମଦିନ ଭାଦ୍ରବ ମାସ ଶୁକ୍ଳ ଚତୁର୍ଥୀରେ ପାଳନ କରାଯାଏ ଗଣେଶ ଚତୁର୍ଥୀ ବା ଗଣେଶ ପୂଜା । ପ୍ରାୟ ପ୍ରତ୍ୟେକ ଘରେ ଏବଂ ଶିକ୍ଷାନୁଷ୍ଠାନରେ ଅନୁଷ୍ଠିତ ହୁଏ ଗଣେଶ ପୂଜା । ପ୍ରତ୍ୟେକ ଶୁଭ କାମ, ପୂଜା ଆଦିର ପ୍ରଥମେ ଉଚ୍ଚାରଣ କରାଯାଏ 'ଶ୍ରୀ ଗଣେଶାୟ ନମଃ' ଏବଂ ପୂଜା କରାଯାଏ ନିମ୍ନ ବିନାଶକ ବିନାୟକ ବା ଗଣପତିଙ୍କୁ । ଗଣେଶଙ୍କ ବିଗ୍ରହର ଗଜମୁଖ ଆଦିମ ବାଣୀ ଓଁକାରର ପ୍ରତୀକ, ତେଣୁ ଗଣେଶ ଓଁକାର ସ୍ୱରୂପ ପରବ୍ରହ୍ମ ରୂପେ ପୂଜିତ । ଗଣେଶଙ୍କୁ ବିଶେଷ କରି ରାଶି ଲଡୁ, ନଡ଼ିଆ ଭୋଗ ରୂପେ ଅର୍ପଣ କରାଯାଏ । ରାଶିରେ ମସ୍ତିଷ୍କର ସ୍ନାୟୁ ସବଳ ହୁଏ । ତେଣୁ ଗଣେଶଙ୍କୁ ପୂଜା କରି ଏହି ଅବସରରେ ରାଶି ଲଡୁ ସେବନ କଲେ ମେଧାବୃଦ୍ଧିରେ ସହାୟକ ହୁଏ ।

'ବକ୍ରତୁଣ୍ଡ ମହାକାୟ ସୂର୍ଯ୍ୟକୋଟି ସମପ୍ରଭ, ନିର୍ବିଘ୍ନ କୁରୁମେ ଦେବ ସର୍ବ କାର୍ଯ୍ୟ ସୁସର୍ବଦା' । 'ଯିଏ ସ୍ୱୟଂ ଜଗତମାତା, ପୁଅ ଯାର ଜଗତଜିତା...... ଉମାରାଣୀ ଦେବୀ ଭବାନୀ କାହିଁକି ଭଲା ଏ ବିରଷ ମୁହଁ ।' ଦେବର୍ଷି ନାରଦ ବିରଷରେ ବସିଥିବା ମା'ପାର୍ବତୀଙ୍କୁ ଏପରି ପ୍ରଶଂସା ପରଶିଥିଲେ । ଶିବ-ପାର୍ବତୀଙ୍କ ଅଭିମାନ ଓ ଅଜ୍ଞାତବାସର ସମୟ । ଦେବର୍ଷି ନାରଦ ପୁଣି ଏମାନଙ୍କ ଭିତର ଉତ୍ତମ ବୁଝାମଣା କରି ସୁଖୀ ଦାମ୍ପତ୍ୟ ଜୀବନ ଫେରାଇବାକୁ ଚେଷ୍ଟା କଲେ । ମା'ସିନା ସହଜରେ ତରଳିଲେ ନାହିଁ, ହେଲେ ନାରଦଙ୍କ ପରାମର୍ଶରେ ଶିବ ପ୍ରୀତ ହୋଇ ଶମ୍ଭୁ-ନିଶୁମ୍ଭଙ୍କୁ ପତ୍ନୀ ପାର୍ବତୀଙ୍କ ସନ୍ଧାନରେ ପଠାଇଲେ । ବାର୍ତ୍ତା ମଧ ପଠାଇଲେ । ହେଲେ ମା' ପାର୍ବତୀଙ୍କୁ କୌଣସି ମତେ ଭେଟ କରାଇ ଦେଲେ ନାହିଁ ପୁତ୍ର ଗଣେଶ । ଚାଲିଲା ଯୁଦ୍ଧ, ଏଥିରେ ପରାସ୍ତ ହୋଇ ସେମାନେ ଯାଇ ଜଣାଇଲେ ମହାପ୍ରତାପୀ ମହାଦେବଙ୍କୁ । ଏହାପରେ ଠିକଣାସ୍ଥାନକୁ ଆସିଲେ ସ୍ୱୟଂ ଶିବ । ପାର୍ବତୀଙ୍କ ପାଖକୁ ମୋତେ ଛାଡ଼ ବୋଲି ଶିବ ଯେତେ ଜିଦ୍ ଧରିଲେ, ଏଥିରେ ଗଣେଶ ଆହରୁ ନାଛୋଡ଼ବନ୍ଧା ହେଲେ । କ୍ରମଶଃ ଉଭୟଙ୍କ ବୀରତ୍ୱର ବଚସା ହେଲା । ଆରମ୍ଭ ହେଲା ଯୁଦ୍ଧ । ଏଥିରେ ଶିବ ଭୟଙ୍କର ରୂପ ଧରି ଗଣେଶଙ୍କ ଶିର ଛେଦନ କଲେ । ଘଟଣାସ୍ଥଳରେ ପାର୍ବତୀ ପହଞ୍ଚି ସ୍ୱାମୀ ଶିବଙ୍କୁ ତିରସ୍କାର କଲେ । କହିଲେ ତୁମେ ତୁମ ପୁତ୍ରକୁ ବଧ କରିଛ । ଶିବ ଆଶ୍ଚର୍ଯ୍ୟ ହେଲେ । ଗଣେଶ କେମିତି ତାଙ୍କ ପୁଅ ? ପାର୍ବତୀ ନିଜ ଦେହର ମଳିକୁ ପିତୁଳା କରି ଏଥିରୁ ଗଣେଶଙ୍କୁ ଜନ୍ମ ଦେଇଛନ୍ତି ବୋଲି କହିଲେ । ପାର୍ବତୀଙ୍କ ସର୍ତ୍ତାନୁସାରେ ସ୍ୱାମୀ ଶିବଶଙ୍କର ପୁତ୍ର ଗଣେଶଙ୍କ ପାଇଁ ଉପାୟ ପାଞ୍ଚିଲେ । ବୀରବର ସେବକମାନଙ୍କୁ ପଠାଇ ପଶ୍ଚିମକୁ ମୁଣ୍ଡ କରି ଶୋଇଥିବା ହସ୍ତୀସାବକର ମୁଣ୍ଡ କାଟି ଆଣି ଗଣେଶଙ୍କ ଗ୍ରୀବାରେ ଯୋଡ଼ିଲେ । ଏହାପରେ ସଞ୍ଜିବନୀ ମନ୍ତ୍ର ଦେଇ ଗଣେଶଙ୍କୁ ପୁନର୍ଜନ୍ମ ଦେଲେ । ପୁତ୍ର ଗଣେଶଙ୍କୁ ସେ ଅନ୍ୟଦେବଦେବୀଙ୍କ ମଧ୍ୟରେ ସବୁଠୁ ଅଧିକ ବିଦ୍ୟାବୁଦ୍ଧିସମ୍ପନ୍ନ ହେବାର ସୌଭାଗ୍ୟ ପ୍ରଦାନ କଲେ । କେବଳ ସେତିକି ନୁହେଁ, ଗଣେଶ ସର୍ବ ଦେବଦେବୀଙ୍କ ମଧ୍ୟରେ ଅଗ୍ରପୂଜ୍ୟ ହେବେ ବୋଲି ଘୋଷଣା କଲେ । ସତକୁସତ ଗଣେଶ ହେଲେ ଅଗ୍ରପୂଜ୍ୟ । ପୁଣି ତାଙ୍କ ଦୁଇପାର୍ଶ୍ୱରେ ଅବସ୍ଥାନ କରିଥିବା ମା'ଲକ୍ଷ୍ମୀ ଧନର ଦେବୀ ଓ ମା' ସରସ୍ୱତୀ ବିଦ୍ୟାର ଦେବୀ ଭାବେ ବିଦିତ ହେଉଥିଲେ ମଧ୍ୟ ଏମାନଙ୍କ ଠାରୁ ଅଧିକ ବିଭବଶାଳୀ ଓ ବୁଦ୍ଧିବିଦ୍ୟାସମ୍ପନ୍ନ ତଥା ଶୁଭାଶୁଭ ଦେବତାଭାବେ ଗଣେଶ ସମର୍ଥ ଲାଭ କଲେ । ସେହିଦିନରୁ ଅନ୍ୟ ଦେବଦେବୀଙ୍କ ପୂଜା ପୂର୍ବରୁ ଶ୍ରୀଗଣେଶଙ୍କୁ ପୂଜାର୍ଚ୍ଚନା କରାଯାଇ ଆସୁଛି । ଆଜି ହେଉଛି ଶ୍ରୀଗଣେଶ ଚତୁର୍ଥୀ । ହିନ୍ଦୁମାନଙ୍କ ପାଇଁ ଉଦ୍ଦିଷ୍ଟ ବର୍ଷର ପ୍ରଥମ ପାର୍ବଣଭାବେ ଏହାକୁ ସାରା ଦେଶରେ ପାଳନ କରାଯାଉଛି । ପଲ୍ଲୀରୁ ସହର ସବୁଠି ପୂଜା ଅଧିଷ୍ଠିତ ହୋଇଛନ୍ତି ଶ୍ରୀଗଣେଶଙ୍କ ପ୍ରତିମା । କେଉଁଠି ସ୍ଥାୟୀ ବିଗ୍ରହଙ୍କୁ ତ ଆଉ କେଉଁଠି ସଦ୍ୟମୃତ୍ତିକାରେ ତିଆରି ଶ୍ରୀଗଣେଶ ମୃଣ୍ମୟଙ୍କୁ ଆବାହନ କରାଯାଇ ଶୋଡ଼ଷ ଉପଚାର ପୂଜା ନିବେଦନ କରାଯାଉଛି । ଅନ୍ୟ ଦେବଦେବୀଙ୍କ ପରି କୌଣସି ନିର୍ଦ୍ଦିଷ୍ଟ ବୟସ ବୟସ ବା ଶ୍ରେଣୀର ଲୋକଙ୍କ ପାଇଁ ସୀମିତ ନୁହେଁ ଏହି ପୂଜା । ସେହି ଅଗ୍ରପୂଜ୍ୟ ବିଘ୍ନ ବିନାଶକଙ୍କ ପୂଜା ସମଗ୍ର ଦେଶରେ ଖୁବ୍ ଧୁମ୍‌ଧାମରେ ପାଳନ କରାଯାଉଛି । କର୍ଣ୍ଣାଟକ, ମହାରାଷ୍ଟ୍ର, ତାମିଲନାଡୁ, ଆନ୍ଧ୍ର ପ୍ରଦେଶରେ ୧୦ ଦିନ ଧରି ଗଣେଶ ଚତୁର୍ଥୀ ଉତ୍ସବ ପାଳନ କରାଯାଏ । ଏହା ବ୍ୟତୀତ ପ୍ରବାସୀ ହିନ୍ଦୁମାନେ ମଧ ବ୍ରିଟେନ୍, ପ୍ୟାରିସ, ଯୁକ୍ତରାଷ୍ଟ୍ର ଆମେରିକା, କାନାଡ଼ା, ସିଙ୍ଗାପୁର, ମାଲେସିଆ, ଥାଇଲାଣ୍ଡ, ମରିସସ୍, ନେପାଳ, କାମ୍ବୋଡ଼ିଆ, ବର୍ମା, ଗୁଏନା ଆଦି ରାଷ୍ଟ୍ରରେ ଗଣନାଥଙ୍କ ପୂଜା କରନ୍ତି । ଶ୍ରୀଗଣେଶଙ୍କୁ ସାର୍ବଜନୀନ ଦେବତାଭାବେ ଆବାଳବୃଦ୍ଧବନିତା ପୂଜା ନିବେଦନ କରୁଛନ୍ତି । ତେବେ ଶ୍ରୀଗଣେଶ ଚତୁର୍ଥୀକୁ ଉପଯୁକ୍ତ ବୟସର ମହିଳା ଓ ପୁରୁଷମାନେ ଏକ ବ୍ରତ ଭାବେ ପାଳନ କରିଥିବାବେଳେ ଶିଶୁ, କିଶୋର ଓ ତରୁଣ ବୟସମାନ ପାଇଁ ଏହା ସାର୍ବଜନୀନ ପୂଜାଭାବେ ଆୟୋଜନ କରାଯାଇଥାଏ । ଛାତ୍ରଛାତ୍ରୀମାନେ ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା କରି ବିଦ୍ୟା ବୁଦ୍ଧି ଭିକ୍ଷା କରିଥାନ୍ତି । ଆଜିର ତିଥିରେ ସମସ୍ତଙ୍କର ଶୁଭାଶୁଭ ହେଉ ।


+ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,
ସେକ୍ଟର-୮, ସିଡିଏ, କଟକ


# ଶ୍ରୀ ଗଣେଶ ଓ ବାହନ ମୂଷିକ


ଡ଼ଃ. ଅରୁନ୍ଧତୀ ଦେବୀ


ଭାରତ ବର୍ଷରେ ପାଳିତ ହେଉଥିବା ଗଣପର୍ବ ମଧ୍ୟରୁ ଗଣେଶ ଉତ୍ସବ ପ୍ରମୁଖ ପର୍ବ ଭାବେ ପାଳିତ ହୋଇଥାଏ । ଏହି ପର୍ବ ଶ୍ରୀଗଣେଶଙ୍କ ଅବତରଣ ଦିବସ ଭାବେ ପାଳିତ ହୋଇଥାଏ । ସନାତନ ଧର୍ମରେ ଶ୍ରୀଗଣେଶଙ୍କୁ ପୂଜା କରାଯାଇଥାଏ । ତାଙ୍କୁ ମଧ୍ୟ ଅନ୍ୟ ଦେବାଦେବୀଙ୍କ ଆରାଧନା ପୂର୍ବରୁ ଅଗ୍ରପୂଜା ଭାବେ ପୂଜା କାରାଯାଇଥାଏ । କୌଣସି ଧାର୍ମିକ ବା ମାଙ୍ଗଳିକ କାର୍ଯ୍ୟ ମଧ୍ୟ ଯଥା ବିବାହ, ବ୍ରତୋପନୟନ, ଯଜ୍ଞାଦି ଅନୁଷ୍ଠାନ, ଗୃହାରମ୍ଭ, ଗୃହପ୍ରତିଷ୍ଠା, ଦେବାଳୟ ପ୍ରତିଷ୍ଠାରେ ଶ୍ରୀଗଣେଶଙ୍କୁ ଅଗ୍ରପୂଜ୍ୟ ଭାବେ ପୂଜା କରାଯାଇଥାଏ । ଆରମ୍ଭରୁ ମଙ୍ଗଳ କାମନା ଉଦ୍ଦେଶ୍ୟରେ ବା ବିଘ୍ନ ଦୂର କରିବା ଲାଗି ଶ୍ରୀଗଣେଶଙ୍କ ଆବାହନ କରାଯାଇଥାଏ । ଶିବ ପୁରାଣର ରୁଦ୍ରସଂହିତା ଅନ୍ତର୍ଗତ କୁମାର ଖଣ୍ଡରେ ଥିବା ବର୍ଣ୍ଣନା ଅନୁଯାୟୀ ମାତା ପାର୍ବତୀ ସ୍ନାନ କରିବା ପୂର୍ବରୁ ନିଜ ଶରୀରର ମଇଳାରୁ ଏକ ବାଳକର ମୂର୍ତ୍ତି ଗଢ଼ି ତାକୁ ଜୀବନଦାନ ଦେବା ସହ ଦ୍ୱାରପାଳ ଭାବେ ନିଯୁକ୍ତ କରିଥିଲେ । ଏହାପରେ ମାତା ପାର୍ବତୀ ଗୁମ୍ଫା ମଧ୍ୟରୁ ତପସ୍ୟା କରିବାକୁ ଚାଲିଯାଇଥିଲେ । ଏହି ସମୟରେ ଭଗବାନ ଶିବ ମାତା ପାର୍ବତୀଙ୍କୁ ଦେଖା କରିବା ଲାଗି ଗୁମ୍ଫା ମଧ୍ୟକୁ ଯିବାକୁ ଉଦ୍ୟତ ହୁଅନ୍ତେ ଦ୍ୱାରପାଳ ଥିବା ସେହି ବାଳକ ସହ ତାଙ୍କର ଯୁଦ୍ଧ ହେଲା । ମାତ୍ର ବାଳକ ଜଣକ ଅତି ସହଜରେ ଶିବଙ୍କୁ ପରାସ୍ତ କରି ଦେଇଥିଲା । ଶେଷରେ ବିଷ୍ଣୁଙ୍କ ମାୟା କ୍ରମେ ମହାଦେବ ନିଜ ତ୍ରିଶୂଳରେ ବାଳକର ମୁଣ୍ଡ କାଟ କରିଥିଲେ । ଏହାଦେଖି ମାତା ଜଗଦମ୍ବା ଦୁଃଖ ଏବଂ କ୍ରୋଧରେ ସମଗ୍ର ସୃଷ୍ଟିର ପ୍ରଳୟ କରିଦେବାକୁ ବାହାରିଲେ । ଏହି ସମୟରେ ଦେବର୍ଷି ନାରଦଙ୍କ ପରାମର୍ଶ କ୍ରମେ ଦେବତାମାନେ ଜଗଦମ୍ବାଙ୍କ ସ୍ତୁତି କରିବା ପରେ ଦେବୀ ଶାନ୍ତ ହୋଇଥିଲେ । ଭଗବାନ ଶିବଙ୍କ ଆଦେଶକ୍ରମେ ଶିବଗଣମାନେ ଉତ୍ତରଦିଗକୁ ମୁଖ କରି ଶୋଇଥିବା ଏକ ହସ୍ତୀର ମସ୍ତକକୁ ଆଣି ବାଳକର ମସ୍ତକରେ ସଂଯୋଗ କରିଥିଲେ । ଏହାପରେ ମୃତ୍ୟୁଞ୍ଜୟ ମହାଦେବ ସେହି ବାଳକକୁ ଜୀବନଦାନ ଦେବା ସହ ଶିବଗଣମାନଙ୍କର ଅଧ୍ୟକ୍ଷ ବା ଈଶ ଦାୟିତ୍ୱ ଦେଇଥିଲେ । ଫଳରେ ତାଙ୍କର ନାମ ଗଣେଶ ହେଲା । ଶ୍ରୀଗଣେଶଙ୍କ ଗିରିଜାନନ୍ଦନ ନାମରେ ଅଭିହିତ କରି ତାଙ୍କୁ ସମସ୍ତ ବିଘ୍ନ ହରଣ କରିବାର ଅମାପ କ୍ଷମତା ମହାଦେବ ପ୍ରଦାନ କରିଥିଲେ । ଭାଦ୍ରମାସ ଶୁକ୍ଳପକ୍ଷ ଚତୁର୍ଥୀ ଦିନ ଚନ୍ଦ୍ରମା ଉଦୟ ହେବା ସମୟରେ ଶ୍ରୀଗଣେଶଙ୍କ ଅବତରଣ ହୋଇଥିବାରୁ ଏହି ଦିନ ବ୍ରତ ରଖୁଥିବା ମନୁଷ୍ୟର ସମସ୍ତ ବିଘ୍ନ ନାଶ ହେବ ବୋଲି ମହାଦେବ ବରଦାନ ଦେଇଥିଲେ । ବ୍ରହ୍ମା, ବିଷ୍ଣୁ ଓ ଅନ୍ୟ ଦେବଗଣ ଶ୍ରୀଗଣେଶଙ୍କୁ ସର୍ବଦେବଙ୍କ ଅଧ୍ୟକ୍ଷ ଭାବେ ଅଭିହୀତ କରିବା ସହ ଅଗ୍ରପୂଜ୍ୟ ହେବାର ବରଦାନ ଦେଇଥିଲେ ।



ଦେବରାଜ ଇନ୍ଦ୍ରଙ୍କ ସଭାରେ କ୍ରୋଞ୍ଚ ନାମରେ ଜଣେ ଦେବତା ଥିଲେ । ଥରେ ସେ ଭୁଲବଶତଃ ମୁନି ବାମଦେବଙ୍କ ପାଦ ଉପରେ ଚଢ଼ିଗଲେ । ମାତ୍ର ବାମଦେବ ଭାବିଲେ, କ୍ରୋଞ୍ଚ ଜାଣି ଶୁଣି ତାଙ୍କ ପାଦରେ ଚଢ଼ି ଯାଇଛନ୍ତି । ବାମଦେବ ତୁରନ୍ତ କ୍ରୋଞ୍ଚଙ୍କୁ ମୂଷା ହୋଇଯିବା ଲାଗି ଅଭିଶାପ ଦେଲେ । ମୁନି ବାମଦେବଙ୍କ ପାଦ ତଳେ ପଡ଼ି କ୍ରୋଞ୍ଚ କ୍ଷମା ପ୍ରାର୍ଥନା କଲେ । ହେଲେ ଅଭିଶାପ ଫେରାଇ ନେବା ସମ୍ଭବପର ନଥିଲା । ଏଣୁ ଶ୍ରୀଗଣେଶଙ୍କ ବାହନ ହେବା ଲାଗି କ୍ରୋଞ୍ଚଙ୍କୁ ମୁନି ବାମଦେବ ବରଦାନ ଦେଲେ । ଏହାପରେ କ୍ରୋଞ୍ଚ ଏକ ବିଶାଳକାୟ ମୂଷାରେ ପରିଣତ ହୋଇଗଲେ । କିଛି ଦିନ ମର୍ତ୍ତ୍ୟଲୋକରେ ରହିବା ପରେ ଏହି ମୂଷିକର ଉପଦ୍ରବ ବୃଦ୍ଧି ପାଇଲା । ମର୍ତ୍ତ୍ୟବାସୀ ତ୍ରାହି ତ୍ରାହି ଡାକିଲେ । ଦିନେ ଋଷି ପରାଶରଙ୍କ ଆଶ୍ରମକୁ ଶ୍ରୀଗଣେଶ ଆସିଥାନ୍ତି । ଏହି ସମୟରେ କ୍ରୋଞ୍ଚର ଉପଦ୍ରବ ବିଷୟରେ ସେ ଶୁଣିବାକୁ ପାଇଲେ । ଶ୍ରୀଗଣେଶ ନିଜର ପାଶ ଫିଙ୍ଗି କ୍ରୋଞ୍ଚକୁ ବଶ କରିଦେଲେ । ଅନ୍ୟ ଉପାୟ ନପାଇ କ୍ରୋଞ୍ଚ ବିଘ୍ନହର୍ତ୍ତାଙ୍କ ଶରଣାପନ୍ନ ହେଲା । ଶ୍ରୀଗଣେଶ ତା'କୁ କ୍ଷମା କରିବା ସହ ନିଜର ବାହନ ରୂପେ ଗ୍ରହଣ କରିନେଲେ । ପ୍ରଭୁ ଗଜାନନଙ୍କ ପୂଜା ଆଜି ସବୁଠି ପାଳିତ ହେଉଛି, ପ୍ରଭୁ ଗଜାନନ ସମସ୍ତଙ୍କୁ ବିଦ୍ୟା ଓ ବୁଦ୍ଧି ପ୍ରଦାନ କରନ୍ତୁ ଏହା ହିଁ ଆଜିର ଦିନ ପାଇଁ ପ୍ରାର୍ଥନା।


ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ମୋ : ୯୯୩୭୧୭୨୮୧୦

# ନମୋ ଗଣେଶ ବିଘ୍ନେଶ...



ଧ୍ୱନି ପ୍ରତିଧ୍ୱନି
♣ ବାଲେଶ୍ୱର ♣ ମଙ୍ଗଳବାର, ୧୯ ସେପ୍ଟେମ୍ବର, ୨୦୨୩



## ଗଣ ଦେବତା ଶ୍ରୀଗଣେଶ

**ନେତାଜୀ ତାପସ କୁମାର ସାହୁ**

ବକ୍ର ତୁଣ୍ଡ ମହାକାୟ
ସୂର୍ଯ୍ୟ କୋଟି ସମପ୍ରଭ
ନିର୍ବିଘ୍ନମ୍ କୁରୁମେ ଦେବ
ସର୍ବ କାର୍ଯ୍ୟେସୁ ସର୍ବଦା ।

ଦେବାଧିଦେବ ମହାଦେବ ଓ ମାତା ପାର୍ବତୀଙ୍କ ପୁତ୍ର ହେଉଛନ୍ତି ଅଗ୍ରପୂଜ୍ୟ ପ୍ରଭୁ ଶ୍ରୀଗଣେଶ । ଭାଦ୍ରବ ଶୁକ୍ଳ ଚତୁର୍ଥୀ ତିଥିରେ ଆବିର୍ଭାବ ହୋଇଥିବା ପ୍ରଭୁ ନିଜର ପିତୃ ମାତୃ ଭକ୍ତି, କର୍ତ୍ତବ୍ୟ ନିଷ୍ଠା, ଦୃଢ ସଂକଳ୍ପ ବଦ୍ଧତା, ସମାଜ ମାର୍ଗ ଦର୍ଶକ ସର୍ବୋପରି ବିଘ୍ନ ବିନାଶ କରି ଅସମ୍ଭବକୁ ସମ୍ଭବ କରୁଥିବାରୁ ସେ ପ୍ରତିଟି ବ୍ୟକ୍ତି ବିଶେଷ ଠୁ ନେଇ ଦେବାଦେବୀଙ୍କର ଖୁବ୍ ପ୍ରିୟ ଓ ଆଦର୍ଶ ମଧ୍ୟ ।

ଶ୍ରୀଗଣେଶଙ୍କ ଆବିର୍ଭାବ ଯେତିକି ରୋଚକ ସେତିକି ପ୍ରେରଣା ଦାୟୀ । ମାତା ପାର୍ବତୀ ସ୍ନାନ ସମୟରେ ନିଜର ଅଙ୍ଗ ମଳିରୁ ଏକ ପିଣ୍ଡୁଳା ଗଢି ତୋଳିଥିଲେ, ଯାହାଙ୍କୁ ଜୀବ ନ୍ୟାସ ଦେଇଥି । ମାତାଙ୍କ ପ୍ରିୟ ପୁତ୍ର ଗଣେଶ ନିଜର ମାଆଙ୍କ ଧ୍ୟାନରେ ବ୍ୟାଘାତ ସୃଷ୍ଟି ନ ହେବା ପାଇଁ ଦ୍ୱାରପାଳ ରୂପେ କାର୍ଯ୍ୟ ସଂପାଦନ କରୁଥିବା ବେଳେ ପିତା ଶିବ ନିଜର ସାଧନା ବଳରେ ପାର୍ବତୀଙ୍କ ସନ୍ଧାନ ପାଇ ଆସି ସେହି ଗୁମ୍ଫା ନିକଟରେ ପହଞ୍ଚି ପ୍ରବେଶ ପାଇଁ ଉଦ୍ୟମ କରୁଥିବା ବେଳେ ଗଣେଶ ତାଙ୍କୁ ରୋକିଥିଲେ । ଏହାପରେ ଉଭୟ ପିତା ପୁତ୍ର ମଧ୍ୟରେ ହୋଇଥିବା ଘମାଘୋଟ ଲଢେଇରେ ଗଣେଶଙ୍କ ଶିର ଛେଦ କରିଥିଲେ ମହାଦେବ । ଗୁମ୍ଫା ଭିତରେ ପ୍ରବେଶ କରନ୍ତେ ପାର୍ବତୀଙ୍କୁ ଦେଖି ଖୁବ୍ ଖୁସି ହୋଇଥିଲେ କିନ୍ତୁ ଶ୍ରୀଗଣେଶଙ୍କ ଶିର ଛେଦ କଥା ଶୁଣି ମାତା ପାର୍ବତୀ ମ୍ରିୟମାଣ ହୋଇ ପଡିଥିଲେ ଏବଂ ଶିବ ନିଜ ଅଜାଣତରେ କରିଥିବା ଭୁଲ ପାଇଁ ଅନୁତପ୍ତ ହୋଇଥିଲେ । ଶିବ ଗଣଙ୍କୁ ପଠାଇ ହାତୀ ମୁଣ୍ଡ ଆଣିଲା ପରେ ଶ୍ରୀବିଷ୍ଣୁଙ୍କ ଆର୍ଶୀବାଦ ପରେ ପୁନଃ ଗଣେଶ ଜୀବନ୍ୟାସ ପାଇଥିଲେ । ସମସ୍ତ ଦେବାଦେବୀଙ୍କ ଆଶୀର୍ବାଦ ତଥା ବରଦାନ ପାଇବା ପରେ ମାତୃ ଆଜ୍ଞା ପାଳନ କରି ଥିବା ଯୋଗୁଁ ତାଙ୍କୁ ଅଗ୍ରପୂଜ୍ୟର ବରଦାନ ମିଳିଲା ।

ସେଇଥି ପାଇଁ ଗୀତା, ରାମାୟଣ ହେଉ କିମ୍ବା ଯେକୌଣସି ଧର୍ମ ଗ୍ରନ୍ଥରେ ମଧ୍ୟ ପ୍ରଥମେ ମାଆଙ୍କ ବନ୍ଦନା କରାଯାଇଛି ।

'ତ୍ୱମେବ ମାତା ଚ ପିତା ତ୍ୱମେବ' ହେଉ ଅବା 'ଭବାନୀ ଶଙ୍କର ବନ୍ଦେ, ଶ୍ରଦ୍ଧା ବିଶ୍ୱାସ ରୂପିଣୌ' ।

ମୋଦକ ପ୍ରିୟ ଗଣେଶ, ଦିନେ ଭାଇ କାର୍ତ୍ତିକଙ୍କ ସହ ବସି ମୋଦକ ଖାଉଥିବା ବେଳେ ଥାଳିରେ ଥିବା ଶେଷ ମୋଦକଟି କିଏ ଖାଇବ ସେ ପାଇଁ ଉଭୟଙ୍କ ମଧ୍ୟରେ ବାଜି ଲାଗିଥିଲା ଯିଏ ପ୍ରଥମେ ବିଶ୍ୱ ଭ୍ରମଣ କରି ଆସିବେ, ସେ ହିଁ ମୋଦକ ଖାଇବେ । ତେଣୁ କାର୍ତ୍ତିକ ନିଜର ମୟୂର ବାହାନ ସହ ବିଶ୍ୱ ଭ୍ରମଣ ପାଇଁ ବାହାରି ପଡିଥିବା ବେଳେ ଶ୍ରୀଗଣେଶ ବିଚାର କରିଥିଲେ ପିତା ମାତା ହେଉଛନ୍ତି ବିଶ୍ୱର ସବୁଠାରୁ ବଡ଼ ଦେବାଦେବୀ, ଯେଉଁମାନେ ଆମକୁ ଆଦ୍ୟ ଜ୍ଞାନ ପ୍ରଦାନ କରିବା ସହ ପ୍ରତିଟି ପାଦରେ ତାଙ୍କର ଆଶୀର୍ବାଦ ଓ ପରାମର୍ଶ ଆମକୁ ସଫଳ ବ୍ୟକ୍ତିତ୍ୱ ରୂପେ ଗଢି ତୋଳିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ତେଣୁ ଶ୍ରୀଗଣେଶ ପିତା ମାତାଙ୍କୁ ବନ୍ଦନା କରି ତାଙ୍କର ଚାରି ପଟେ ପରିକ୍ରମା କରିଥିଲେ ଏବଂ କହିଥିଲେ ପିତା ମାତା ହେଉଛନ୍ତି ବିଶ୍ୱଠୁ ବଡ । ନିଜର ଯୁକ୍ତି ଯୁକ୍ତ ତର୍କ ଉପସ୍ଥାପନା ଯୋଗୁଁ କେବଳ ମୋଦକ ପାଇଲେ ନୁହ ସମଗ୍ର ଜଗତରେ ପିତା ମାତାଙ୍କ ବିଷୟରେ ଗୁରୁତ୍ୱପୂର୍ଣ୍ଣ ଦାର୍ଶନିକ ଶିକ୍ଷା ପ୍ରଦାନ କରିଥିଲେ ।



ଗଣେଶଙ୍କ ମସ୍ତକ ହେଉଛି ହାତୀ ମୁଣ୍ଡ, ଯାହାକି ବାର୍ତ୍ତା ଦେଇଥାଏ ବଡ଼ ମୁଣ୍ଡରେ ବଡ କଥା ଭାବିବା ପାଇଁ । ଅର୍ଥାତ ବିଶାଳ ଚିନ୍ତା ଓ ଚେତନାର ଅଭ୍ୟୁଦୟ ପାଇଁ ବିଶାଳ ଭାବନାର ଆବଶ୍ୟକତା ରହିଛି । ଦୁଇଟି ଛୋଟ ଆଖି ଆମକୁ ସୂକ୍ଷ୍ମାତିସୂକ୍ଷ୍ମ ବିଷୟରେ ଅଧିକ ଧ୍ୟାନ କେନ୍ଦ୍ରୀଭୂତ କରିବା ଉଚିତ୍, ଯାହାକି ବ୍ୟକ୍ତିକୁ କେବେ ବି ପଥଭ୍ରଷ୍ଟ କରିବ ନାହିଁ । ଗୋଟିଏ ଶୁଣ୍ଢ ଓ ଦୁଇଟି ବଡ଼ କାନର ବିଶେଷତ୍ୱ ହେଉଛି ସବୁବେଳେ କାନ ଖୋଲା ରଖିବା ସହ ଅଧିକରୁ ଅଧିକ ଶୁଣିବାକୁ ଉଦ୍ୟମ କରିବା ଉଚିତ, ଯାହାକି ଜ୍ଞାନ ବର୍ଦ୍ଧକ ଓ ସମାଜ ହିତ ସାଧନ ପାଇଁ ଉଦ୍ଦିଷ୍ଟ କଥାକୁ ଗ୍ରହଣ କରିବା ଦରକାର । ସେହିପରି ଶୁଣ୍ଢର ବାର୍ତ୍ତା ହେଉଛି ସବୁବେଳେ ସକ୍ରିୟ ଓ ସଚେତନ ରହିବା ଉଚିତ୍ ଏବଂ ଆବଶ୍ୟକ ଅନୁସାରେ କଥା କହିବା ସହ ବାକ୍ ସଂଯମତା ହିଁ ମନୁଷ୍ୟ ଜୀବନର ଉତ୍ଥାନ ପତନର ମୁଖ୍ୟ କାରଣ ହୋଇଥାଏ । ବିଶାଳ ଲମ୍ବୋଦରର ବିଶେଷତା ହେଉଛି ଭୁଲ ଠିକ୍‌କୁ ବିଚାର ପୂର୍ବକ ଚୟ ପଚୟ କରିଲେ ହିଁ ଜୀବନର ଗତି ସନ୍ତୁଳିତ ହେବ, ଅନ୍ୟଥା ପ୍ରତିଟି କଥାରେ ବିଘ୍ନ ଉପୁଜିବ । ହାତରେ ଥିବା ମୋଦକ ସାଧନାର ଫଳ ପ୍ରାପ୍ତି ପାଇଁ ଉଦ୍ଦିଷ୍ଟ ହୋଇଥିବା ବେଳେ ପାଦ ତଳେ ଥିବା ଲଡୁ ଓ ମୂଷିକଙ୍କର ସାଙ୍କେତିକ ଅର୍ଥ ହେଉଛି ସମସ୍ତ ଇଚ୍ଛାକୁ ନିୟନ୍ତ୍ରଣରେ ରଖିବା ଉଚିତ୍ । ଯାହାକି ଅନେକ ସମୟରେ ମନୁଷ୍ୟର ପଞ୍ଚ ଇନ୍ଦ୍ରିୟକୁ ବିଚଳିତ କରିବା ସହ ପଥ ଭ୍ରଷ୍ଟ କରିଥାଏ । ଗଣେଶଙ୍କ ଅନ୍ୟ ନାମ ହେଉଛି ଏକଦନ୍ତ, ଯାହାର ମହତ୍ତ୍ୱ ହେଉଛି ଭଲକୁ ଗ୍ରହଣ କରିବା ସହ ମନ୍ଦଠୁ ଦୂରେଇ ରହିବା ଏବଂ ଭଲ କାମ ପାଇଁ ତ୍ୟାଗ କରିବାକୁ କେବେ ବି କୁଣ୍ଠାବୋଧ କରିବା ଅନୁଚିତ । ମହାଭାରତ ଲେଖିବା ପାଇଁ ବ୍ୟାସଦେବ ଯେତେବେଳେ ଶ୍ରୀଗଣେଶଙ୍କୁ ଆରାଧନା କରିଥିଲେ, ପ୍ରଭୁ ତାଙ୍କୁ ଆଶ୍ୱାସନା ଦେବା ସହ ନିଜେ ଲେଖିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଗଣେଶ ସର୍ତ୍ତ ରଖିଥିଲେ ଅବିଶ୍ରାନ୍ତ ଭାବେ ବ୍ୟାସଦେବ ଶ୍ଳୋକ ଗାନ କରିବେ, ଯଦି ଅଟକି ଯିବେ ତେବେ ସେ କାର୍ଯ୍ୟ ସମ୍ପାଦନ କରି ପଳାଇବେ । ସେପଟେ ବ୍ୟାସଦେବ ସର୍ତ୍ତ ରଖିଥିଲେ ସେ କହିବା ବେଳେ ଗଣେଶ ସମ୍ପୂର୍ଣ୍ଣ କଥାକୁ ବୁଝି ସରଳୀକରଣ କରି ହିଁ ଲେଖିବେ । ଗଣେଶ ଖୁବ୍ ଶୀଘ୍ର ଅନେକ ବିଷୟ ଲେଖୁଥିବା ଲକ୍ଷ୍ୟ କରି ବ୍ୟାସଦେବ ଅନେକ ଜଟିଳ ଶ୍ଳୋକ ଉଚ୍ଚାରଣ କରୁଥିଲେ, ଯାହାକି ଗଣେଶଙ୍କୁ ବୁଝିବା ପାଇଁ ସମୟ ଲାଗୁଥିବା ବେଳେ ବ୍ୟାସଦେବ ସାମୟିକ ଭାବେ ବିଶ୍ରାମ ନେଇ ନୂତନ ଶ୍ଳୋକ ଭାବି କହୁଥିଲେ । ତିନି ବର୍ଷ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ହୋଇଥିବା ମହାକାବ୍ୟ ମହାଭାରତ ଲେଖିବା ବେଳେ ହଠାତ୍ ଲେଖନୀ ଭାଙ୍ଗି ଯାଇଥିଲା । ଏହି ସମୟରେ ଗଣେଶ ସମୟ ନଷ୍ଟ ନ କରି ନିଜର ସର୍ତ୍ତ ଅନୁପାଳନ ପୂର୍ବକ ନିଜର ଲେଖନୀ ଜାରି ରଖିବା ପାଇଁ ନିଜର ଦାନ୍ତ ଭାଙ୍ଗି ଦେଇ ଲେଖା ସମ୍ପୂର୍ଣ୍ଣ କରିଥିଲେ । ଶ୍ରୀଗଣେଶଙ୍କ ଏହି ସମାଜ କଲ୍ୟାଣ ନିମନ୍ତେ ତ୍ୟାଗ ଯୁଗ ଯୁଗ ପାଇଁ ତାଙ୍କୁ ମହାନ କରିଥିବା ବେଳେ ନିଜର ଦାୟିତ୍ୱକୁ ସଠିକ ରୂପେ ସମ୍ପାଦନ କରିଥିଲେ । ଯେଉଁଥିପାଇଁ ସେ ଏକଦନ୍ତ ନାମରେ ପୂଜିତ । ଆଜି ସେହି ଗୁମ୍ଫା ଉତ୍ତରାଖଣ୍ଡର ମାଣା ଗ୍ରାମରେ ଅବସ୍ଥିତ । ଯେଉଁଠାରେ ବ୍ୟାସ ଓ ଗଣେଶ ଗୁମ୍ଫା ଏବେ ବି ରହିଛି ।

ଏକଦା ଅନ୍ଧକାର ରାତିରେ ଶ୍ରୀଗଣେଶ ମୂଷା ଉପରେ ବସି କୈଳାଶ ପର୍ବତକୁ ଫେରୁଥିବା ବେଳେ ହଠାତ୍ ଏକ ସାପ ମୂଷିକ ଆଗ ଦେଇ ଗତି କରିବା ବେଳେ ନିଜକୁ ରକ୍ଷା କରିବା ପାଇଁ ସେ କୁଦି ପଡିଥିଲା, ଯେଉଁଥିପାଇଁ ଶ୍ରୀଗଣେଶ ତଳେ ପଡି ଯାଇଥିଲେ । ଯାହାକି ଆକାଶରେ ଥିବା ଚନ୍ଦ୍ର ଦେଖି ହସିଥିଲେ । ଗଣେଶ କ୍ଷୁବ୍ଧ ହୋଇ ଚନ୍ଦ୍ରଙ୍କୁ କହିଥିଲେ ସେ ତଳେ ପଡି ଯାଇଥିବା ବେଳେ ତାଙ୍କୁ ଉଠାଇବା ପାଇଁ ସହାୟତା କରିବା ବଦଳରେ ଅଟ୍ଟହାସ୍ୟ କରିବା ତାଙ୍କୁ ଶୋଭା ପାଉନି । ଯିଏ ସଂସାରକୁ ଶୀତଳତା ପ୍ରଦାନ କରୁଛନ୍ତି, ତାଙ୍କର ଏହି ଆଚରଣରୁ ଲୋକେ ଆଗାମୀ ଦିନରେ ଅସହାୟଙ୍କୁ ସାହାଯ୍ୟ କରିବା ସ୍ଥାନରେ ଶୀର୍ଷ ସ୍ଥାନରେ ରହି ତାଙ୍କ ପଦର ଦୁରୁପଯୋଗ କରିବେ । ତେଣୁ ଚନ୍ଦ୍ରଙ୍କୁ ଅଭିଶାପ ଦେଇଥିଲେ ନିଜର ଉଜ୍ଜ୍ୱଳତା ହରାଇବା ପାଇଁ । କିନ୍ତୁ ଚନ୍ଦ୍ର ନିଜର ଭୁଲ ବୁଝି କ୍ଷମା ମାଗିବା ପରେ ଗଣେଶ କହିଥିଲେ ଅଭିଶାପ ଯୋଗୁଁ ତୁମେ ସମ୍ପୂର୍ଣ୍ଣ ଭାବେ ଉଜ୍ଜ୍ୱଳ ଶୂନ୍ୟ ନ ହେଲେ ମଧ୍ୟ ମାସରେ ଗୋଟିଏ ଦିନ ସମ୍ପୂର୍ଣ୍ଣ ରୂପେ ନିଜର ଉଜ୍ଜ୍ୱଳତା ହରାଇବ, ଯାହାକି ଅମାବାସ୍ୟା ରୂପେ ଆଜି ଗଣା ଯାଏ ଏବଂ ଗଣେଶ ପୂଜା ଦିନ ଚନ୍ଦ୍ର ଦର୍ଶନ ନିଷେଧ ବିଧି ଆଜି ବି ରହିଛି ।

ବାସ୍ତବିକ୍ ଶ୍ରୀ ଗଣେଶଙ୍କ ଜୀବନ ଚରିତ ଆମ ସମସ୍ତଙ୍କ ପାଇଁ ପ୍ରେରଣା ଦାୟୀ । ପ୍ରଭୁଙ୍କ ପାଦ ତଳେ ଭକ୍ତି ପୂର୍ବକ ଧ୍ୟାନ ଯୁକ୍ତ ଆରାଧନା ଓ ଉପାସନା କରିବା ସହ ତାଙ୍କର ପ୍ରଦର୍ଶିତ ମାର୍ଗରେ ବ୍ରତୀ ହେବା ଆବଶ୍ୟକ ।

+ ପୂର୍ବତନ ଅଧ୍ୟାପକ,
ଉଦ୍ଭିଦ ବିଜ୍ଞାନ ବିଭାଗ, ଡଃ
ଯଦୁନାଥ ଡିଗ୍ରୀ କଲେଜ,
ବାଲେଶ୍ୱର
ମୋ- ୮୨୬୦୩୫୬୧୧୩

## ମମବିଘ୍ନ ବିନାଶାୟ

**ଉମେଶ ଚନ୍ଦ୍ର ପାତ୍ର**

ସିଦ୍ଧି ବିନାୟକ ପ୍ରଭୁ ଗଣେଶଙ୍କ ପାଖରେ ଭକ୍ତଜନ ଆକୁଳ କଣ୍ଠରେ ପ୍ରାର୍ଥନା କରୁଛନ୍ତି 'ମମବିଘ୍ନ ବିନାଶାୟ ଗଣାଧିପତୟେ ନମଃ' । ଗଣ ଓ ଈଶ ସମଷ୍ଟିରେ ଗଣେଶ । ଗଣ ଏକ ସଂଖ୍ୟାବାଚକ ଶବ୍ଦ, ଅର୍ଥ ଜନଗଣ ବା ମନୁଷ୍ୟର ସମଷ୍ଟି । କେବଳ ମନୁଷ୍ୟ କାହିଁକି, ପଶୁପକ୍ଷୀ, କୀଟପତଙ୍ଗ, ବୃକ୍ଷଲତା ଓ ସ୍ଥାବର ଜଙ୍ଗମ ସକଳଙ୍କର ଈଶ ବା ଅଧିପତି ହେଉଛନ୍ତି ଗଣେଶ । ଈଶ ଶବ୍ଦର ଅର୍ଥ ଆଧିପତ୍ୟ । ଅଧିର ଉତ୍ପତ୍ତି ସଂସ୍କୃତ ଧା' ଧାତୁରୁ ଅର୍ଥ - ଧାରଣ ଓ ପତିର ଉତ୍ପତ୍ତି ପା' ଧାତୁ ଠାରୁ - ଅର୍ଥ ପାଳନ । ତେଣୁ ଗଣେଶ ଶବ୍ଦର ସମୂହ ଅର୍ଥ ହେଉଛି ସୃଷ୍ଟିର ଯାବତୀୟ ସବୁକିଛିକୁ ଯିଏ ଧାରଣ, ପାଳନ ଓ ପୋଷଣ କରନ୍ତି । ଏହି ପ୍ରସଙ୍ଗରେ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ, କୌଣସି ଦେବପୂଜାରେ ପ୍ରଥମେ ଗଣେଶଙ୍କର ପୂଜା କରାଯାଏ । ଗଣେଶ ହେଉଛନ୍ତି ସମସ୍ତଙ୍କର ଧାରୟିତା, ପୋଷୟିତା, ପାଳୟିତା ଓ ରକ୍ଷଣକର୍ତ୍ତା । ଗଣେଶଙ୍କର ପିତା ଶିବ ଓ ମାତା ଦୁର୍ଗା । ଶିବ ଅର୍ଥ ମଙ୍ଗଳ ସ୍ୱରୂପ । ତେଣୁ ଗଣେଶ ନିଶ୍ଚିତ ଭାବରେ ଶିବ ସମ୍ଭବ । ତାଙ୍କର ମା' ହେଉଛନ୍ତି ଦୁର୍ଗା, ଦୁର୍ଗତିନାଶିନୀ, ଜୀବନର ଦୁର୍ଗ ସ୍ୱରୂପା, ଯାହାଙ୍କ ପାଖରେ ସମସ୍ତ ଅଶୁଭ ଓ ଅସୁର ଶକ୍ତି ପ୍ରତିହତ, ବିପର୍ଯ୍ୟସ୍ତ ଓ ବିନଷ୍ଟ । ସମସ୍ତ ଅକଲ୍ୟାଣ ବିରୋଧରେ ଦୁର୍ଗ ହୋଇଅଛନ୍ତି ମା'ଦୁର୍ଗା ।

ଗଣେଶଙ୍କ ଅନ୍ୟନାମ ସିଦ୍ଧିଦାତା ଓ ସିଦ୍ଧି ବିନାୟକ । ତାଙ୍କ ପୂଜା କରିଲେ ସିଦ୍ଧି ହୁଏ । ମନସ୍କାମନା ପୂର୍ଣ୍ଣ ହୁଏ । ଏହି ସିଦ୍ଧି କ'ଣ ? ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ସିଦ୍ଧି ଭିତରେ ଅଛି ସିଦ୍ଧ ହେବାର ଭାବ । ସିଦ୍ଧି ହେବାମାନେ କାର୍ଯ୍ୟ, କର୍ମ ଓ ବାକ୍ୟରେ ଦକ୍ଷ ଓ କୁଶଳ ହେବା । ଯେଉଁ ବ୍ୟକ୍ତି କୁଶଳ କୌଶଳୀ ହୋଇ ଚାଲେ, କହିପାରେ ଓ କାର୍ଯ୍ୟ କରିପାରେ ସେ ଜୀବନରେ ହଟେନାହିଁ, ପ୍ରତାରିତ ହୁଏନାହିଁ ଓ ଅପରାଜେୟ ହୁଏ । ଗଣେଶଙ୍କ ପୂଜା ଓ ସମ୍ବର୍ଦ୍ଧନା ଭିତର ଦେଇ ଗଣଦେବତାଙ୍କର ଏହି ଧାରଣ



ପାଳନୀ ଶକ୍ତି ଆମ ଚରିତ୍ରରେ ସଂଚାରିତ ହେଲେ ଗଣେଶଙ୍କର ପୂଜା ସାର୍ଥକ ହୁଏ । ଚିନ୍ତା ଜଗତରେ ଏକ ବୈପ୍ଲବିକ ପରିବର୍ତ୍ତନ ସୃଷ୍ଟି କଲେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର । ଶବ୍ଦର ବ୍ୟବହାରଗତ ଅର୍ଥକୁ ନ ଦେଖି ତା'ର ଧାତୁଗତ ଅର୍ଥ ଦେଖିବା ପାଇଁ ସେ ଆଦେଶ କଲେ । ପୂଜା କହିବାକୁଗଲେ କେବଳ ଧୂପ, ଦୀପ, ଝୁଣା, ଚନ୍ଦନ ଓ ପୁଷ୍ପ ସହଯୋଗେ ଏକ ଅନୁଷ୍ଠାନ ନୁହେଁ । ପୂଜାଶବ୍ଦସ୍ଥିତ ପୂଜ୍ ଧାତୁର ଅର୍ଥ ହେଉଛି ସମ୍ବର୍ଦ୍ଧନା । ଏଥିପାଇଁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଯେଉଁ ଦେବତା ବା ଦେବୀଙ୍କର ପୂଜା ଆମ୍ଭେମାନେ କରୁ ତାଙ୍କର ଗୁଣାବଳୀ ନିଜ ଜୀବନ ଓ ଚରିତ୍ରରେ ମୂର୍ତ୍ତ କରିବା ହିଁ ହେଉଛି ପ୍ରକୃତ ପୂଜା । ଏହି ଚାରିତ୍ରିକ ରୂପାନ୍ତରିତ ନକରି ଯେତେ ନୈବେଦ୍ୟ ବା ଆଲୋକର ସଜ୍ଜା କଲେ ମଧ୍ୟ ପୂଜା ସାର୍ଥକ ହୁଏନାହିଁ । ଗଣେଶଙ୍କ ପୂଜାମାନେ ହେଲା - ଗଣପତିଙ୍କ ଚଳନ ଚରିତ୍ର ଓ ତାଙ୍କର ଧାରଣ, ପାଳନ, ସମ୍ବେଗ ସିଦ୍ଧ ବ୍ୟକ୍ତିତ୍ୱକୁ ନିତ୍ୟ ଅନୁଶୀଳନ ମାଧ୍ୟମରେ ନିଜ ଜୀବନରେ ପ୍ରତିଫଳିତ କରି ଉଠାଇବା । ଏହି ଅନୁଶୀଳନ ନିମିତ୍ତ ପ୍ରତିଦିନ ଓ ପ୍ରତିମୁହୂର୍ତ୍ତରେ ପ୍ରୟୋଜନ ଏକାନୁରକ୍ତି, ତୀବ୍ରତା ଓ କ୍ରମାଗତି । ଶ୍ରୀ ଶ୍ରୀ ଠାକୁରଙ୍କ ପାଖରେ ଭକ୍ତବୃନ୍ଦ ପ୍ରଶ୍ନ କଲେ - ଗଣେଶଙ୍କର ଗଜମୁଣ୍ଡ କାହିଁକି ? କଥିତ ଅଛି ଶନିଗ୍ରହର ଦୃଷ୍ଟିରେ ଶିଶୁ ଅବସ୍ଥାରେ ଗଣେଶଙ୍କର ମସ୍ତିଷ୍କ ବିଚ୍ଛିନ୍ନ ହେବାରୁ ଶୀଘ୍ର ଏକ ହସ୍ତୀର ମୁଣ୍ଡ ସେଠାରେ ପ୍ରତିରୋପଣ କରାଗଲା । ଏହାଶୁଣି ଶ୍ରୀ ଶ୍ରୀ ଠାକୁର କହିଲେ - ଏକ ମଣିଷର ବିଶେଷତଃ ଏକ ଶିଶୁର ବେକରେ ହାତୀର ମୁଣ୍ଡ ପ୍ରତିରୋପଣ କରିବା ଅସମ୍ଭବ ଓ ଅବାନ୍ତର । କିନ୍ତୁ ଗଣଦେବତାଙ୍କର ବନ୍ଦନାରେ ଗଜାନନ ଓ ଗଜେନ୍ଦ୍ରବଦନ ଇତ୍ୟାଦି ଶବ୍ଦର ଉଲ୍ଲେଖ ରହିଛି । ତେଣୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଗଜ ଶବ୍ଦର ଅର୍ଥ ଶ୍ରେଷ୍ଠ । ଶ୍ରେଷ୍ଠ ଓ ସର୍ବୋତ୍ତମ ମସ୍ତିଷ୍କ ଯାହାଙ୍କର ସେ ହିଁ ଗଜାନନ । ଯିଏ ସମସ୍ତଙ୍କର ପାଳକ, ଧାରକ ଓ ପରିଚାଳକ ତାଙ୍କର ମସ୍ତିଷ୍କ ନିଶ୍ଚୟ ଶ୍ରେଷ୍ଠ ଓ ବଡ଼ ।

ଗଣେଶଙ୍କ ମୂର୍ତ୍ତିରେ ଚାରିଟି ହାତ ରହିଛି । ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଚାରି ହାତମାନେ ତାଙ୍କର ଚାରି ଦିଗରେ ଲକ୍ଷ୍ୟ ରହିଛି । ଚାରି ଦିଗରେ ସେ ସମାନ ଓ ତୀକ୍ଷ୍ଣ ନଜର ରଖି ସାମ୍ୟ ଭାବରେ ସବୁ ପରିସ୍ଥିତିକୁ ନିୟନ୍ତ୍ରଣ କରନ୍ତି । ଏହାକୁ ହିଁ କୁହନ୍ତି ଚତୁରତା । ଗଣେଶଙ୍କ ବାହନ ମୂଷା । ଏହା ଅର୍ଥରେ ଶ୍ରୀ ଶ୍ରୀ ଠାକୁର କହିଲେ - ମୂଷା ପରି ଖଳ ଓ କ୍ଷତିକାରକ ବ୍ୟକ୍ତିମାନଙ୍କୁ ଗଣପତି ତାଙ୍କ ପାଖରେ ରଖନ୍ତି, ସେମାନଙ୍କୁ ଏହି ଦୁଷ୍ଟବ୍ୟାଧିରୁ ମୁକ୍ତ କରି ଲୋକସେବାରେ ବ୍ରତୀ କରି ଉଠାନ୍ତି । ବର୍ତ୍ତମାନ ପ୍ରଶ୍ନ ଉଠେ - ଏହି ଗଣପତି ବା ଗଣେଶ କିଏ ? ବୈଶିଷ୍ଟ୍ୟପାଳୀ, ଆପୂରୟମାଣ, ଯୁଗାବତାର, ସଦ୍‌ଗୁରୁ ଯିଏକି ଜନକଲ୍ୟାଣ ନିମିତ୍ତ ଯୁଗେ ଯୁଗେ ଆର୍ବିଭାବ ହୁଅନ୍ତି ସେ ହିଁ ପରମପୁରୁଷ, ଗଣପାତା ଓ ଲୋକଉଦ୍ଧାତା । ଭଗବାନ ରାମ, କୃଷ୍ଣ, ବୁଦ୍ଧ, ଯୀଶୁ, ମହମ୍ମଦ, ଶ୍ରୀଚୈତନ୍ୟ, ରାମକୃଷ୍ଣ ଓ କଳିଯୁଗର ଶେଷନବୀ ଭଗବାନ ଅନୁକୂଳଚନ୍ଦ୍ର ହିଁ ହେଉଛନ୍ତି ଗଣପାତା, ଲୋକ ଉଦ୍ଧାତା, ସିଦ୍ଧି ବିନାୟକ ଓ ଗଣ-ଈଶ । ଏହି ଯୁଗ ଗୁରୁଙ୍କୁ ଅନୁସରଣ କରି ତାଙ୍କର ସ୍ୱଭାବକୁ ନିଜ ଚରିତ୍ରରେ ଚରିତ୍ରାୟିତ କଲେ ହିଁ ଗଣେଶ ପୂଜା ସିଦ୍ଧି ଓ ସାର୍ଥକ ହୁଏ । ଯଥାର୍ଥରେ ପରମ ପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସ୍ୱହସ୍ତ ଲିଖିତ ପବିତ୍ର ସତ୍ୟାନୁସରଣ ଗ୍ରନ୍ଥରେ ଉଲ୍ଲେଖ କଲେ - ଅର୍ଥ, ମାନ ଓ ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ । ସାବଧାନ ହୁଅ, ଠକିଯିବ । ତୁମ ଭିତରେ ଠାକୁରତ୍ୱ ଜାଗ୍ରତ ନହେଲେ କେହି ତୁମର କେନ୍ଦ୍ର ନୁହଁନ୍ତି, ଠାକୁର ବି ନୁହଁନ୍ତି, ଫାଙ୍କି ଦେଲେ ତାହା ହିଁ ପାଇବ ।

+ ସହ-ପ୍ରତିରଦ୍ଧିକ ଓ ପ୍ରଫେସର,
ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ
କଲେଜ, କଟକ,
ମୋ : ୯୪୩୭୦୫୧୯୫୭

## ଆଦି ଗଣେଶ ଓ ଦୁବ ଅର୍ପଣ

**ଅଜୟ କୁମାର ବେହେରା**

ହିନ୍ଦୁ ଧାର୍ମିକ ପରମ୍ପରାରେ ପଞ୍ଚଦେବତାଙ୍କ ମଧ୍ୟରେ ଶ୍ରୀଗଣେଶ ପ୍ରଥମ । ଏଣୁ ଯେ କୌଣସି ଦେବ-ଦେବୀଙ୍କ ପୂଜା ହେଉ ନା କାହିଁକି, ପ୍ରଥମେ ତାଙ୍କ ନାମ ନିଆଯାଏ । ପ୍ରଥମେ ତାଙ୍କ ପୂଜା ବିନା କୌଣସି ମାଙ୍ଗଳିକ କାର୍ଯ୍ୟ ଆରମ୍ଭ କରାଯାଏ ନାହିଁ । ସେ ଅଗ୍ରପୂଜ୍ୟ । ସେ ସିଦ୍ଧିଦାତା; ସେ ବୁଦ୍ଧିଦାତା । ଦୁଷ୍ଟସଂହାର କରିବା ପାଇଁ ବିଭିନ୍ନ ଯୁଗରେ ଭଗବାନ ବିଷ୍ଣୁ ଯେପରି ଭିନ୍ନ ଭିନ୍ନ ଅବତାର ଧାରଣ କରିଥିଲେ 'ଗଣେଶ ପୁରାଣ'ରେ ମଧ୍ୟ ଗଣେଶଙ୍କର ସେଭଳି ନାନା ଅବତାର କଥା ବର୍ଣ୍ଣିତ । ତାଙ୍କର ପ୍ରଥମ ଅବତାର ହେଉଛି 'ମହୋତ୍କଟ ବିନାୟକ' । ସତ୍ୟ ଯୁଗରେ ଦେବମାତା ଅଦିତିଙ୍କ ଗର୍ଭରୁ ସେ ଏହି ରୂପରେ ଜନ୍ମ ହୋଇ ଧୂମ୍ରାକ୍ଷ, କୃମ୍ଭ, ଅନ୍ଧକ, ଦେବାନ୍ତକ ଏବଂ ନରାନ୍ତକ ଆଦି ରାକ୍ଷସଙ୍କୁ ନାଶ କରିଥିଲେ । ତ୍ରେତା ଯୁଗରେ ସେ ପ୍ରକଟ ହେଇଥିଲେ 'ମୟୂରେଶ୍ୱର' ରୂପେ । ମୟୂରେଶ୍ୱର ଶିବ-ପାର୍ବତୀଙ୍କ ସନ୍ତାନ ଏବଂ ସୂର୍ଯ୍ୟଙ୍କ ବଳରେ ବଳୀୟାନ୍ ସିନ୍ଧୁ ଓ କମଳାସୁରର ସଂହାରକର୍ତ୍ତା । ଏହି ଅବତାରରେ ତାଙ୍କର ବାହନ ମୟୂର ଏବଂ ସେ ଷଡ଼ଭୁଜ । ଦ୍ୱାପର ଯୁଗରେ ସେ ଧାରଣ କରିଥିଲେ 'ଗଜାନନ' ଅବତାର ।

ଗଣେଶ ତ ଅଗ୍ରପୂଜ୍ୟ । ହେଲେ ସାରା ବିଶ୍ୱରେ ପ୍ରଥମେ କେଉଁଠାରେ ଗଣପତିଙ୍କ ଆରାଧନା କରାଯାଇଥିଲା ଏବଂ ଆଦି ଗଣେଶ କେଉଁଠାରେ ସ୍ଥାପିତ ହୋଇଥିଲେ ବୋଲି ପ୍ରଶ୍ନର ଶାସ୍ତ୍ରରେ ଉତ୍ତର ରହିଛି ଯେ, ପ୍ରଜାପତି ବ୍ରହ୍ମା ସୃଷ୍ଟି ସଂରଚନା କରୁଥିବା ବେଳେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ତ୍ରିଦେବ ମିଶି ପ୍ରୟାଗ ଅର୍ଥାତ୍ ଆଜିର ଆହ୍ଲାବାଦ ଠାରେ ଗଙ୍ଗାନଦୀ କୂଳସ୍ଥ ଦଶାଶ୍ୱମେଧ ଘାଟରେ ଆଦି ଗଣେଶଙ୍କୁ ସ୍ଥାପନ କରିଥିଲେ । ଏହି ମନ୍ଦିର ଆଜି ବି ନିଜ ମୂଳ ରୂପରେ ରହିଛି । ଏଠାକାର ବାସିନ୍ଦା ଆଦିଗଣେଶଙ୍କ ଦର୍ଶନ ପରେ ହିଁ ନିଜର ସମସ୍ତ କାର୍ଯ୍ୟ ଆରମ୍ଭ କରିଥାନ୍ତି । ଏଠାରେ ସକାଳ ଓ ସନ୍ଧ୍ୟାରେ ସୁନା-ରୂପା ଆଭୂଷଣରେ ଗଣପତିଙ୍କ ଶୃଙ୍ଗାର କରାଯାଏ । ପୌରାଣିକ କଥାନୁସାରେ, ପ୍ରାଚୀନ କାଳରେ ପୃଥିବୀ ଉପରେ ଅନଳାସୁର ନାମକ ଦୈତ୍ୟ ସମ୍ରାଟ ଭାରି ଉତ୍ପାତ କରୁଥିଲା । ମୁନି-ଋଷି, ସାଧାରଣ ଲୋକଙ୍କୁ ସୁଦ୍ଧା ସେ ଜିଅନ୍ତା ଗିଳିଦେଉଥିଲା ।



ଦେବତା ଏବଂ ଋଷିମୁନିମାନେ ମହାଦେବଙ୍କ ପାଖରେ ପହଞ୍ଚି ଏ ବାବଦରେ ପ୍ରାର୍ଥନା କରିବାରୁ ମହାଦେବ କହିଥିଲେ ଯେ, ଅନଳାସୁରର ଅନ୍ତ କେବଳ ଶ୍ରୀଗଣେଶ କରିପାରିବେ । କାରଣ, ତାଙ୍କର ବିଶାଳ ଉଦର । ଏହା ଶୁଣି ସମସ୍ତେ ଶ୍ରୀଗଣେଶଙ୍କୁ ଅନୁରୋଧ କରିବାରୁ ସେ ଅସୁର ପଛେ ପଛେ ଯାଇ ତାକୁ ଧରି ଗିଳି ପକାଇଥିଲେ । ହେଲେ ଏହାପରେ ତାଙ୍କ ପେଟରେ ପ୍ରବଳ ଜ୍ୱଳନ ହୋଇଥିଲା ଏବଂ ଏହାକୁ ଶାନ୍ତ କରିବା ଲାଗି କଶ୍ୟପ ଋଷି ୨୧ଟି ଦୁବ ଶ୍ରୀଗଣେଶଙ୍କୁ ଖାଇବାକୁ ଦେଇଥିଲେ । ଫଳରେ ଜ୍ୱଳନ ଶାନ୍ତ ହୋଇଥିଲା । ସେବେଠାରୁ ଗଣେଶଙ୍କୁ ଦୁବ ଅର୍ପଣ ପରମ୍ପରା ରହିଆସିଛି । ଯଦି କୌଣସି ବ୍ୟକ୍ତି ନିୟମିତ କିମ୍ବା ପ୍ରତି ବୁଧବାର ଶ୍ରୀଗଣେଶଙ୍କୁ ୩, ୫, ୧୧ କିମ୍ବା ୨୧ଟି ଦୁବ ଅର୍ପଣ କରେ ସମସ୍ତ ସମସ୍ୟାରୁ ସେ ମୁକ୍ତି ପାଇଥାଏ ।

+ବରେଣ୍ୟ ବାଣୀ' ପିସି
ସରକାର ଲେନ୍,
ଅରୁଣୋଦୟ ମାର୍କେଟ,
କଟକ,
ମୋ : ୯୪୩୭୦୩୧୨୫୩

## ହେ ଗଣନାୟକ ମହାବିନାୟକ

**ନିରଞ୍ଜନ ସାହୁ**

ମହାବିନାୟକ ହେ ଗଣନାୟକ
ପ୍ରଣାମ ଘେନା କରିବ
ଭାଦ୍ରବ ଶୁକଳ ଚତୁର୍ଥୀ ତିଥିରେ
ସଭିଙ୍କୁ ଖୁସି ଭରିବ ।
ତବ ଆଶୀର୍ବାଦ କରୁଣା ଭଣ୍ଡାର
କୃପା କଟାକ୍ଷର ଦୃଷ୍ଟି
ସକଳ ପ୍ରାଣୀଙ୍କ ମଙ୍ଗଳଦାୟକ
ମଧୁମୟ କର ସୃଷ୍ଟି



ସିଦ୍ଧିନିଧି ଦାତା
ହେ ଭାଗ୍ୟ ବିଧାତା
ସଂସାରରୁ ଦୁଃଖ ହରିବ ।
ଗଉରୀ ନନ୍ଦନ ବିଘ୍ନ ବିନାଶନ
ଅଗ୍ରପୂଜ୍ୟ ଆହେ ଦେବ
ଆହେ ବିଦ୍ୟାଦାତା

ଆହେ ବୁଦ୍ଧିଦାତା
ଅଜ୍ଞାନ ଦୂରେଇ ନେବ
ପ୍ରଭୁ ଗଣପତି ଅଗତିର ଗତି
ଭକ୍ତ ଦୋଷ ନ ଧରିବ ।
ଆହେ ଲମ୍ବୋଦର ପୃଥୁଳ ଉଦର
ଗଜାନନ , ଶ୍ରୀଗଣେଶ

ଇନ୍ଦୁର ବାହନ , ହେ ଗଜବଦନ
ଶ୍ରୀହସ୍ତେ ପାଶ , ଅଙ୍କୁଶ
ତବ କୃପାବଳେ ଅଜ୍ଞାନତା ଟଳେ
ଜ୍ଞାନ ନିର୍ଝର ଝରିବ ।
ଆହେ ମହାକାୟ ସର୍ବଦେବ ପ୍ରିୟ
ହେ ବିଘ୍ନେଶ ଦୟାକର
ଶୈଳସୂତା ସୁତ ହରନ୍ତୁ ଦୁରିତ
ସଂସାରରୁ ଭୟ ହର
ଭରସା ରଖିଛି ବିଶ୍ୱାସ କରିଛି
ତିନିପୁରେ ଶାନ୍ତି ଭରିବ ।

+ ନିହଲ ପ୍ରସାଦ , ଗଁଦିଆ
ପାଟଣା
ଢେଙ୍କାନାଳ-୭୫୯୦୧୬
ମୋ: ୯୯୩୮୭୪୧୫୮୩

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଦୂତ ଓ ନୀଳବର୍ଣ୍ଣ ଶୃଗାଳ...

ସନାତନ ଧର୍ମକୁ ନେଇ ସମାଲୋଚନା ଓଏହା ଉପରେ ଆଲୋଚନା ଆରମ୍ଭ ହେବାକୁ ପ୍ରାୟ ପନ୍ଦର ଦିନ ହେଲାଣି। ଦେଶର ପ୍ରାୟ ସବୁ ସ୍ତରରେ ଏହା ଉପରେ କିଛି ନା କିଛି ଟିକା ଟିପ୍ପଣୀ ପ୍ରଦାନ ଚାଲିଛି। ଖୋଦ୍ ପ୍ରଧାନମନ୍ତ୍ରୀ ମଧ୍ୟ ଖପ୍ପା ହୋଇ ଏହି ଧର୍ମ ସପକ୍ଷରେ ବାହାରିଛନ୍ତି। ତେଣୁ ଏଥିରେ କିଛି ଆଶ୍ଚର୍ଯ୍ୟ ହେବାର ନାହିଁ ଯେ ଏ ବିଷୟରେ ଗଣମାଧ୍ୟମମାନଙ୍କରେ ଏହା ଉପରେ ଚର୍ଚ୍ଚା ହେବନାହିଁ। ମୋଟାମୋଟି ସନାତନ ଧର୍ମ, ଯାହାକୁ ବିଶ୍ୱର ଆଦି ଧର୍ମ ଏବଂ ବସ୍ତୁତଃ ଏକମାତ୍ର ଧର୍ମ ବୋଲି ଆଜି ପର୍ଯ୍ୟନ୍ତ ମାନି ନିଆଯାଇ ଆସିଛି, ତା' ଉପରେ ଅନେକ ଲୋକ ନିଜକୁ ବିଜ୍ଞ ଭାବି ବହୁତ କିଛି କଥା କହୁଛନ୍ତି, ଅନ୍ୟ ଧର୍ମର ଲୋକମାନେ ମଧ୍ୟ ବ୍ୟକ୍ତିଗତ ଭାବରେ ସେମାନଙ୍କ ନିଜକୁ ଧର୍ମର ପ୍ରବକ୍ତା ଭାବି ବେଶ୍ କିଛି ସିଦ୍ଧାନ୍ତମୂଳକ କଥା କହୁଛନ୍ତି ସେମାନଙ୍କ ନିଜ ନିଜ ଧର୍ମ ସପକ୍ଷରେ। ସଙ୍ଗେ ସଙ୍ଗେ ଏହି ପରିପ୍ରେକ୍ଷୀରେ ଆଉ କେତେକ କଥା ମଧ୍ୟ ଆଲୋଚନାର ପରିସରକୁ ଆସିଛି, ଯେପରିକି ଗଣତନ୍ତ୍ରର ମୂଲ୍ୟବୋଧ ଏବଂ ସୁଗୁଣ ସମୂହ, ଧାର୍ମିକ ସହିଷ୍ଣୁତା, ଗଣମାଧ୍ୟମର ସ୍ୱାଧୀନତା ଏବଂ ବ୍ୟକ୍ତି ସ୍ୱାଧୀନତା ଏବଂ ଧର୍ମ ଭିତ୍ତିରେ ବିଭାଜିତ ଏକ ସମାଜକୁ ଏକ ଆଶ୍ୱାସନା ପ୍ରଦାନକାରୀ ସ୍ପର୍ଶ ଦେବା ପାଇଁ ଲୋକମାନଙ୍କୁ ଏକାଠି କରିବା ଇତ୍ୟାଦି। ପୁଣି ଏଥି ସହିତ ସମ୍ପର୍କିତ କେତେକ କଥାକୁ ନେଇ ବିରୋଧୀମାନଙ୍କ ମେଂଟ 'ଇଣ୍ଡିଆ' ବି ଏହା ଭିତରେ ଆଘାତ ପାଇଥିବା କଥା ସାମନାକୁ ଆସିଛି, ଯାହାର ପରିଣତିରେ ଏହା ଭାରତର ଲୋକମାନଙ୍କୁ ଆଘାତ ପହଞ୍ଚାଇଛି ନିଜର ରାଜନୀତିକ କାରଣ ଏବଂ ସୁଯୋଗ ନିମିତ୍ତ। ଆଉ ଏହି ଅବସରରେ ଏହା ନିଜର ପ୍ରକୃତ ରଙ୍ଗ ଦେଖାଇଛି, ଯେତେବେଳେ ଏହା ଗୋଟିଏ ଧର୍ମ ଏବଂ ଏହା ସହିତ ଜଡ଼ିତ ଭାବାବେଗ ବିରୋଧରେ ଯୁଦ୍ଧ କରିବାକୁ କହିବା ସଙ୍ଗେ ସଙ୍ଗେ ଏହାକୁ ସମର୍ଥନ କରିଛି ଏବଂ ସର୍ବସାଧାରଣରେ ନିଜକୁ ନିବିତ ଓ ସମାଲୋଚିତ ହେବାଭଳି କାମ କରିବାକୁ ଯାଇ ସେମାନେ ଭଲ ପାଉନଥିବା କି ସେମାନଙ୍କ ଉପରେ ଲଗାମ୍ ଲଗାଇ ପାରୁନଥିବା କିଛି ଗଣମାଧ୍ୟମ ବ୍ୟକ୍ତିଙ୍କ ଉପରେ ଆକ୍ରମଣ କରିଛି। ପ୍ରଥମ କଥା ହେଉଛି, ଉଭୟ ବାକ୍ ସ୍ୱାଧୀନତା ଏବଂ କୌଣସି ଧର୍ମରେ ବିଶ୍ୱାସ କରିବାର ଅଧିକାରକୁ ସର୍ବ ସମ୍ମୁଖରେ ପ୍ରକାଶ କରିବା ଏବଂ ତା ସପକ୍ଷରେ କିଛି କହିବା, ଯାହା ଉଭୟ ପ୍ରଚାର କରିବା, ସପକ୍ଷରେ କହିବା,ସମର୍ଥନ କରିବା, ସମାଲୋଚନା କରିବା ଏହାର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରିବା ଏବଂ ନିଜ ଧର୍ମ ଓ ତା' ସହିତ ଅନ୍ୟମାନଙ୍କର ସମେତ ବିଭିନ୍ନ ବିଶ୍ୱାସ ଓ ଧର୍ମ ଉପରେ ମତାମତ ରଖିବା। ଏହା ଏକ ବେଶ୍ ଉଲ୍ଲେଖନୀୟ ପ୍ରସଙ୍ଗ। କିନ୍ତୁ ସାମ୍ପ୍ରତିକ ସମୟର ରାଜନୀତିକ ପ୍ରଚଳିତ ରୀତି ନୀତି ସମ୍ପୂର୍ଣ୍ଣ ବାକ୍ ସ୍ୱାଧୀନତାକୁ ବଜାୟ ରଖିବା ପ୍ରାୟ ଅସମ୍ଭବ କରିଦେଉଛି- ଉଭୟ ଏହାର ବ୍ୟବହାରିକତା ଦୃଷ୍ଟିରୁ ଏବଂ ଏହାର ଉପଯୋଗିତା ଦୃଷ୍ଟିରୁ ଯେହେତୁ ଏହା ଉଦାରବାଦ ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧଗୁଡ଼ିକ ପାଇଁ ଅନୁପ୍ରାଦକ ଭାବରେ କାର୍ଯ୍ୟ କରିବ। ଉଦୟନିଧି ଷ୍ଟାଲିନ୍ ଯେତେବେଳେ ଯେ କୌଣସି ଧର୍ମ ବା ସାମାଜିକ ବାସ୍ତବତା ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ବିଶ୍ଳେଷଣ କରିବାକୁ ମୁକ୍ତ ଅଟନ୍ତି, ତାଙ୍କ ଦଳ ଡିଏମକେର କେତେକ ନେତା ସାମାଜିକ ନ୍ୟାୟକୁ ଆଳ କରି ମାନବିକତାର ସର୍ବପ୍ରାଚୀନ ବିଶ୍ୱାସର ଆଧାର ବିରୋଧରେ କୁହାଯାଇଥିବା କଥାକୁ ଯୁକ୍ତିଯୁକ୍ତ ଦର୍ଶାଇବାକୁ ଆଗେଇ ଆସିବା ନା ସାମାଜିକ ଦୃଷ୍ଟି କୋଣରୁ ହେଉ କି ରାଜନୀତିକ ବା ଆଇନଗତ ଦୃଷ୍ଟିରୁ। ଭାରତର ଏକ ସିଂହଭାଗ ଲୋକ ସନାତନ ଧର୍ମାବଲମ୍ବୀ। ତେଣୁ ଉଦୟନିଧି କ'ଣ କେବେ ଭାବିପାରିବେ ଯେ ତାଙ୍କ କଥା ସେମାନଙ୍କ ହୃଦୟକୁ କେତେ ଆଘାତ ଦେଇଥିବ ! ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ଭାରତୀୟ ଜନତା ପାର୍ଟି ଦ୍ୱାରା ତେଣୁ ଏହି ପ୍ରସଙ୍ଗକୁ ଯଥାର୍ଥରେ ଗ୍ରହଣ କରିସବୁ ଦୃଷ୍ଟିରୁ ଲୋକମାନଙ୍କ ସପକ୍ଷରେ ଠିଆ ହେବାକୁ ଉଦ୍ୟମ କରାଯିବା ସ୍ୱାଭାବିକ। ସନାତନ ଧର୍ମର ସମର୍ଥନକାରୀ ଏବଂ ତହିଁରେ ଆସ୍ଥା ରଖୁଥିବା ଲୋକମାନଙ୍କର ଉଦାରବାଦୀ ସହିଷ୍ଣୁତାକୁ ଭୀରୁତା ଦୃଷ୍ଟିରେ ଦେଖାଯିବା ଉଚିତ ନୁହେଁ କି ସନାତନ ଧର୍ମାବଲମ୍ବୀମାନେ ନିଜେ ମଧ୍ୟ ନିଜ ଧର୍ମର ଟେକ ରଖିବାପାଇଁ ନିଜକୁ ଅସମର୍ଥ ଭାବିବା ଉଚିତ ନୁହେଁ। ତେଣୁ ଶ୍ରୀଯୁକ୍ତ ମୋଦୀ ନିର୍ବାଚନ ଏବଂ ରାଜନୀତି ନିର୍ବିଶେଷରେ ସବୁକିଛିର ଊର୍ଦ୍ଧ୍ୱକୁ ଯାଇ 'ସନାତନ'ର ଟେକ ରଖିବା କାର୍ଯ୍ୟକୁ ବଜାୟ ରଖିବା ଉଚିତ୍। ସନାତନ ଧର୍ମାବଲମ୍ବୀମାନେ ବେଳକୁ ବେଳ ଅଧିକରୁ ଅଧିକ ସଂଖ୍ୟାରେ ଏବଂ ସଫଳତାର ସହିତ ସେମାନଙ୍କ ଧର୍ମର ମୂଲ୍ୟବୋଧକୁ ବିଶ୍ୱକୁ ଦେଖାଇବାକୁ ଆଗକୁ ଆସୁଛନ୍ତି, ଯେଉଁମାନେ କି ବୈଶ୍ୱିକ କର୍ପୋରେସନ୍, ସମାଜ ଏବଂ ଦେଶର ନେତୃତ୍ୱ ନେଉଛନ୍ତି।

# ମାତୃତ୍ୱର ଅଲିଭା ଶିଖାଟିଏ

ମୀରା ବେଉରା



ଈଶ୍ୱରଙ୍କ ସର୍ବସୃଷ୍ଟିର ସବୁଠାରୁ ଅମୃତମୟ ସତ୍ତା ହେଉଛି ମା'। ମା' ଦୟା, କ୍ଷମା, ପ୍ରେମ, ତ୍ୟାଗ, ତିତିକ୍ଷା, କରୁଣା, ଅନୁକମ୍ପା, ସ୍ନେହ, ଶ୍ରଦ୍ଧା ଆଦି ଯାବତୀୟ ଈଶ୍ୱରୀୟ ଗୁଣରେ ବିଭୂଷିତା। ସନ୍ତାନର ସକଳ ଦୁଃଖ, ଯନ୍ତ୍ରଣା, ଯାତନା ନିମିଷକରେ ଯିଏ ଉପଶମ କରି ଅବାଞ୍ଛିତ ଆଶୀର୍ବାଦ ଢାଳିଦିଏ ସେ ହେଉଛି ମା'। ତା'ର ପ୍ରେମରେ ଛଳନା ନ ଥାଏ, ଥାଏ ନିଃସ୍ୱାର୍ଥପର ଭଲପାଇବା, ସ୍ନେହ ଶ୍ରଦ୍ଧାର ଅମୃତଧାରା। ସନ୍ତାନ ଆଖିର ଲୁହ ପୁଣି ତା' ଆଖିରେ କୋହ ସୃଷ୍ଟିକରେ। ସନ୍ତାନର ଖୁସି ପାଇଁ ନିଜର ଖୁସିକୁ ଯିଏ ତିଳତିଳକରି ଜାଳି ଆଲୋକବର୍ତ୍ତିକା ହୁଏ ସେହିପରି ମା' ଥିଲେ ମା' ମନୋରମା ମହାପାତ୍ର। ସେ ପୁଣି ପଥ ପ୍ରଦର୍ଶିକା, ନୈତିକ ପଥର ଅଭିଯାତ୍ରୀ ଆଜୀବନ ସାଧିକା, ଜ୍ଞାନ ତପସ୍ୱିନୀ, ସଂସ୍କୃତି ସମ୍ପନ୍ନା, ପରିପୂର୍ଣ୍ଣ ସ୍ନେହର ପ୍ରତିମୂର୍ତ୍ତି, ଚିର ନମସ୍ୟା ମା' ମନୋରମା। ସ୍ନେହ, କରୁଣା, ଶ୍ରଦ୍ଧା, ନୀତି ଓ ପ୍ରଜ୍ଞାର ଏକ ଅପୂର୍ବ ଆଶ୍ଚର୍ଯ୍ୟ ସମନ୍ୱୟ ଥିଲେ ଆମରି ମା' ମନୋରମା। ବିଶ୍ୱାସ କରିହୁଏନି ରକ୍ତ, ମାଂସ ଶରୀର ଏଭଳି ଛଳନାମୟ ସଂସାରରେ ପୁଣି ତାଙ୍କପରି ମା'ଙ୍କର ଅତି ନିକଟତର ହେବାର ସୌଭାଗ୍ୟ ଲାଭ କରିବି ବୋଲି। ଦୀର୍ଘ ୨୨ ବର୍ଷ ହେବ ମୋ' ମା'ଙ୍କୁ ମୁଁ ହରାଇଥିଲି। ହରାଇଥିବା ସେହି ମାତୃସ୍ନେହ ମୁଁ ପୁଣି ଫେରିପାଇଥିଲି ମା' ମନୋରମାଙ୍କ ପାଖରେ। ପିଲାଦିନେ ତାଙ୍କ ହାତରୁ ସ୍କୁଲ କଲେଜରେ ପାଠପଢ଼ିବା ସମୟରେ ଯଦିଓ ପୁରସ୍କାର ପାଇଥିଲି ତାଙ୍କ ତେଜସ୍ୱିନୀ ଅଭିଭାଷଣରେ ଅଭିଭୂତ ହୋଇଥିଲି ହେଲେ କେବେ ଏତେ ପାଖରୁ ସାନ୍ନିଧ୍ୟ ପାଇନଥିଲି।

ଏହାପରେ ଦୀର୍ଘବର୍ଷପରେ ୨୦୧୦ ମସିହାରେ ମୋର ପ୍ରଥମ କବିତା ସଂକଳନ 'ମୋ' ସ୍ୱପ୍ନର ପୃଥିବୀ' ପୁସ୍ତକ ଉନ୍ମୋଚନ ହେବାର ଠିକ୍ ୫ ଦିନ ପୂର୍ବରୁ ହଠାତ୍ ଦିନେ ତାଙ୍କର ଫୋନ୍ କଲ୍‌ରେ ଅଭିମାନଭରା ଉଚ୍ଚକଣ୍ଠସ୍ୱର ଶୁଣିବାକୁ ପାଇଥିଲି। ତାଙ୍କର ଅଭିମାନ ଥିଲା ମୁଁ ନିମନ୍ତ୍ରଣ ପତ୍ରଟିକୁ ନିଜେ ନ ଦେଇ କାହା ହାତରେ କାହିଁକି ପଠାଇଛି। ସେତେବେଳକୁ ମୁଁ ତାଙ୍କ ପାଖରେ ପୁରାପୁରି ଅଜଣା ଅସୁଣା ବ୍ୟକ୍ତିଟିଏ ଥିଲି। ଫୋନ୍‌ଟି ପାଇସାରିଲା ପରେ ମୁଁ ହଠାତ୍ ଭୟଭୀତ ହୋଇପଡ଼ିଲି। ଏହାପରେ ଜୁନ୍ ୧୦ ତାରିଖ ସନ୍ଧ୍ୟାବେଳେ ମୁଁ ତାଙ୍କ ଘରକୁ ନିଜେ ମୋ ଝିଅ ଏବଂ ସ୍ୱାମୀଙ୍କ ସହ ଗଲି। ଏତେ ବଡ଼ ସାହିତ୍ୟିକାଙ୍କ ପାଖକୁ ଯାଉଛି ବୋଲି ମନରେ ଡର ବସା ବାନ୍ଧିଥାଏ। ଏହାପରେ ପ୍ରଣାମକରି କାର୍ଡଟିକୁ ତାଙ୍କ ହାତକୁ ବଢ଼ାଇ ଦେଉଦେଉ ଶାନ୍ତ, ସ୍ନିଗ୍ଧ ଛଳଛଳ ହୃଦୟରେ ହସିହସି ସେ ମୋ' ହାତରୁ କାର୍ଡଟିକୁ ନେଇ ମୋତେ ଆଉ ମୋର ଛୋଟଝିଅକୁ କେକ୍, ଲଡୁ, ମିଠା ଓ ଅଙ୍ଗୁର କୋଳି ଖୁଆଇ ଦେଲେ। କହିଲେ ଆଜି ମୋର ଜନ୍ମଦିନ। ତୁମେ ମୋ ପାଖକୁ ଆସିବ ବୋଲି ମୁଁ ଏପରି ତୁମକୁ କହିଲି। ମୁଁ ଆଶ୍ଚର୍ଯ୍ୟ ହୋଇ ତାଙ୍କ ମୁହଁକୁ ବଲବଲ କରି ଚାହିଁରହିଥାଏ। ପୁଣି କହି ଉଠିଲେ, ତୁମ ଲେଖାରେ ଉଚ୍ଚଚିନ୍ତାଧାରା ଅଛି, ଚେଷ୍ଟା କଲେ ଆଗକୁ ଆହୁରି ଭଲ ଲେଖିପାରିବ। ଡରୁଛ କାହିଁକି ? ମୁଁ ତୁମକୁ ଭଲପାଏ ବୋଲି ଏପରି ରାଗିକରି କହିଥିଲି। ସେହିଦିନ ସେହି ମୁହୂର୍ତ୍ତରେ ମୋତେ ଓ ମୋ' ଝିଅକୁ କୋଳକୁ ଆଉଜେଇ ଦେଇ ସ୍ନେହଡୋରରେ ମମତାରେ ବାନ୍ଧିଦେଲେ। ଆଶ୍ଚର୍ଯ୍ୟ ହେଲି ତାଙ୍କ ହୃଦୟରେ ସତରେ ଅନାବିଳ ସ୍ନେହ, ପ୍ରେମ, ଭଲପାଇବା, ଆଶୀର୍ବାଦ ସବୁ ଯେମିତି ଖୁନ୍ଦି ହୋଇରହିଛି। ଉପରକୁ ସିନା ଭୁଲ୍ ଦେଖିଲେ ଅଭିମାନ କରନ୍ତି ହେଲେ ଭିତରେ ପୁରା ସ୍ନେହ, କରୁଣା, ପ୍ରେମର ଛଳଛଳ ଚିରସ୍ରୋତସ୍ୱିନୀ ନଦୀଟିଏ ମା' ମନୋରମା। ତାଙ୍କୁ ପରଖିବା ଏତେ ସହଜ ନୁହେଁ। ସେହି ଦିନରୁ ଆଜିଯାଏ କି ଯାଦୁଥିଲା ତାଙ୍କ ସ୍ନେହ ଭଲପାଇବାରେ, ସବୁବେଳେ ଜାଣେନା କାହିଁକି ବ୍ୟାକୁଳତା ବଢ଼ିଯାଉଥିଲା, ତାଙ୍କୁ ଅହରହ ଦେଖା କରିବାକୁ। ଅଗାଧ ପାଣ୍ଡିତ୍ୟର ଏକ ପୂର୍ଣ୍ଣକୁମ୍ଭଟିଏ ମା' ମନୋରମା। ଆଜି ପର୍ଯ୍ୟନ୍ତ ମୁଁ ଯାହାବି ଜ୍ଞାନ ଲାଭ କରିଛି, ଲେଖନୀକୁ ଧରିଛି ସବୁ ତାଙ୍କରି ଆଶୀର୍ବାଦ। ସେ ମୋର ଲେଖନୀକୁ ସଜାଡ଼ି ଦେଇ କହିବାର ସ୍ୱରକୁ ମଧ୍ୟ ସଜାଡ଼ି ଦେଇଥିଲେ। ଆଜି ଅନେକ ସନ୍ତାନକୁ ବାନ୍ଧି ଦେଇଛନ୍ତି ତାଙ୍କ ସ୍ନେହ ପ୍ରୀତିଭରା ପଣତକାନିରେ। ମୋ' ଜୀବନରେ ଏମିତି କୌଣସି ଘଟଣା ଦୁର୍ଘଟଣା ନଥିଲା। ଯାହା ମୁଁ ତାଙ୍କ ପାଖେ ନ ଜଣାଇଛି। ତାଙ୍କଠାରୁ ଜନ୍ମଲାଭ କରିନଥିଲେ ମଧ। ତାଙ୍କଠାରୁ ଯେଉଁ ସ୍ନେହ ଶ୍ରଦ୍ଧା, ଭଲପାଇବା ପାଇଛି ନିଜ କନ୍ୟାଠାରୁ କୌଣସି ଗୁଣରେ ତାହା କମ୍ ନଥିଲା। କେବଳ ମୁଁ ନୁହଁ ସମସ୍ତ ସମାଜର ପୁତ୍ରକନ୍ୟାକୁ ସେ ନିଜର କରିପାରୁଥିଲେ। ତାଙ୍କରି ଆଶୀର୍ବାଦ ଯୋଗୁଁ ମୋର ଲେଖିକା ଜୀବନ ଏବଂ ସମାଜସେବୀ ଜୀବନ ସାର୍ଥକ ହୋଇଛି। ସେଥିଲେ ମୋ' ପାଇଁ ପଥପ୍ରଦର୍ଶିକା ମା' ମନୋରମା। ନାରୀକେଳ ପରି ଉପରେ କଠୋର ହେଲେ ମଧ ଭିତରେ ବହୁତ ମଧୁର ହୋଇ ଅନୁଶାସନ ଭିତରେ ସ୍ନେହ, ପ୍ରେମ ଓଜାଡ଼ି ଦିଅନ୍ତି ଅବାଞ୍ଛିତ ଭାବେ। ଆଜି ତାଙ୍କର ଅକସ୍ମାତ ଅସ୍ୱଭାବିକ ମୃତ୍ୟୁ ସମଗ୍ର ରାଷ୍ଟ୍ରକୁ ଶୋକାଭିଭୂତ କରିଛି। ୮୭ ବୟସରେ ମଧ ସେ ସଦା ଚଳଚଞ୍ଚଳ ରହୁଥିଲେ। ଅନେକ ସାମାଜିକ ଅନୁଷ୍ଠାନ ସହ ମୋତେ ଯୋଡ଼ି ଦେଇ କର୍ମ କରିବାର ଶୈଳୀକୁ ଶିଖାଇ ଦେଇଥିଲେ। ସାହିତ୍ୟ ସାଧନା ଏବଂ ସମାଜସେବା କ୍ଷେତ୍ରରେ ଆଲୋକବର୍ତ୍ତିକା ସାଜି ସମସ୍ତଙ୍କର ପ୍ରେରଣାର ଉତ୍ସ ହୋଇ କେବେବି ଥକି ପଡୁନଥିଲେ। କି ଇଚ୍ଛାଶକ୍ତି ସତରେ। ତାଙ୍କର ହସ ହସ ମୁହଁ, ସମସ୍ତଙ୍କ ମନରେ ସକାରାତ୍ମକ ମନୋଭାବକୁ ଉଦ୍‌ଜୀବିତ କରିଦିଏ। ମା' ପରି ପ୍ରତି ମୁହୂର୍ତ୍ତରେ ଆକଟ କରୁଥିଲେ ମା' ମନୋରମା। ସବୁବେଳେ କହୁଥିଲେ ତୁମ ପାରିବ। ଏଭଳି କୌଣସି କାର୍ଯ୍ୟନାହିଁ ଯାହା ତୁମେ ପାରିବନି। ୨୦୨୧ ମସିହା ସେପ୍ଟେମ୍ବର ୧୮ ତାରିଖ ସନ୍ଧ୍ୟା ୬ଟା ପ୍ରକୃତରେ ଥିଲା ଏକ କାଳରାତ୍ରୀ ଯିଏ ତାର ସନ୍ତାନମାନଙ୍କଠାରୁ ତାଙ୍କର ମା'କୁ ଛଡ଼ାଇ ନେଇଗଲା। ଦୁଇଦିନ ପୂର୍ବରୁ ତାଙ୍କ ଉପରେ ଲେଖା ଲେଖିବାକୁ କହୁଥିଲେ ହେଲେ କର୍ମଚାପ ଏବଂ ଏହି କରୋନା ଯୋଗୁଁ ଆମେ ମିଟିଂ କରିପାରୁନଥିଲୁ। କେବେବି ଭାବିନଥିଲି ମା' ଆମକୁ ଛାଡ଼ି ଏତେ ଶୀଘ୍ର ଚାଲିଯିବେ ବୋଲି। ସମଗ୍ର ପରିବେଶକୁ ମଧୁମୟ, ଶୋଭାମୟ, ତ୍ୟାଗମୟ କରିବାକୁ କି ଅଦ୍ଭୁତ ଶକ୍ତି ନଥିଲା ତାଙ୍କର। ଥରେ ଦେଖିଦେଲେ ତାଙ୍କୁ ସବୁ ଯନ୍ତ୍ରଣା ଉପଶମ ହୋଇଯାଏ। ସେଦିନ ଶାନ୍ତ, ସ୍ନିଗ୍ଧ, ଶରୀରଟି ତାଙ୍କର ଧୀରେ ଧୀରେ ଫୁଲମାଳରେ ଲୁଚିବାକୁ ଆରମ୍ଭ କରୁଥିଲା। କାହିଁକି କେଜାଣି ଅମାନିଆ ଲୁହଗୁଡ଼ିକ କୋହ ହୋଇ ଝରିପଡୁଥିଲା ଆଖିରୁ। ନିତ୍ୟ କଲ୍ୟାଣମୟୀ, ଶୁଭାନୁଧାୟିନୀ ମା' ଚାଲିଗଲେ ବହୁ ଊର୍ଦ୍ଧ୍ୱକୁ। ପ୍ରଭୁ ଜଗନ୍ନାଥ ଧାମ ସ୍ୱର୍ଗଦ୍ୱାରକୁ। ସେଠି ପଞ୍ଚଭୂତରେ ଶରୀର ବିଲୀନ ହୋଇଗଲା। ହେଲେ ତାଙ୍କର ଅଜସ୍ର ପ୍ରେମ ରାଶିରାଶି ସାହିତ୍ୟ ସୃଷ୍ଟି, ନିଷ୍କପଟ ଭଲପାଇବା, ଛଳନାହୀନ ପ୍ରେମ, ନିଃସ୍ୱାର୍ଥ କର୍ମ ତାଙ୍କୁ ଚିରଦିନ ପାଇଁ ଅନିର୍ବାଣ ଜ୍ୟୋତିଶିଖାପରି ଜଳାଇ ରଖିବ। ହେ ! ଜ୍ଞାନ ତପସ୍ୱିନୀ, ଚିର ନମସ୍ୟା, ଚିର ବନ୍ଦନୀୟା, ଦୁଇକୂଳକୁ ହିତା, ତୁମେ ଯେ ବର୍ଣ୍ଣେ ଜ୍ଞଳେଶ୍ୱର ତୁମ ପୁଣି ନାରୀ ସଶକ୍ତିକରଣର ସମୁଜ୍ଜ୍ୱଳ ସ୍ୱର। ତୁମେ ପଦଚିହ୍ନ ପରେ ଆମେ ଯଦି ନିର୍ବିଘ୍ନରେ, ନିର୍ଦ୍ୱନ୍ଦ୍ୱରେ ଯାଇ ତୁମ ଅସ୍ଫୁରନ୍ତି ସ୍ୱପ୍ନକୁ ସାକାର କରିବା ତେବେ ତାହାହିଁ ହେବ ତୁମ ଅମର ଆତ୍ମାପ୍ରତି ଆମର ପ୍ରକୃତ ଶ୍ରଦ୍ଧାଳି।

> ଈଶ୍ୱରଙ୍କ ସର୍ବସୃଷ୍ଟିର ସବୁଠାରୁ ଅମୃତମୟ ସତ୍ତା ହେଉଛି ମା'। ମା' ଦୟା, କ୍ଷମା, ପ୍ରେମ, ତ୍ୟାଗ, ତିତିକ୍ଷା, କରୁଣା, ଅନୁକମ୍ପା, ସ୍ନେହ, ଶ୍ରଦ୍ଧା ଆଦି ଯାବତୀୟ ଈଶ୍ୱରୀୟ ଗୁଣରେ ବିଭୂଷିତା। ସନ୍ତାନର ସକଳ ଦୁଃଖ, ଯନ୍ତ୍ରଣା, ଯାତନା ନିମିଷକରେ ଯିଏ ଉପଶମ କରି ଅବାଞ୍ଛିତ ଆଶୀର୍ବାଦ ଢାଳିଦିଏ ସେ ହେଉଛି ମା'।



+ରଘୁନାଥଜୀଉ ମହାବିଦ୍ୟାଳୟ,
ଦେଉଳ ସାହି,
ତୁଳସୀପୁର, କଟକ
ଫୋନ୍- ୯୮୫୩୩୫୦୩୮୪

# ପିଲାଙ୍କ ପାଠପଢ଼ା ପାଇଁ ସରକାର ଚିନ୍ତିତ କି ?

ସୁବ୍ରତ କର



କାରଣ ଗତ ସାତ ଆଠ ଦିନ ହେବ ପିଲାଙ୍କ ପାଠପଢ଼ା ଗାନ୍ଧୀ ମାର୍ଗଠାରେ ଚାଲିଛି। ପ୍ରାୟ ରାଜ୍ୟର ଥିବା ୫୬ ହଜାର ବିଦ୍ୟାଳୟରେ ପାଠପଢ଼ା ଠପ୍। ପାଠପଢ଼ାର ଦାୟିତ୍ୱରେ ଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ ଗାନ୍ଧୀମାର୍ଗରେ ଦିନ ରାତି ବସି ରହି ସରକାରଙ୍କଠାରେ ତାଙ୍କର ଦାବି ହାସଲ ପାଇଁ ବ୍ୟସ୍ତ ଅଛନ୍ତି। ଏପଟେ ପିଲାମାନେ ସ୍କୁଲ ଛୁଟି ବା ବନ୍ଦ ଥିବାରୁ ଆରାମରେ ଖେଳାଖଳି କରି ଦିନ ବିତାଉଛନ୍ତି। ସମାଧାନର ସୂତ୍ର ସରକାରଙ୍କଠାରେ ନାହିଁ ବା ମିଳୁନାହିଁ। ସମସ୍ତଙ୍କର ଗୋଟାଏ ଦାବି ଆମକୁ ଆହୁରି ଟଙ୍କା ଦରକାର। ୪୮୦୦୦-୫୦୦୦୦ ମାସିକିଆ ବେତନ ତାଙ୍କ ପାଇଁ ଯଥେଷ୍ଟ ନୁହଁ। ଏବେ ପ୍ରଶ୍ନ ଉଠୁଛି କେତେହେଲେ ସେମାନେ ଆମ ପିଲାମାନଙ୍କୁ ପାଠ ପଢ଼ାଇବା ପାଇଁ ସ୍କୁଲକୁ ଫେରିବେ ? ଏହାକୁ ଦେଖି ମାଧ୍ୟମିକ ଶିକ୍ଷକମାନେ ତାଙ୍କର ଦାବି ସହିତ ପ୍ରସ୍ତୁତ ହୋଇସାରିଲେଣି ଆସନ୍ତା ୨୨ରୁ ଆରମ୍ଭ ହେଉଥିବା ବିଧାନସଭା ସମୟରେ ଆନ୍ଦୋଳନ କରିବା ପାଇଁ। ଏବେ ଏବେ ଗାନ୍ଧୀ ମାର୍ଗରେ ବେକାର ଇଂଜିନିୟରମାନେ ଧାରଣାରେ ବସି ରହିଛନ୍ତି ଏବଂ ସମାଧାନର ବାଟ ନମିଳିବା ପର୍ଯ୍ୟନ୍ତ ସେମାନେ ଧାରଣାରୁ ଉଠିବା ପାଇଁ ପ୍ରସ୍ତୁତ ନୁହନ୍ତି। ଏହା ପରେ ପରେ ରାଜ୍ୟର ସରପଂଚମାନେ ରାଜଧାନୀରେ ଗର୍ଜିବା ଆରମ୍ଭ କରିଛନ୍ତି। ସେମାନେ ତାଙ୍କର ଗୋଟାଏ ଜିଦ୍ ଧରି ବିଧାନସଭା ସମ୍ମୁଖରେ ବସିଛନ୍ତି। ତାଙ୍କର ଜିଦ୍ ତାଙ୍କର ସ୍ମାରକପତ୍ର ମୁଖ୍ୟମନ୍ତ୍ରୀ ଛଡ଼ା କାହାକୁ ଦେବେନାହିଁ। ସେମାନେ ଠିକ କରିଛନ୍ତି ୨୨ତାରିଖ ସୁଦ୍ଧା ସେଠାରେ ଧାରଣାରେ ବସି ରହିବେ। ଏହା ପୂର୍ବରୁ ରାଜ୍ୟ ସରକାରଙ୍କର ଆୟୁଷ ଡାକ୍ତରମାନେ ମଧ୍ୟ ଧାରଣା ଦେଇ ହାତରେ କଳା ବେଚ୍ ବାନ୍ଧି ନିଜ ନିଜ କାର୍ଯ୍ୟ କରୁଥିଲେ। ଏହା ପୂର୍ବରୁ ହଜାର ହଜାର ଅଙ୍ଗନବାଡ଼ି କର୍ମୀମାନେ ସେହି ଗାନ୍ଧୀ ମାର୍ଗରେ ଗୋଡ଼ାଏ ଦିନ ବସିରହି ନିଜର ଦାବି ହାସଲ କରିବାପାଇଁ ଚେଷ୍ଟା କରିଥିଲେ। କିଛିଦିନ ତଳେ ରାଜ୍ୟ ସରକାରଙ୍କଠାରେ କାର୍ଯ୍ୟରତ ଡ୍ରାଇଭର ବାବୁମାନେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଚେଷ୍ଟା କରିଥିଲେ ଏବଂ ତାଙ୍କର ଗୁହାରୀ ଜଣାଇଥିଲେ। ଏହିପରି ସରକାରୀ ଡାକ୍ତର ବାବୁମାନେ, ଆଶାକର୍ମୀମାନେ ସମସ୍ତେ ବ୍ୟସ୍ତ ଥିଲେ ନିଜର ସବୁ ଦାବି ପୂରଣ କରିବା ଦିଗରେ। ଅନ୍ୟ ବିଭାଗର କର୍ମଚାରୀମାନେ ମଧ୍ୟ ଆଗରେ ଥିବା ଇଲେକସନକୁ ଆଖି ଆଗରେ ରଖି ସରକାରଙ୍କଠାରୁ କିଛି ନା କିଛି ଦାବି ହାସଲ କରିବା ପାଇଁ ସେମାନେ ଯୋଜନା କରୁଛନ୍ତି। ଏବେ ପ୍ରଶ୍ନ ଉଠୁଛି ସରକାର ବାହାଦୂର କ'ଣ କରିବେ ? ଦାବି ସବୁକୁ ପୂରଣ କରିବେ ନା, ମିଛରେ ଆଶ୍ୱାସନା ଦେଇ ଦିନ ଗଡ଼େଇନେବେ ନା କିଛି ଦାବିକୁ ମାନି ଇଲେକସନ୍ ପର୍ଯ୍ୟନ୍ତ ଚଳେଇଦେବେ।




## ଅଗ୍ରପୂଜ୍ୟ ବିନାୟକ.....

ରାମଚନ୍ଦ୍ର ବେହେରା

ହେ ବିଦ୍ୟା ଦେବତା ଜ୍ଞାନ ବୁଦ୍ଧିଦାତା
ଦେବାଦେବ ଗଜାନନ
ତୁମ ପଦଧ୍ୟାୟୀ ଯେ ବିଦ୍ୟା ପଢଇ
ପାଇଥାଏ ଦିବ୍ୟ ଜ୍ଞାନ।
ତୁମ ମହିମାର ନାହିଁ ପଟାନ୍ତର
ଆହେ ପ୍ରଭୁ ବିଘ୍ନଦାତା
ତୁମ କୃପା ବଳେ ମୂର୍ଖ ବି ପଣ୍ଡିତ
ହୁଅଇ ଜଗତଜିତା।
ଆହେ ଲମ୍ବୋଦର ଟେକିଦିଅ କର
ଝରିପଡୁ ଶୁଭାଶିଷ
ଜ୍ଞାନ ଆଲୋକରେ ଆଲୋକିତ ହେଉ
ଆମ ଏ ପବିତ୍ର ଦେଶ।
ଆହେ ଅଗ୍ରପୂଜ୍ୟ ପ୍ରଭୁ ଗଣନାଥ
ତୁମେ ପରା ଜ୍ଞାନଦାତା
ତୁମ ଶ୍ରୀଚରଣେ ଏତିକି ଗୁହାରି
ବୁଦ୍ଧି ଦିଅ ବିଦ୍ୟାଦାତା।
ପ୍ରଭୁ ଗଜାନନ ଗଉରୀ ନନ୍ଦନ
ଏତିକି କରୁଣା ହେଉ
ତୁମ ସଦ୍ ବୁଦ୍ଧି ଆଶିଷର ବଳେ
ବିଦ୍ୟା କଣ୍ଠେ ଶୋଭାପାଉ।
ପ୍ରଭୁ ଲମ୍ବୋଦର ଜ୍ଞାନର ସାଗର
ଆରାଧ ଦେବତା ମୋର
ଆହେ ଗଣପତି ମଂଗଳ ମୂରତି
ବିଦ୍ୟାର ହେଉ ଆଦର।
ପ୍ରଭୁ ବିନାୟକ ଗାଇ ତବ ଶ୍ଳୋକ
କରୁଛି ପାଦେ ମିନତୀ
ଜ୍ଞାନ ଗାରିମାରେ ବିଭୂଷିତ କର
ଘେନ ମୋ କୋଟି ପ୍ରଣତି।

ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ଅଗ୍ରପୂଜ୍ୟ ଶ୍ରୀଗଣେଶ

ନୂତନ କୁମାର ବେହେରା

ଜ୍ଞାନ ବୁଦ୍ଧି ସିଦ୍ଧିଦାତା ଆରାଧ ଦେବ
ଯିଏ ମାତା ପାର୍ବତୀ
ଶୈଳ ସୁତା ଦେବୀଙ୍କ
ସ୍ନାନ କାଳେ ହଳଦୀ
ଚନ୍ଦନ ବିଲୋପନର
ମଳକୁଟିରୁ ନେଇ ଏକ
ପିତୁଳାର ରୂପରେଖ
ପାଇଥିଲେ ଦିବ୍ୟ
ଚେତନାରେ ଜୀବନ୍ୟାସ
ସେ ଅଗ୍ରପୂଜ୍ୟ ଶ୍ରୀଗଣେଶ
ରୁଦ୍ଧଦ୍ୱାରେ ରଖି ତାଙ୍କୁ ଦ୍ୱାରପାଳ
ଧ୍ୟାନେ ନିମଗ୍ନା ଥିଲେ
ଦେବୀ ଗିରି ଗୁମ୍ଫା ମଧ୍ୟେ
ଦର୍ଶନାଭିଳାଷୀ ଦେବ
ଦେବ କୈଳାସ ପତି
ମହାଦେବ ଶିବ
ଶମ୍ଭୁ ସଂହାରକାରୀଙ୍କୁ
କରିବାରୁ ସଶସ୍ତ୍ରେ
ଦୃଢ଼ ଭାବେ ପ୍ରତିରୋଧ
କୋପେ ତ୍ରିଶୂଳ ଆଘାତେ
ରୁଦ୍ର ଶଙ୍କର
ଅଜ୍ଞାତେ କଲେ ଯାହାଙ୍କୁ
ନିହତ ହୋଇ ବିବଶ
ସେ ଅଗ୍ରପୂଜ୍ୟ ଶ୍ରୀଗଣେଶ
ଦେଖି ପିତାପୁତ୍ରଙ୍କ ଯୁଦ୍ଧର
କରୁଣ ପରିଣତି
ମାତାଶ୍ରୀ ଶୋକରେ କଲେ
ଅଶ୍ରୁ ବିସର୍ଜନ
ଜାଣି ସତ୍ୟାସତ୍ୟ ମର୍ମାହତ
ହେଲେ ଭୋଳାନାଥ
ବଞ୍ଚାଇବାକୁ ପୁନର୍ବାର
ଖୋଜିଲେ ଶିର
ନ ପାଇବାରୁ କାଟି ଆଣି
ଗଜ ଶିଶୁର ଶିର
ସଂଯୋଗ କରି ଦେଲେ
ଜୀବନ ଦାନ
ଯାହାଙ୍କଠାରୁ ଦିବ୍ୟଜ୍ଞାନର
ହୁଏ ପ୍ରକାଶ
ସେ ଅଗ୍ରପୂଜ୍ୟ ଶ୍ରୀଗଣେଶ
ଏ ଅନର୍ଥର ପ୍ରତିକାର
ସୁଚିନ୍ତି ଦେବଗଣ
ଦେବଙ୍କ ମଧରେ କରିବାକୁ
ଅନନ୍ୟ ସ୍ୱତନ୍ତ୍ର
ସର୍ବେ କଲେ ଆଶୀର୍ବାଦ ପ୍ରଦାନ
ଦେଲେ ତାଙ୍କୁ ଅସରନ୍ତି
ଅନନ୍ତ ଜ୍ଞାନଶକ୍ତି
କୃଷ୍ଣ ଦୈପ୍ୟାୟନ
ଶ୍ରୀ ବ୍ୟାସଦେବ ମହର୍ଷିଙ୍କ
ଶ୍ରୀମୁଖରୁ ବାଣୀ ଶୁଣି
ଲିପିବଦ୍ଧ କଲେ
ଜ୍ଞାନସାର ଅଦ୍ୱିତୀୟ
କାବ୍ୟ ମହାଭାରତ
ଲଭିଲେ ବ୍ରହ୍ମାଣ୍ଡେ ଯିଏ
ଅଶେଷ ଯଶ
ସେ ଅଗ୍ରପୂଜ୍ୟ ଶ୍ରୀଗଣେଶ
ଜ୍ଞାନର ସାଗର ବିଶାଳ
ଆକାଶ ପରି ଶାନ୍ତ ନମ୍ର
ପ୍ରଭୁ ବିଘ୍ନନାଶକ
ବିଘ୍ନେଶ୍ୱର ଗଣନାଥ
ଅଣୁ ପରିମାଣର ତାଙ୍କର
ଶୁଭାଶିଷ ଦାନ
ମୂର୍ଖକୁ କରାଏ ମହାପଣ୍ଡିତ ବିଶେଷ
ନିର୍ବାକ୍ ମୂକକୁ କରାଏ
ପ୍ରଗଳ୍ଭ ବାଗ୍ମୀ ବକ୍ତା
ଜ୍ଞାନାନ୍ଧକୁ ଦିଏ ସୂର୍ଯ୍ୟଙ୍କ
ସମ ଜ୍ଞାନର ଜ୍ୟୋତି
ଯାହାଙ୍କ କରୁଣା ଲାଗି ସଭିଏଁ କରନ୍ତି
ଧ୍ୟାନ ଧାରଣାରେ ପୂଜା ଅର୍ଚ୍ଚନା
ବ୍ରତ ଉପବାସ
ତାଙ୍କୁ କୋଟି କୋଟି
ପ୍ରଣାମ କରେ ବିଶ୍ୱ
ସେ ଅଗ୍ରପୂଜ୍ୟ ଶ୍ରୀଗଣେଶ।

+ କୋହି,ବାରିପଦା,ମୟୂରଭଞ୍ଜ
ମୋ: ୮୦୧୮୩୫୩୩୨୨

## ହେ ବିଘ୍ନେଶ୍ୱର

କୀର୍ତ୍ତନ ସାହୁ



ହେ ବିଘ୍ନେଶ
ପ୍ରଭୁ ଗଜାନନ
ଆସ ଅବତରି
ଥରେ ଆଖି ଫେଇ ଦେଖ
କେମିତି ଦୁସ୍ଥ ଅସହାୟ ହୋଇ
ବଞ୍ଚିଛି ମଣିଷ
ପ୍ରତି ମୁହୂର୍ତ୍ତରେ ଥାଏ
ବିପଦ ଆଶଙ୍କା
ଖାଲି ପାପ ଅତ୍ୟାଚାରର
ଅନ୍ଧକାର ଘେରି ଅଛି
ସାରା ଏ ବିଶ୍ୱକୁ
ସ୍ୱାର୍ଥ ହେଇଛି ସର୍ବସ୍ୱ
ଭୁଲି ଯାଇ ଭାଇ ବନ୍ଧୁ
ଆତ୍ମୀୟ ସ୍ୱଜନ।
ହେ ବିନାୟକ ଏକଦନ୍ତ
ଶିବଙ୍କ ନନ୍ଦନ
ଥରେ ଓହ୍ଲାଇ ଆସ
ଟିକେ ଶୁଭ ଦୃଷ୍ଟି ଢାଳି ଦିଅ
ହଟି ଯାଉ
ଯେତେ ବିଘ୍ନ ଏଠି
ଶାନ୍ତିର ମଳୟ
ହେଉ ପ୍ରବାହିତ
ଅଜ୍ଞାନ ଅନ୍ଧକାର
ଅପସରି ଯାଉ
ବିରାଜୁ ଜ୍ଞାନର ଆଲୋକ
ମଣିଷର ଆଖି ଫିଟି ଯାଉ
ଜୀବନର ସରସତା
ଫେରି ପାଉ
ମଣିଷ ଜୀବନ
ସାର୍ଥକ କରୁ ।

+ମିଶ୍ର କଲୋନୀ
ଶାଳ ପଡ଼ା , କେନ୍ଦୁଝର
ଦୂରଭାଷ - ୯୪୩୮୪୧୪୭୦୧

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୧୯ ସେପ୍ଟେମ୍ବର, ମଙ୍ଗଳବାର, ୨୦୨୩

# କବିତାମାଳା



## ଯୋଗେଶ୍ୱରୀ କାଶତଣ୍ଡୀ
### ବସିରନ୍ ବିବ

ଜୀବନ ନିଆଁରେ ନିଇତି
ଜଳି ଜଳି ମରିବା ,
ଆଉ ମରି ମରି ବଂଚିବାର
ଯନ୍ତ୍ରଣା, ତୋ' ଠାରୁ ଆଉ ଅଧିକ
କିଏଜାଣେ କହିଲୁ କାଶତଣ୍ଡୀ !

ନିଦାଘ ର ଧୂ'ଧୂ ଖରାତାତି
ମାଘ ମାସ ହାଡ଼ଭଙ୍ଗା ଶୀତ
ସବୁ ସହି ମାଟି କାମୁଡି
ପଡ଼ିଥାଉ ବୋଲି ତ, ଡ଼ହଡ଼ହ
ଜୀବନନିଆଁରୁ ବାହାରି ଆସି
ଅସରାଏ ବର୍ଷାରେ ଗାଧୋଇ
ଏମିତି ଦାଉଦାଉ କରୁ, ଯେ
ତୋ' ଶୁଭ୍ର-ରଜତ କାନ୍ତିରେ
ଉଦାସ ହୋଇଯାଏ
ଶରତରାତିର ନୀଳ ନିର୍ମଳ ଜହ୍ନ ।

ତୋ' ଶୁଭ୍ର ହସରୁ ବିଚ୍ଛୁରି ପଡେ
ଆଶା ଆଉ ଆଶ୍ୱାସନାର
ଅନ୍ତର୍ଭେଦୀ ଅଜସ୍ର କିରଣ ।
ଜୀବନ ଜୁଇରେ ନିଇତି ଜଳୁଥିବା
ମଣିଷକୁ ସତେ ଯେମିତି
କହୁ ଥାଉ, ଭାଙ୍ଗି ପଡ଼ନାରେ...
ଦୁଃଖସୁଖର ଏଇତ ଜୀବନ ।
ଖରା ପରେ ବରଷା ଆସିବ
ଶୀତ ପରେ ଆସିବ ବସନ୍ତ
କିଛି ଏଠି ନୁହେଁ ସ୍ଥିର
ସମୟ ତ ଆଣିଥାଏ ସବୁଥିର ଅନ୍ତ
ଧୈର୍ଯ୍ୟ ରଖ,
ହାରି ଦେ' ନା ସାହସ ।
ସତରେ, ତୁ' ଖାଲି ଫୁଲଟିଏ
ନୁହଁ କାଶତଣ୍ଡୀ!
ତୁ' ପ୍ରେରଣାଟିଏ ଜୀବନର
ଭାବନାଟିଏ ଭାବ ରାଜ୍ୟର,
ଯୋଗେଶ୍ୱରୀଟିଏ
ଯୋଗ ସାଧନାର ।
ଆଉ ଆଶ୍ୱାସନଟିଏ
ଆଶାହରା ମଣିଷ ମନର...

+ ନୟାଗଡ
(ମୋ) ୯୪୩୭୪୮୪୭୮୬



## ଅଳସ ନିଦରେ ତୁମେ
### ନିରଞ୍ଜନ ସାହୁ *

ସକାଳୁ ଅଳସ ନିଦ ଭାଙ୍ଗୁଭାଙ୍ଗୁ
ତୁମ ମୁହଁ ଗଲା ନାଚି
ଅନେକ ଭାବନା ଭିତରେ ବୁଡ଼ିଲି
ଆଙ୍କି ହେଲା ପ୍ରଶ୍ନବାଚୀ ।
ତୁମେ କେଉଁପରି ସେଠାରେ ରହିଛ
ସେକଥା ତୁମକୁ ଜଣା
ମୁହିଁ ଏହିଠାରେ ରହିଛି ସେପରି
ହୋଇକରି ବାଟବଣା
ଭାଗ୍ୟ ତ ଭଗାରୀ ସାଜେ ଯେଉଁପରି
ଖୁସି ଦେବ କିଏ ଯାଚି ?
ତୁମରି ଖବର ବୁଝିବାରେ ଯେତେ
ମନରେ ଆଗ୍ରହ ଥାଏ
ମନ କଥା ମୁହିଁ ମନେ ମାରିଦିଏ
ମନେମନେ ଦୁଃଖ ପାଏ
ଯାହାକୁ ପଚାର ତୁମ ଭଲମନ୍ଦ
ରାଗରେ ଯାଏ ସେ ପାଚି ।
ଆଜି ବି ପୋଖରୀ ଗାଧୁଆ ଛାଡ଼ିନି
ଗାଧୋଇବା ପାଇଁ ଯାଏ
ତୁମରି ଗାଧୁଆ ତୁଠକୁ ଚାହିଁଲେ
ସ୍ମୃତି ବିଭୋର ମୁଁ ହାଏ
ତୁମ ସାହି ଲୋକେ ଦେଖେଇ କହନ୍ତି
ତୁଠେ ଲୁଗା କାଚି କାଚି ।

ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
(ମୋ) ୯୯୩୮୭୪୧୫୮୩

## କଂଚାଖାଇ ଡାହାଣୀ
### ଡ. ହରିଶ୍ଚନ୍ଦ୍ର ବେହେରା



ଦିଶୁଛି ତ
ଦୂର ଆକାଶରେ ଖଣ୍ଡେ ମେଘ
ଲାଗୁଚି ଆସନ୍ନ ପ୍ରସବା ନାରୀଟିଏ
ଘାରି ହେଉଛି ଯନ୍ତ୍ରଣାରେ
ପ୍ରସବୁ ନାହିଁ ।

ଆର ଫାଳକ ଆକାଶରେ
ଟେଟେ[ଇ ର ଅମେ[। ଡାକ
ପୋଖରୀ ଆଡ଼ି ବାଉଁଶ ଅଗରେ
ମାଛରଙ୍କାର ଅରଣା ଚିତ୍କାର
ବୁଢ଼ା ଆମ୍ବ ଛାତିରେ
ଠିଆ ଠିଆ କାଠଖୁମ୍ପା
କାଟିଚାଲିଛି ତା'ର କଳିଜା
ପବନରେ ମିଳେଇ ଯାଉଛି
କରୁଣ ପ୍ରତିବାଦ ।

ବୁଢ଼ୀ ଅସୁରୁଣୀ ପରି
ମାୟାବିନୀ ଖରା
ଶିମୁଳି ପଳାଶ ଆଉ ଫଣି ମନସାରେ
ସଜେଇଛି ଚିତ୍ରିତ ବଖରା
କୃଷ୍ଣଚୂଡା ପାଖୁଡ଼ାରେ ଦାଉ ଦାଉ ନିଆଁ
ମୋହିନୀ ମନ୍ତ୍ରରେ ଅବା
କରିଛି କିମିଆ ।

କେଉଁ ନାଗର ଆସିବ କେଜାଣି
ଲତା ଆଢୁଆଳେ ମାଲୁଆଣୀ ଗୁଂଥୁଅଛି
ହେନା ଆଉ ମଲ୍ଲୀର ଗଜରା
ମେଳନପଦାରେ ପନଚ୍ଛେ ପୂଜା ଚାଲିଛି
ଚଇତି ହାଡ଼ିଆଣିର ମନ୍ତ୍ର ପାଠ
ମହ ମହ ବାସେ ଝୁଣା ସରା ।

କଂଚାଖାଇ ଡାହାଣୀ ଏ ଖରା
ବ୍ୟାଧ ଜାଲରେ ହରିଣୀ କହ ଦହ
ଭାଙ୍ଗିଦିଏ ଫଟାମାଟି
ଶୁଖିଲା ପଂଜରା ।

ଅରଣା ମଇଁଷି ରହିଛି ଅନାଇ
ଯାଆନା ଦନେଇ ମୋର
ତା'ପାଖରେ ନିର୍ନିମେଷ କିଏ ଜଣେ
ମାରୁଅଛି ହାଇ ...

ବର୍ଷା ପାଇଁ ଲୋଡ଼ା ଆଜି
ବାରନାରୀ ଟିଏ
ମଞ୍ଜରୀ ଉଠିବ ମାଟି
ଆଜନ୍ମ କେଉଁ ବ୍ରହ୍ମଚାରୀର ରତି ଲଗ୍ନ
ପାଦସ୍ପର୍ଶ ପାଇ ।

+ କଲ୍ୟାଣ ନଗର, ବାଲେଶ୍ୱର -୧
ମୋ-୯୪୩୭୮୧୩୭୦୮

## ସ୍ମୃତି
### ଡ. ମନୋରଞ୍ଜନ ବିଷୋୟୀ



ତୋ ସ୍ମୃତିର ସହର ଡେଇଁ
ଅନ୍ୟ କେଉଁ ଇଲାକାର କଥା
ମୋ ମନ ଝରକା ଫାଙ୍କେ
କେବେ ହେଲେ
ଉଙ୍କି ମାରିନାହିଁ ।

ତୋ ଦେହର ଚମ୍ପା ଫୁଲ ବାସ୍ନା
ତୋ ଆଖିର ନୀଳ ଉପତ୍ୟକା
ଭସା ବାଦଲର ସ୍ୱପ୍ନ
ସବୁକିଛି ଏ ଜୀବନ ଇତିହାସ

ସବୁ ଖାଲି ପରୀ କଥା
ଅଙ୍କାବଙ୍କା ଜୀବନର କଥା
ତଥାପି ମୋ ସ୍ୱପ୍ନ ସବୁ
ଚମ୍ପାଫୁଲ କଥା କୁହା
ନୀଳଚକ୍ର ଉପତ୍ୟକା
ସତ କିବା ମିଛ
ଏ ପ୍ରଶ୍ନବାଚୀର ସ୍ତରେ

ଏ ଗୋବର ଗଣେଶ କଥା
ଯେତେବେଳେ ସବୁଆଡ଼େ ଶୁଣେ
ଚମ୍ପୂ ବା ଚୁମ୍ବନ ହିରୋ ନ ହେଲେ ବି
ସବୁକଥା ମନେପଡ଼େ
ଦୁଃଖ ଆଉ ଯନ୍ତ୍ରଣାର ଅନ୍ୟନାମ ସ୍ମୃତି
ସ୍ମୃତିର ବାଇଶି ପାହାଚ ତଳେ
ଜଗା ନୁହେଁ, ଯନ୍ତ୍ରଣା ବା ନୁହେଁ
ଖାଲି ଦିଶେ ଆପଣାର
ସେ ଅଭୁଲା ଛବି ।

ସ୍ନାତକୋ□ର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,
ଭଞ୍ଜବିହାର
ମୋ:୮୮୯୫୧୪୧୭୨୭

## ବର୍ଷା
### ସିପୁନୁ ଜେନା



ବର୍ଷା ତୁମ ଆଗମନେ
ମନରେ ଭରିଯାଏ ପୁଲକ
ମେଘାଚ୍ଛନ୍ନ ଆକାଶକୁ ଚାହିଁ
ମୟୁର ନାଚିଯାଏ ବୋଲି
ଦେହସାରା ଶୀତଳ ପବନ
ମାଟି ମନସ୍କ ହୁଏ ଚଷାପୁଅ ।

ଲଙ୍ଗଳ କ[ର ସ୍ପର୍ଶରେ
ଗଜୁରି ଉଠେ ସ୍ୱପ୍ନର ଚାରା
ଆଶା-ଆଶଙ୍କା-ଆକାଂକ୍ଷାରେ
ବହିଯାଏ ଧାରା ଶ୍ରାବଣ
ବନଭୂଇଁ, କ୍ଷେତସାରା କୋଳାହଳ
ସାରୁ ପତ୍ର ଗହଳେ ବେଙ୍ଗ ରଡି
ଭିଜିଯାଏ ସାରା ଦେହ କାଦୁ
ସରସର ।

ପାହାଡ଼ ସେପାଖରୁ
କଳାଭଅଁର ଭସାବାଦଲ
ମନରେ ଖେଳେ ଉନ୍ମାଦନା
ରାସ୍ତାର ସୁଅ ପାଣିରେ କାଗଜ ଡ଼ଙ୍ଗା
ଦୂର ନଇକୁ ଭାସିବାର ଏକାଗ୍ରତା
ନାଚି ନାଚି ଡେଇଁଯାଏ
କେତେ ଖାଲଢିପର ଅଚିହ୍ନା ପଥ !

ବଢିଲା ସୁଅରେ ସ୍ୱପ୍ନମାନେ ଭାଙ୍ଗନ୍ତି
ହଜିଯାଏ କେତେ ଆଖିର ନିଦ
ଭାସିଯାଏ ମହଣ ମହଣ ବିଶ୍ୱାସ
ଛିଣ୍ଡା ଛପର ଭିତରେ ବି ସ୍ୱପ୍ନଦେଖା
କୋଉଠି ନିଃସଙ୍ଗ ଜୀବନରେ
ଅଭିଶାପ ।

ବର୍ଷା ତୁମ ପ୍ରେମର ଛିଟାରେ
ଅନେକ ରାତି ହୁଏ ମତୁଆଲା
ଶୁଖିଲା ଓଠରେ ହସ
ବାଦଲ ଉହାଡ଼େ ଜହ୍ନ ଆଲୁଅ
ଚେଇଁଉଠେ କେତେ ସ୍ମୃତିର ଝଲକ୍ ।

ତର୍କାବେଢ଼ା, କଡ଼ଲା,
ମେରାମଣ୍ଡଳୀ
ଢେଙ୍କାନାଳ-୭୫୯୧୨୧
ମୋ- ୮୭୬୩୦୭୦୫୩୫

## ପରିସୀମା
### ଜିତୁ ପ୍ରଧାନ



ତମେ ଜାଣ
ମୋ ପଢ଼ା ବହିର ପ୍ରତି ଅନୁଚ୍ଛେଦରେ
ପ୍ରତି ବାକ୍ୟରେ ପ୍ରତି ଶବ୍ଦରେ
ତୁମକୁ ମୁଁ ହଜାଇ ଦିଏ
ମୁଁ ତ କେବେ ହଜିପାରେନି
ସେ ଭିତରେ
ଆସ ଆମେ ହଜିଯିବା
ଉପନ୍ୟାସର ଶେଷ ପୃଷ୍ଠା ଆଡ଼କୁ ।

ନୂଆ କରି ଗଢ଼ିବା
ସ୍ୱପ୍ନର ସିନ୍ଧୁକ
ସେଥିରେ ଫୁଟାଇବା କାମନାର ଫୁଲ
ଅଧେ ହେବ ତମେ ଆଉ ଅଧକ ମୁଁ ।

ପ୍ରଥମ ଥର ପ୍ରେମରେ ପାଦ ରଖିଥିବା
ତରୁଣୀପରି ତମେ ଲାଜ ରେ
ଝାଉଁଳି ପଡ଼ିବ ଖୋଦ୍ ସନ୍ଧ୍ୟାଟାରେ
ଜଳି ଯିବ ଜହ୍ନ କିରଣରେ
ତାରା ଗଣି ଗଣି। ।

ଯେଉଁଠି ଚାଲି ଚାଲି ତମେ ଥକି ଯିବ
ସେଠାରେ ଥିବ ଦେଶର ପରିସୀମା
ଆଉ ପାଦେ ଆଗକୁ ଗଲେ
ପ୍ରେମର, ଆଖିର,
ଓଠର ହୃଦୟର ମନର
ଆଉ ପରି ଶେଷରେ ପ୍ରେମିକର ।

ପାଦ ଟିଏ ପ୍ରେମ ପାଇଁ
ଆଉ ପାଦେ ମାଟି ପାଇଁ
ସାଇତି ଦିଅ ଆଜିଠାରୁ
ପ୍ରେମରେ ହାରିଗଲେ
ମାଟି ଆଦରିନେବେ ତୁମକୁ
ଆଉ ଶିଖାଇ ଦେବ
ପ୍ରେମର ପରିସୀମା ।

କୁଷାପାଣ୍ଡେରୀ, ନୟାଗଡ଼
(ମୋ) ୭୬୮୧୦୪୪୮୬୪

## ଭୁଲିଗଲ କେମିତି
### ପ୍ରଶାନ୍ତ କୁମାର ନାଥ



କିଣିଥିଲି ଯେଉଁ ସିନ୍ଦୁର ଫରୁଆ
ଆଜିବି ରହିଛି ସେମିତି
ମୋତେ ଭଲପାଇ କହିବକି ପ୍ରିୟା
ଭୁଲିଗଲ ପୁଣି କେମିତି ।

ବଦଳିନି ଜମା ସିନ୍ଦୁରର ରଙ୍ଗ
ବଦଳିଲା ରୂପ ତୁମର
କହିବକି ଦୋଷ ତୁମର କି ମୋର
ଅବା ତାହା ଆମ ପ୍ରେମର ।

ତୁମ ହାତ ପାଇଁ ଦୁଇପଟ ଶଙ୍ଖା
ରଖିଥିଲି ପରା କିଣିକି
କେତେ ଖୁସି ତୁମେ ହେଉଥିଲ ପୁଣି
ସେହି କଥାଟିକୁ ଜାଣିକି ।

ସେହି ଶଙ୍ଖା ଆଜି ରହିଛି ସେମିତି
ଚାଲିଯାଇ ନାହିଁ ଠକିକି
ହେଲେ ପ୍ରିୟା ତୁମେ ଚାଲି ଯାଇଅଛ
ହୃଦୟକୁ ମୋର ଭାଙ୍ଗିକି ।

ହାତକୁ ତୁମର ସଜେଇବି ବୋଲି
ମେହେନ୍ଦୀ ରଖିଲି ଆଣିକି
ଖୁସି ହୋଇ ତୁମେ କେତେ ସରାଗରେ
ଧରିଥିଲ ମୋତେ ଭିଡିକି ।

ସେ କଥାକୁ ଭୁଲି ଚାଲିଗଲ ତୁମେ
କାହା ହାତେ ହାତ ଛନ୍ଦିକି
ତୁମ କଥା ଭାବି ଦିନ ମୋ ବିତୁଛି
ଖାଲି ଯାହା କାନ୍ଦି କାନ୍ଦିକି ।

+ ସୁନ୍ଦରପୁର, ଉ□ରକୂଳହାଟ୍,
ପ୍ରୀତିପୁର, ଯାଜପୁର
ମୋ-୦୮୮୯୨୩୦୧୧୪୩

## ଜୀବନ ଓ ମୃତ୍ୟୁ
### ଲୋକନାଥ ମହାପାତ୍ର

ଜୀବନର ନଈ ଯାଏ ବହି ବହି
ମୃତ୍ୟୁର ସାଗରେ ମିଶିବ ସେ ଯାଇ
ମୃତ୍ୟୁର ସାଗରେ ନାହିଁ ବଡ଼ ସାନ
ଧନି ଗରିବ ସେଠି ସଭିଏଁ ସମାନ
ଜୀବନ ଯାତ୍ରାର ମୃତ୍ୟୁ ଶେଷ ଠିକଣା
ଜୀବନ ଯାତ୍ରାର ମୃତ୍ୟୁ ଶେଷ ଯନ୍ତ୍ରଣା
ଜୀବନ ବନ୍ଧନ ଆଉ ମୃତ୍ୟୁ ମୁକ୍ତି ପଥ
ମୃତ୍ୟୁର ସାଗରେ
ସବୁ ଦୁଃଖ ହୁଏ ନାଶ
ତେଣୁ ମୃତ୍ୟୁ ନୁହେଁ ଭାଇ
ଈଶ୍ୱରଙ୍କ ଅଭିଶାପ
ମୃତ୍ୟୁ ଅଟେ ଈଶ୍ୱରଙ୍କ
ଶ୍ରେଷ୍ଠ ସାମ୍ୟବାଦ
ତେଣୁ ବନ୍ଧୁ କେବେ ମୃତ୍ୟୁକୁ ନ ଡର
ସତ୍ୟ ଧର୍ମ ନ୍ୟାୟ ମାର୍ଗେ
ହୁଅ ଅଗ୍ରସର ।

+ ଗୋଲାପଲ୍ଲୀ ସାହି, ବ୍ରହ୍ମପୁର



## ଭୋଦୁଅ ସଂଜ
### ରଜୀତ ଦାସ୍*

ମହକି ଗଲାଣି ଚଉଦିଗ ସାରା
ଭୋଦୁଅ ସଂଜର ମହୁଆ ବାସ
ଦେଖ ଲୋ ସଜନୀ ନଈପଠା
ଧାରେ
କାଶତଣ୍ଡି ଦିଏ ମୁରୁକି ହସ

ହାତଠାରି ଡାକେ ଦୂର ତାଳ ବଣ
ଆ ଥରେ କେବେ ପାଖକୁ ମୋର
ଗାଁ ତଳମୁଣ୍ଡ ଧାନ କିଆରୀରେ
ଥିରି ଥିରି ଉଡେ ଧାନ ପତର

ଚାରିଆଡେ ଦିଶେ ଇନ୍ଦ୍ରଧନୁ ସମ
ପଡି ଚିକମିକ ଭୋଦୁଅ ଖରା
ଢଳି ଢଳି ଚାଲେ ଗାଁ ଭୁଆଶୁଣି
କାଖରେ କାଖେଇ ପାଣିର ଗରା।

ନଈ ଆର ପାରି କାଦୁଆ ବିଲ ରେ
ଗେରସ୍ତ ତାହାର ଛାଡୁଛି ରଡି
ଭାତ ପାଣି ନେଇ ମକରା ମାଇପ
ତରତର ହେଇ ଯାଏ ଦଉଡି।

ଭୋଦୁଅ ସଂଜରେ ଗାଁ
ପୋଖରୀରେ
ମାଛ ପରି ଦେଖ ପହଁରେ ଜହ୍ନ
ଅଳପ ଅଳପ ଜହ୍ନ ଆଲୁଅରେ
ପୁଲକିତ ହୁଏ କୁଆଁରୀ ମନ

କେଜାଣି କାହିଁକି ମନ ପୁରେନାହିଁ
ନିଦ ଚୋରି କରେ ଭୋଦୁଅ ରାତି
ଶୂନ୍ୟ ଦିଶୁଥାଏ ସାରା ଆକାଶଟା
ପାଖରେ ନଥିଲେ ମୋ ପ୍ରିୟ ସାଥି।

+ ପାରାଦ୍ୱୀପ
(ମୋ) ୮୨୪୯୩୦୯୪୬୦



## ଏଇ ଆଖି
### ମଧୁ ସୂଦନ ମାଝୀ

ବାରେ ଆସି କେବେ
ଫୁଟାଇଛ ପ୍ରାଣେ ପ୍ରୀତିର
ମନ୍ଦାକିନୀ,
ଶରତ ମଳୟ ଛୁଇଁବାକୁ ଥରେ
ଗାଇଛକି କେବେ ପ୍ରେମର
ରାଗିଣୀ।(୧)

ଦେହ ମନ୍ଦାକିନୀ ବାସନାକୁ ଅବା
ଢ଼ାଳି ଦିଅ ମୋ ଶରୀରରେ,
ଅମୃତର ନୀର ମୋ ତୁଣ୍ଡରେ ଦିଅ
ଉର୍ମିଉଠୁ ସଦା ମୋ ବକ୍ଷରେ ।

ବୋହି ପଡୁ ସ୍ୱେଦ ଠୋପା ଠୋପା
ହୋଇ
ମାଘୁଆ ଶୀତରେ ବସନ କାଢି,
ଆଖି ଓଠ ହସୁ ଆହ୍ଲାଦିତ ହୋଇ
ଆର୍ଦ୍ର ହୋଇ ଯାଉ ଅଛି ଯେତେ
ଦାଢ଼ି।

ତମ ନାବେ ବସି ଗାଇବାକୁ ଗୀତ
ଇଚ୍ଛା ହୁଏ ମୋର ଅବୁଝା ମନ,
ପୂର୍ଣ୍ଣମୀ ଠାରୁ ଅମାବାସ୍ୟା ଆହୁରି
ଭଲ
ନଭ ଦେଖେ ଚାହିଁ ଦାଉଳି ଜହ୍ନ ।

ମୋ ହୃଦ କିଆରୀ ନିପାଣିଆ ସିନା
ବୋହିଯିବ ନୀର ପଡ଼ିବ ଯେତେ,
ଆଷାଢ଼ରେ ଦେଖ ଭାଙ୍ଗିବ ନଡିଆ
ରଖ ଦେଇ ବାରେ ବନ୍ଧେଇ
ହାତେ।(୫)

+ ପୁରୁଣା ବାଲେଶ୍ୱର, ବାଲେଶ୍ୱର

## ନିସଂଗତା
### ଅଳକା ରାୟ



ବେଳେବେଳେ ସମସ୍ତ ସମ୍ପର୍କ
ଓ, ସମ୍ବନ୍ଧ ମେଳିରେ....
ବେଳେବେଳେ ଏକାକୀତ୍ୱର
ନିର୍ଜନତାରେ
ଦୋଳାୟିତ ଶରତ ସକାଳ
ସୀମାହିନ ଆକାଶର ଦିଗବଳୟ
ଲାଗେ ନିସଂଗ !

ବେଳେବେଳେ ସମସ୍ୟାର
ଜଟିଳତାରେ
ସମାଧାନର ଦ୍ୱନ୍ଦରେ
ସମ୍ଭାବନାର ଆଲୋକରେ
ଲାଗେ ନିସଂଗ !

କେବେ ନିସଂଗତାର ଜ୍ୱାଳାରେ
କ୍ଷତ ବିକ୍ଷତ ଦେହ ଓ ମନ
ତ, କେବେ ନିସଂଗତାର
ଜଳଧିରେ
ସୃଷ୍ଟି ଜୀବନ, ଏକ ଯୁଦ୍ଧ
ଅସ୍ତ୍ରବିହିନ, ପ୍ରତିଦ୍ୱନ୍ଦିହୀନ
ଆହତ କ୍ଷଣଙ୍କ ଭିଡ଼ରେ
କାତର ପ୍ରତିକ୍ଷଣ।
କେବେ ପୁଣି ନିସଂଗତାକୁ
ଆପଣାଇ
ଜ୍ଞାନ ଓ ପ୍ରାଜ୍ଞତାର ଆହରଣ।

ଏଠି ନାହିଁ ମିଛ ପ୍ରତିଶ୍ରୁତି ଅବା
ଛଳନାର ଭୟ, ଚରିତ୍ର
ସଂହାର....
ବନ୍ଧୁତ୍ୱ ବେଶରେ
ଏକ ନିରୋଳା ପ୍ରତ୍ୟୟ
ଚାହେଁ କେବଳ ଆଞ୍ଜୁଳାଏ ବିଶ୍ୱାସ।

ନିସଂଗତା ଏକ ଦର୍ପଣ
ଚିହ୍ନାଇ ଦିଏ ନିଜକୁ ନିଜ ସହିତ
ସଂଜ୍ଞାକୁ, ପ୍ରଜ୍ଞାକୁ ପାପକୁ, ପୁଣ୍ୟକୁ
ଚାହେଁ ବା ନ ଚାହେଁ
ତାର ଯଦି ଆସିବାର ଅଛି
ସେ ଆସିବ.....ବାସିବ....
ପଙ୍କରୁ ପଦ୍ମ ଜନ୍ମ ହେବା
ଆଉ ଶାମୁକାରୁ ମୁକ୍ତା ହେବା
ଯଦି ସତ୍ୟ, ତେବେ
ନିଶ୍ଚୟ ନିସଂଗତା ଦିନେ ଜନ୍ମ ଦେବ
ଅନାବିଳ ସ୍ନେହ, ପ୍ରେମ
ବନ୍ଧୁତ୍ୱ ଓ ସଙ୍ଗୀତ
ଯାହା ବାଞ୍ଛିତ ବିଭାସ।

+ ଭୁବନେଶ୍ୱର
(ମୋ) ୭୯୭୮୩୩୨୦୬୧

## ଇଚ୍ଛା ହୁଏ...
### ଶ୍ରୀ ସତ୍ୟବ୍ରତ ସାହୁ



ପ୍ରିୟାର ଫଟୋକୁ ଯେତେ ଦେଖିଲେବି ଦେଖିବାକୁ ଇଚ୍ଛା ହୁଏ
ପ୍ରିୟାର ଚିଠିକୁ ଯେତେ ପଢିଲେବି ପଢିବାକୁ ଇଚ୍ଛା ହୁଏ ।(୦)

ଅଦେଖା ଯାତନା ଅକୁହା ବେଦନା ପ୍ରିୟା ସିନା ପାରେ ବୁଝି
ସେଥିପାଇଁ ବୋଧେ ଅଚେତ ବେଳାରେ ଆସେ ସେ ସପନେ ସାଜି
ପ୍ରିୟା ସହ ଯେତେ ଗପ କରୁଥିଲେ ଗପିବାକୁ ଇଚ୍ଛା ହୁଏ ।
ପ୍ରିୟାର ଫଟୋକୁ...(୧)

ଦୁଃଖ ଦୁନିଆର ସରହଦ ଡେଇଁ ପ୍ରିୟା ଆଣି ଦିଏ ସୁଖ
ସେଥିପାଇଁ ବୋଧେ ଭାବିଲେ ତା କଥା କଲମ ମୋ' ଫାନ୍ଦେ ଗୀତ
ପ୍ରିୟାକୁ ସପନେ ଯେତେ ଦେଖିଲେବି ଦେଖିବାକୁ ଇଚ୍ଛା ହୁଏ ।
ପ୍ରିୟାର ଫଟୋକୁ...(୨)

ପଲ୍ଲୀସାହି, କମାଳପୁର,
ଅହିୟାସ, ଯାଜପୁର- ୭୫୫୦୩୬
ମୋ- ୯୩୩୮୧୬୫୬୧୯

## ସ୍ମୃତିର ଶିଉଳି ତୁଠେ
### ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ପୃଷ୍ଟି



ସ୍ମୃତିର ଶିଉଳି ତୁଠେ କେବେ ଏ ମନ ଅଟକେ
ଦେଖିବାକୁ ଲାଜମଖା ତୁମ ସେ ଆଖି
ସମୟ ମାନେନା ମନା କରେ ଯାହା ଆନମନା
ନୀରବରେ ରହିଯାଏ ନିମିଷେ ଲାଖି ।

ବିରାଗର ବିଭୂତି ରେ ପ୍ରୀତିର ଅବିର ମାଖି
ଅନୁରାଗ ଆଣେ କିଛି ସପନ ଡ଼ାକି
ବଇଁଶୀ ର ମୂରୁଛନା ଉଠଇ ପଲକେ ଚେଇଁ
ଗାଇବାକୁ ପୁଲକିତେ ତୋ ନାମ ସଖି ।

ଅମରାବତୀ ଏ ପୁର ଐଶ୍ୱର୍ଯ୍ୟରେ ଭରପୁର
ତଥାପି ନୀରବତା ଏ ଜହ୍ନ ରାତି
ଅଦିନିଆ ମେଘ ପରି ତୁମ ସ୍ମୃତି ଛିଟା ମାରି
ଓଦାକରେ ମନ ତଳ ଭିଜା ପୀରତି ।

ନାହିଁ ସେ କଦମ୍ବ ମୂଳ ଅବା ଯମୁନା ର ଜଳ
ନଜରରେ ନାହିଁ ସଖି ତୁମ ଚାହାଣି
ନୀଳ ତୁମ ଦୁଇ ଆଖି ଅବଶ କରୁଛି ଆସି
ହୃଦ ତଟେ କାତି ସାଜି ଦେଉଛି ହାଣି ।

ଦଶରଥପୁର,
ଯାଜପୁର-୭୫୫୦୦୬,
(ମୋ)
୭୩୭୭୩୧୮୭୮୯

## ଦୁଇଟି ଅଣୁ କବିତା
### ନୀଳମଣି ଚାନ୍ଦ



॥ ହାସପାତାଳ ॥

ୱାର୍ଡରେ ଶାୟିତ ରୋଗୀର ଯନ୍ତ୍ରଣା
ମନ ଆନ୍ଦୋଳିତ କରେ
ମୁଁ ଉପସଂହାରରେ ଉପନୀତ ହୁଏ
କିଛି ନାହିଁ ଜୀବନରେ
ବ୍ରହ୍ମ ସତ୍ୟ ଜଗତ ମିଥ୍ୟା
ମାନିବାକୁ ହେବ ଅକ୍ଷରେ ଅକ୍ଷରେ ।

॥ ଶ୍ମଶାନ ॥

ସ୍ୱର୍ଗଦ୍ୱାର, ସ୍ୱର୍ଗଧାମ କି ଗାଁ ଶଶ୍ମାନ
ସବୁଠାରେ
ଭସ୍ମୀଭୂତ ହୋଇଥାଏ ଚିତା
ସେଠି ବସିଲେ ଘଡିଏ
ଅପସରେ ସଂସାରର ଚିନ୍ତା
ଅହଂକାରର ମୀନାର ଭାଙ୍ଗେ
ଚୂରମାର ହୁଅଇ ଅସ୍ମିତା।

+ ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭

# ବିଘ୍ନ ବିନାଶକ ଶ୍ରୀ ଗଣେଶ

ଜୟଶ୍ରୀ ପଟ୍ଟନାୟକ



ବିଦ୍ୟାରମ୍ଭେ ବିବାହେ ଚ
ପ୍ରବେଶେ ନିର୍ଗମେ ତଥା
ସଂଗ୍ରାମେ, ସଙ୍କଟେ
ଚୈବ ବିଘ୍ନସ୍ତସ୍ୟ ନଜାୟତେ

ପ୍ରତ୍ୟେକ ହିନ୍ଦୁ ପରିବାରରେ ଶିଶୁମାନଙ୍କର ବିଦ୍ୟାରମ୍ଭ ସମୟରେ ଗଣେଶ ପୂଜନ ହୁଏ । କାରଣ ଶ୍ରୀ ଗଣେଶ ବିଘ୍ନ ନାଶକ ତେଣୁ କୌଣସି ଅନୁକୂଳ କର୍ମ ଆରମ୍ଭରେ ଶ୍ରୀଗଣେଶଙ୍କୁ ସ୍ମରଣ କରାଯାଇଥାଏ । ବିନାୟକ ଗଜମୁଖ ,ଚାରିହସ୍ତ ଯୁକ୍ତ, ଦକ୍ଷିଣ ହସ୍ତରେ ଶୂଳ, ଅକ୍ଷମାଳା ଓ ବାମହସ୍ତରେ ପରଶୁ ଓ ମୋଦକ ପୂର୍ଣ୍ଣପାତ୍ର । ବୈଦିକ ଧର୍ମର ଯେ କୌଣସି ପୂଜା ବିଧିରେ ଗଣେଶଙ୍କୁ ପ୍ରଥମେ ଆବାହନ କରାଯାଏ ।ସେ ଏକଦନ୍ତ ମୋଦକ ପ୍ରିୟ ,ଉଦର ବୃହତ ସେ ଲମ୍ବୋଦର କର୍ଣ୍ଣ କୁଲାପରି ବକ୍ଷରେ ସର୍ପ ଯଜ୍ଞ ପବିତ ଓ ଶରୀର ବ୍ୟାଘ୍ରଚର୍ମ ଦ୍ୱାରା ଅଳଙ୍କୃତ । ଶ୍ରୀ ଗଣେଶଙ୍କର ମୂର୍ତ୍ତି ପୂଜା ଓ ଉପାସନା ସନାତନ ଅଟେ । ସେ ସିଦ୍ଧିଦାତା ମଙ୍ଗଳମୟ ଅଟନ୍ତି । ଅସଂଖ୍ୟ ଦେବତା ଦ୍ୱାରା ଉପାସ୍ୟ ଶ୍ରୀଗଣେଶ । ତାଙ୍କର ପ୍ରାଚୀନତମ ମୂର୍ତ୍ତି ଗୁଡିକ ଯକ୍ଷ ଓ ନାଗର ପ୍ରତିମାର ପ୍ରତିରୂପ । ଯକ୍ଷ ଓ ନାଗମାନଙ୍କ ମୂର୍ତ୍ତିପୂଜା ଭାରତରେ ଅନେକ ପୂର୍ବରୁ ପ୍ରଚଳିତ ଥିଲା । ଏଥିରୁ ଜଣାପଡେ ଶ୍ରୀ ଗଣେଶ ପ୍ରତିମା ପରମ୍ପରା ଅନାଦି କାଳରୁ ହୋଇଆସୁଅଛି । ନେପାଳ ର ପଶୁପତିନାଥ ମନ୍ଦିରର ଉତ୍ତରରେ ଏକ ପ୍ରାଚୀନ ଗଣେଶ ମନ୍ଦିର ଅଛି । ଏହା ସମ୍ରାଟ ଅଶୋକ ଙ୍କ କନ୍ୟାଦ୍ୱାରା ନିର୍ମିତ ହୋଇଥିଲା।

ଅନେକ ଗଣପତି ମୂଷିକ ବାହନ ଅଟନ୍ତି । ହେରମ୍ବ ଗଣାପତିଙ୍କ ବାହନ ସିଂହ । ସେ ପଞ୍ଚ ବଦନ ଯୁକ୍ତ । ଚାରିଦିଗକୁ ଚାରି ମୁଖ ପଞ୍ଚମଟି ଆକାଶମୁଖୀ ହୋଇଥାନ୍ତି । ସିଂହ ଉପରେ ଉପବିଷ୍ଟ ହୋଇଥାନ୍ତି । ତାଙ୍କ ହାତରେ ପାଶଦନ୍ତ, ଅକ୍ଷମାଳା, ପରଶୁ, ଅଙ୍କୁଶ, ମୁଦ୍ଗର ମୋଦକ ବରମୁଦ୍ରା ଓ ଅଭୟ ମୁଦ୍ରା ପ୍ରଦର୍ଶିତ ହୋଇଥାଏ । ଗଣେଶ ପ୍ରାଚୀନ ଦେବତା । ମନ୍ଦିରରେ ତାଙ୍କର ନିତ୍ୟ ପୂଜା ଆରାଧନା ହୁଏ । ଭାଦ୍ରପଦ ଶୁକ୍ଳ ଚତୁର୍ଥୀରେ ମନ୍ଦିରରେ ସ୍ୱତନ୍ତ୍ର ପୂଜା ବିଧି ପାଳିତ ହୁଏ । ସେହିଦିନ ତାଙ୍କର ସାର୍ବଜନୀନ ପୂଜା ମଣ୍ଡପ ମାନଙ୍କର ଖୁବ ଆଡମ୍ବର ସହକାରେ ହୁଏ। ଆମର ଚାଟଶାଳୀ ପାଠରେ ରହିଛି ଗଣେଶ ବନ୍ଦନା ।

ଲିହି କାଠିଏ ପଢିଲେ ଗଣେଶ୍ୱର ବେଦ ବିଦ୍ୟାରେ ଜିଣିଲେ ତିନିପୁର ଲିହି ଅର୍ଥାତ ଲେଖି ସେ କାଠିଏ ଅର୍ଥାତ ସବୁ ପ୍ରକାର ବିଦ୍ୟା ଆୟତ୍ତ କଲେ । ବେଦବିଦ୍ୟାରେ ତ୍ରିପୁର ବିଜୟୀ ହେଲେ । ସେ ଜ୍ଞାନର ଦେବତା । ଜଗନ୍ନାଥ ମହାପ୍ରଭୁଙ୍କ ସ୍ନାନଯାତ୍ରା ଓ ଗଜାନନ ବେଶ ଜ୍ୟେଷ୍ଠ ମାସରେ ଅନୁଷ୍ଠିତ ହୁଏ । ଏହିଦିନ ଜଗନ୍ନାଥ ଭାଇ ଭଉଣୀ ଓ ସୁଦର୍ଶନ ସହିତ ସ୍ନାନମଣ୍ଡପ ରେ ଗଜାନନ ବେଶରେ ଦର୍ଶନ ଦିଅନ୍ତି । ଗଣପତି ଭଟ୍ଟ ନାମକ ଜଣେ ଭକ୍ତକୁ ଏଠାରେ ଜଗନ୍ନାଥ ଗଣେଶ ରୂପରେ ଦେଖା ଦେଇଥିଲେ । ସେହିଦିନରୁ ସ୍ନାନ ମଣ୍ଡପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କର ଗଣେଶ ବେଶ ହୋଇଆସୁଛି । ଗାଣପତ୍ୟ ମାନେ ଗଣପତିଙ୍କର ଭକ୍ତ । ଶାକ୍ତ,ଶୈବ, ବୈଷ୍ଣବ ପରି ଗାଣପତ୍ୟ ମାନେ ବହୁତ ସଂଖ୍ୟାରେ ଦକ୍ଷିଣାତ୍ୟରେ ଦେଖାଯାଆନ୍ତି । ଦକ୍ଷିଣ ଭାରତ ର ଅଧିକାଂଶ ଲୋକ ଗଣେଶ ଭକ୍ତ । ଜଗନ୍ନାଥ ମନ୍ଦିରର କଳ୍ପବଟ ତଳେ ଥିବା ବଟ ଗଣେଶ ପାଖରେ ବସି ଜଗନ୍ନାଥ ଦାସ ଓଡ଼ିଆ ଭାଗବତ ଗ୍ରନ୍ଥ ଲେଖିଥିଲେ । ଗଣେଶ ବିଘ୍ନେଶ ବିଘ୍ନରାଜ, ଅମ୍ବିକା ସୂତଙ୍କ ପୂଜା ବହୁପ୍ରାଚୀନ । ତାଙ୍କର ବାହାନ ମୂଷା ଯାହାକୁ ପାଦ ପାଖରେ ରଖିଛନ୍ତି । ସେ ସିଦ୍ଧିଦାତା । ସାନ ଠାରୁ ବଡ ଯାଏଁ ସେ ସମସ୍ତଙ୍କୁ ଭଲ ପାଆନ୍ତି ।

ଛତ୍ରପତି ଶିବାଜୀ ଗଣେଶଙ୍କୁ ରାଷ୍ଟ୍ରଦେବତା ଭାବରେ ମାନ୍ୟତା ଦେଇ ମଣ୍ଡପରେ ତାଙ୍କର ସାର୍ବଜନୀନ ପୂଜା ପ୍ରବର୍ତ୍ତନ କରିଥିଲେ । ବ୍ରାହ୍ମଣ ଅବ୍ରାହ୍ମଣ ,ଶାକ୍ତ ଶୈବ ବୈଷ୍ଣବ ନିର୍ବିଶେଷରେ ସମସ୍ତେ ତାଙ୍କୁ ରାଷ୍ଟ୍ର ରକ୍ଷକ ଦେବତା ଭାବରେ ପୂଜା କରୁଥିଲେ । ଗଣେଶ ବିଘ୍ନକର୍ତ୍ତା ଓ ବିଘ୍ନହର୍ତ୍ତା । ଗଣେଶ ଥିଲେ ଭୋଂସଲା ମାନଙ୍କର କୂଳଦେବତା । ଲୋକମାନ୍ୟ ବାଲ ଗଙ୍ଗାଧର ତିଳକ ଙ୍କ ନେତୃତ୍ୱରେ ଶିବାଜୀ ମହୋତ୍ସବ ଓ ଦଶ ଦିନବ୍ୟାପୀ ଗଣପତି ପୂଜା ପ୍ରବର୍ତ୍ତିତ ହେଲା । ତିଳକ ଭାଦ୍ରପଦ ଶୁକ୍ଳ ଚତୁର୍ଥୀ ଠାରୁ ଅନନ୍ତ ଚତୁର୍ଦ୍ଦଶୀ ବା ଭାଦ୍ର ଶୁକ୍ଳ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଦଶଦିନ ବ୍ୟାପି ଗଣେଶପୁଜା ମହା ଆଡମ୍ବର ସହକାରେ ପାଳିତ ହେଲା । ମୂର୍ତ୍ତିପୂଜା ଈଶ୍ୱର ଙ୍କୁ ପାଇବାର ଏକ ମାଧମ । ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଗୋଟିଏ ଆନ୍ତରିକ ସମ୍ପର୍କ । ସର୍ବଶକ୍ତିମାନ ଈଶ୍ୱରଙ୍କୁ ପାଇବା ପାଇଁ ମୂର୍ତ୍ତିପୂଜା ଆବଶ୍ୟକ । ମୂର୍ତ୍ତି ମନରେ ଏକାଗ୍ରତା ଆଣେ । ଶ୍ରୀ ଗଣେଶଙ୍କର ସର୍ବାଗ୍ରେ ପୂଜା ହୁଏ ସେ ଅଗ୍ର ପୂଜିତ ଦେବ । ବିବାହ, ମନ୍ଦିର ବ୍ରତ ମନ୍ଦିର ସ୍ଥାପନ ,ନୂତନ ଗୃହ ପ୍ରତିଷ୍ଠା ଯଜ୍ଞ ସବୁ ସମୟରେ ଅଗ୍ରପୂଜ୍ୟ ଦେବତା ସିଏ । ଶ୍ରୀ ଗଣେଶଙ୍କ ପିତା ଦେବ ଦେବ ମହାଦେବ ମାତା ପାର୍ବତୀ ଭ୍ରାତା ଯୁଦ୍ଧବିଦ୍ୟା ବିଶାରଦ କାର୍ତ୍ତିକେୟ ।

ଗଣେଶ ପାର୍ବତୀଙ୍କ ମାନସ ସନ୍ତାନ । ଶିବ ଆଶୀର୍ବାଦ ଦେଇଥିଲେ ସବୁ ଦେବତାଙ୍କ ଆଶୀର୍ବାଦ ରୁ ଏ ମାନସ ପୁତ୍ର ଗଣେଶ ନାମରେ ହେବ ବିଦିତ । ଦେବଗଣ, ଆର୍ଯ୍ୟ ଅନାର୍ଯ୍ୟ ଜୀବଜନ୍ତୁ ସମସ୍ତଙ୍କର ଅଗ୍ରପୂଜ୍ୟ ହେବ । ତେଣୁ ଗଣେଶ ପୂଜା ପ୍ରତି ଘରେ ଘରେ ପୁରେ ପୁରେ ଅନୁଷ୍ଠିତ ହୁଏ । ଅଗ୍ରପୂଜ୍ୟ ଗଣେଶ ଙ୍କର ରହିଛି ଦ୍ୱାଦଶ ନାମ ୧. ସୁମୁଖ ତାଙ୍କର ସୁନ୍ଦର ତନୁ ନାସା ଓ କର୍ଣ୍ଣ । ଛୋଟ ଆଖି ଗମ୍ଭୀରତାର ପ୍ରତୀକ, ଦୀର୍ଘନାସା ବୁଦ୍ଧିମତା ସୂଚକ,କର୍ଣ୍ଣ ବହୁଳତା ପ୍ରତୀକ । ୨.ଏକଦନ୍ତ - ପର୍ଶୁରାମ ସହ ଯୁଦ୍ଧ ରେ ଗୋଟିଏ ଦାନ୍ତ ଭାଙ୍ଗିଗଲା । ଯେବେ ପର୍ଶୁରାମ ନିଜ ଭୁଲ ଜାଣି ପାରିଲେ ସେ ଗଣେଶଙ୍କୁ ଏକଦନ୍ତ ନାମରେ ବିଶ୍ୱ ପ୍ରସିଦ୍ଧ ହେବାର ଆଶୀର୍ବାଦ ଦେଲେ । ୩. କପିଳା-କପିଳା ଅର୍ଥ ଗାଈ । ସମସ୍ତ ପ୍ରାଣୀଙ୍କୁ ଗାଈ ଯେପରି ଦୁଗ୍ଧ, ଘୃତ ଓ ଦହି ପ୍ରଦାନ କରେ ସେହି ପ୍ରକାର ଗଣେଶ ଭକ୍ତ ଙ୍କୁ ବୁଦ୍ଧିରୂପୀ ଦହି, ସମୁଜ୍ଜ୍ୱଳ ଭାବ ରୂପୀ ଦୁଗ୍ଧ ତଥା ଜ୍ଞାନ ରୂପୀ ଘୃତ ପ୍ରଦାନ କରନ୍ତି । ଭକ୍ତ ମାନଙ୍କର ଦୈହିକ, ଦୈବିକ ଓ ଭୌତିକ ଦୋଷ ଦୂର କରନ୍ତି । ୪. ଗଜକର୍ଣ୍ଣ- ସନାତନ ଧର୍ମ ରେ ତାଙ୍କୁ ବୁଦ୍ଧିର ଦେବତା ବୋଲି ମନାଯାଏ ଅର୍ଥାତ ସଦା ନିଜ କାନ ଖୋଲି ସବୁ ପ୍ରକାର ,କଥା ଶୁଣି ହଜମ କରିଲେ ମଣିଷର ବୁଦ୍ଧି ବିନଷ୍ଟ ହୁଏନାହିଁ । ୫.ଲମ୍ବୋଦର- ଶାସ୍ତ୍ରାନୁସାରେ ଭଗବାନ ଶଙ୍କର ଙ୍କର ଡମ୍ବରୁର ଧ୍ୱନିରୁ ଗଣେଶ ସମ୍ପୂର୍ଣ୍ଣ ବେଦ ଗ୍ରହଣ କଲେ । ସତୀ ପାର୍ବତୀ ଠାରୁ ସଙ୍ଗୀତ ଶିକ୍ଷା କଲେ । ଶିବଙ୍କ ଠାରୁ ତାଣ୍ଡବ ନୃତ୍ୟ ଶିଖି ବିଭିନ୍ନ ଜ୍ଞାନକୁ ଉଦରସ୍ତ କରି ଥିବାରୁ ଲମ୍ବୋଦର ନାମ ପାଇଲେ । ୬.ବିକଟ- ବିକଟ ଅର୍ଥ ଭୟଙ୍କର। ତାଙ୍କ ମୁଖ ହାତୀ ପରି ଶରୀର ଶେଷ ଭାଗ ନରରୂପୀ ସେ ସମସ୍ତ ପ୍ରକାର ବିଘ୍ନରୁ ନିବୃତ୍ତ ହେବାପାଇଁ ବିକଟରୂପ ଧାରଣ କରି ନିଜ ଭକ୍ତ ପାଇଁ କଲ୍ୟାଣ ଦାୟକ ଅଟନ୍ତି ।ବିଘ୍ନ ହରଣ ପାଇଁ ବିକଟ ରୂପ ଧାରଣ କରିଛନ୍ତି । ୭.ବିନାୟକ- ବିନାୟକ ଅର୍ଥ ବିଶିଷ୍ଟ ନାୟକ ବା ସ୍ୱାମୀ । ବ୍ରହ୍ମାଦି ଦେବତା ବି ସ୍ୱଇଚ୍ଛାରେ କାର୍ଯ୍ୟ କରନ୍ତି ନାହିଁ ଅର୍ଥାତ ସର୍ବ ଦେବତା ଗଣେଶଙ୍କ ପରାମର୍ଶ ନିଅନ୍ତି କାରଣ ସେ ସମସ୍ତ ଗଣର ଅଧକ୍ଷ । ୮.ଧୂମ୍ରକେତୁ-ଅର୍ଥ ଅଗ୍ନି । ମାନବ ଜୀବନରେ ଆଧାତ୍ମିକ ଓ ଭୌତିକ ପ୍ରଗତିରେ ଆସୁଥିବା ବାଧାମାନଙ୍କୁ ଅଗ୍ନିପରି ଭସ୍ମ କରି ମାନବକୁ ଚରମ ଉତ୍କର୍ଷରେ ପହଞ୍ଚାଇ ଥାଆନ୍ତି । ୯.ଗଣାଧକ୍ଷ- ସେ ଗଣଦେବତା ଙ୍କ ଗଣାପତି । ପୁରାଣ ଅନୁସାରେ ସେ ଦେବତା, ନର, ଅସୁର, ନାଗ ଲୋକର ସଂସ୍ଥାପକ । ଶିବ କ୍ରୋଧିତ ହୋଇ ତ୍ରିଶୂଳ ରେ ତାଙ୍କ ଶିର ଅଲଗା କରି ଦୁଃଖିତ ହେଲେ । ସମସ୍ତଙ୍କ ଅନୁରୋଧ ରକ୍ଷା କରି ଗଣେଶଙ୍କୁ ପୁନର୍ଜୀବନ ଦେଇ ଗଣର ଦେବତା ବା ଅଧକ୍ଷ ଭାବେ ନିଯୁକ୍ତ କଲେ । ୧୦.ଭାଲଚନ୍ଦ୍ର- ଗଣେଶ ନିଜ ମସ୍ତକରେ ଚନ୍ଦ୍ର ଧାରଣ କରି ତାର ଶୀତଳ କିରଣରେ ସବୁ ପ୍ରାଣୀଙ୍କୁ ଆନନ୍ଦ ଦିଅନ୍ତି ଅର୍ଥାତ ଯେଉଁ ବ୍ୟକ୍ତିର ମସ୍ତିଷ୍କ ଯେତେ ଶାନ୍ତ ସେ ଦକ୍ଷତା ସହ ନିଜ ଦାୟିତ୍ୱ ସମ୍ପର୍ଣ୍ଣ କରେ । ୧୧.ଗଜାନନ- ଗଜ ଅର୍ଥ ହାତୀ ସମାନ ମୁଖ ତେଣୁ ତାଙ୍କୁ କହନ୍ତି ଗଜାନନ । ତାଙ୍କର ମୁଖ ହାତୀ ପରି ଶରୀରର ନୀଚ ଭାଗ ନର ସ୍ୱରୂପ । ଛୋଟ ଆଖି । ନିଜର ଭୀମକାୟ ଶରୀରକୁ ଦେଖି ପାରନ୍ତେ ତ ଅହଂକାର ଜାତ ହୁଅନ୍ତା । କୌଣସି ପ୍ରକାର ବାହ୍ୟ ଆବରଣ ଯୁକ୍ତ କଥାରେ ସେ ପ୍ରଭାବିତ ନ ହୋଇ ଭକ୍ତଙ୍କର କଲ୍ୟାଣ କରନ୍ତି ।ଗଜାନନ ରୂପରେ ଅଗ୍ରେ ପୂଜା ପାଆନ୍ତି । ୧୨.ସିଦ୍ଧି ବିନାୟକ- ଗଣେଶ ଙ୍କର ଏହି ଲୋକପ୍ରିୟ ନାମରେ ମହାରାଷ୍ଟ୍ର ରେ ପୂଜିତ ହୁଅନ୍ତି ମୁମ୍ବାଇରେ ସିଦ୍ଧି ବିନାୟକ ନାମରେ ପ୍ରାଚୀନ ଓ ଭବ୍ୟ ମନ୍ଦିର ଅଛି ଗଣେଶ ଭକ୍ତ ଉପରେ ପ୍ରସନ୍ନ ହୋଇ ବିଘ୍ନ ନାଶ କରନ୍ତି, କାର୍ଯ୍ୟ ସିଦ୍ଧି କରନ୍ତି ଅଭୟ ଦିଅନ୍ତି ।ଗୌରୀ ନନ୍ଦନଙ୍କୁ ଆରାଧନା କଲେ ବିଘ୍ନ କଟେ ସୁଖ ସମୃଦ୍ଧି ବଢେ ।

ଏସବୁ ନାମର ଯଥାର୍ଥତା ଅନୁସାରେ ସେ ଅଗ୍ର ପୂଜ୍ୟ ଦେବ । ତାଂକ ପୂଜା ବିନା କୌଣସି ଦେବୀ ଦେବତାଙ୍କୁ ଆବାହନୀ କରାଯାଏନା କି କୌଣସି ମାଙ୍ଗଳିକ କାମ ଆରମ୍ଭ ହୋଇପାରେନା ତେଣୁ ସବୁ ଶୁଭ କାମ ଘର ପ୍ରତିଷ୍ଠା ବାହାଘର ବ୍ରତଘର ଶିକ୍ଷାନୁଷ୍ଠାନ ବ୍ୟବସାୟ ପ୍ରତିଷ୍ଠାନ ବଣିକ ସଂଘ ଗଣେଶ ଙ୍କୁ ବୁଦ୍ଧିର ଦେବତା ସ୍ୱ ସିଦ୍ଧିର ଦେବତା ବୋଲି ପୂଜା କରିଥାନ୍ତି। ଶେଷରେ ଏତିକି କୁହାଯାଇପାରେ ଯେ ଆସିଲାଣି ପାର୍ବଣ ଋତୁ

ପରିବେଶ ସୁରକ୍ଷାରେ ଆମ ସୁରକ୍ଷା ଏହି କଥା ଧ୍ୟାନରେ ରଖି, ପରିବେଶର ସ୍ୱଚ୍ଛତା ଉପରେ ନଜର ଦେଇ, ସୁସ୍ଥ ବାତାବରଣ ଭିତରେ ପାଳନ କରିବା ପୂଜା । ମୂର୍ତ୍ତି ବିସର୍ଜନ ବେଳେ ନଈ, ପୋଖରୀ, ଗାଡ଼ିଆ ପାଣି ଦୂଷିତ ହୋଇଥାଏ । ଫୁଲମାଳ ଓ ପୂଜାପୋକରଣ ବିସର୍ଜନ ପରେ ନଦୀରେ ନ ଫିଙ୍ଗି ଗୋଟିଏ ଖାଲ କରି ପୋତିଦେବା ଦ୍ୱାରା ନଦୀ ପୋଖରୀ ଓ ତାର ଆଖପାଖ ପରିବେଶ ଦୂଷିତ ହେବାରୁ ବଞ୍ଚିଯାଏ । ଦୂଷିତ ଜଳ ଅସ୍ୱାସ୍ଥ୍ୟକର ପରିବେଶ ରୋଗକୁ ଡାକି ଆଣେ । ମୂର୍ତ୍ତିରେ ଲାଗିଥିବା କୃତ୍ରିମ ରଙ୍ଗ ବିସର୍ଜନ ପରେ ନଈ ପୋଖରୀରେ ମିଶିବା ଫଳରେ ଅନେକ ରୋଗ ହୋଇଥାଏ । ତେଣୁ ମୂର୍ତ୍ତିରେ ପ୍ରାକୃତିକ ରଙ୍ଗ ଦେବା ଫଳରେ ହାନିକାରକ ହୋଇନଥାଏ । ତେଣୁ ଏସବୁ ପ୍ରତି ଧ୍ୟାନ ଦେଇ ସାର୍ବଜନୀନ ପୂଜା ଗଣେଶ ପୂଜା ଖୁବ ଧୁମଧାମରେ ପାଳନ କରିବା ବିଧେୟ ।

+ଗଙ୍ଗନଗର ଛକ, ଭୁବନେଶ୍ୱର
ମୋ: ୭୯୭୮୧୧୦୪୭୪

# ବକ୍ରତୁଣ୍ଡମହାକାୟଂ ସୂର୍ଯ୍ୟକୋଟି ସମପ୍ରଭଃ'

ଯୁଧିଷ୍ଠିର ମହାରଣା

ଭାରତ ବର୍ଷରେ ପାଳିତ ହେଉଥିବା ଗଣପର୍ବ ମଧ୍ୟରୁ ଗଣେଶ ଉତ୍ସବ ପ୍ରମୁଖ ପର୍ବ ଭାବେ ପାଳିତ ହୋଇଥାଏ । ଏହି ପର୍ବ ଶ୍ରୀଗଣେଶଙ୍କ ଅବତରଣ ଦିବସ ଭାବେ ପାଳିତ ହୋଇଥାଏ । ସନାତନ ଧର୍ମରେ ଶ୍ରୀଗଣେଶଙ୍କୁ ପୂଜା କରାଯାଇଥାଏ । ତାଙ୍କୁ ମଧ୍ୟ ଅନ୍ୟ ଦେବାଦେବୀଙ୍କ ଆରାଧନା ପୂର୍ବରୁ ଅଗ୍ରପୂଜା ଭାବେ ପୂଜା କାରାଯାଇଥାଏ ।

ଓଡ଼ିଶାରେ ଗଣେଶ ପୂଜା ଏକ ବିଶେଷ ମହତ୍ୱ ରଖିଛି । ଓଡ଼ିଶାର ପ୍ରାୟ ସବୁ ତୀର୍ଥସ୍ଥଳ ଦେବାଦେବୀଙ୍କ ପୀଠ, ଦେବାଳୟ ଓ ମନ୍ଦିର ମାନଙ୍କରେ ଅଗ୍ରପୂଜ୍ୟ ଶ୍ରୀ ଗଣେଶଙ୍କ ମୂର୍ତ୍ତି ବିରାଜମାନ ହୋଇଥାଏ । ମହାପ୍ରଭୁ ଜଗନ୍ନାଥଙ୍କ କ୍ଷେତ୍ର ଶ୍ରୀମନ୍ଦିରରେ ବିରାଟ ଗଣେଶ ମୂର୍ତ୍ତି ସ୍ଥାପିତ ହୋଇଛନ୍ତି । ଇତିହାସରୁ ତଥ୍ୟରୁ ଜଣାଯାଏ ଯେ ଗଜପତି ପୁରୁଷୋତ୍ତମଦେବ କାଞ୍ଚି ବିଜୟ କରି କାଞ୍ଚିରାଜାଙ୍କ ଇଷ୍ଟ ଦେବତା ଏହି ଗଣପତି ମୂର୍ତ୍ତି ଆଣି ବିଧି ସହକାରେ ଶ୍ରୀମନ୍ଦିରରେ ଅଧିଷ୍ଠିତ କରାଇଛନ୍ତି । ସେହିପରି ମନ୍ଦିର ମାଳିନୀ ସହର ଭାବେ ପରିଚିତ ଭୁବନେଶ୍ୱରରେ ମଧ୍ୟ ବହୁ ଗଣେଶ ବିଗ୍ରହ ରହିଛି । ସମାଜ ମଧ୍ୟରେ ଜ୍ଞାନର ପ୍ରସାର ଓ ବୃଦ୍ଧି ଦିଗରେ ଗଣେଶ ପୂଜାରେ ସାମାଜିକ ଓ ସାଂସ୍କୃତିକ ମହତ୍ତ୍ୱ ରଖିଥାଏ । ସମସ୍ତେ ଭକ୍ତିଭାବ ପ୍ରଣଦୀତ ହୋଇ ଶ୍ରୀ ଗଣେଶଙ୍କ କୃପାପ୍ରାପ୍ତି ସହ ସଂସ୍କୃତିର ବିକାଶ ଦିଗରେ କାର୍ଯ୍ୟ କରିଥାନ୍ତି । ଆମ ସାମାଜିକ ପ୍ରଥା ଓ ପରମ୍ପରାରେ ବିନାୟକ ବ୍ରତ ଏକ ମହାନ ବ୍ରତ ଭାବେ ପାଳିତ । ଏହି ବ୍ରତରେ ସାଧାରଣ ପୂଜା ପୂଜିର ଦ୍ରବ୍ୟ ବ୍ୟତୀତ ମାଳତୀ, ଭୃଙ୍ଗରାଜ, ବିଲ୍ୱ, ଶ୍ୱେତଦୁର୍ବା, ବଦରୀ, ଧୁତୁରା, ତୁଳସୀ, ଶମୀ, ବୃହତୀ, କରବୀର, ନିଆଳି, ଅର୍ଜ୍ଜୁନ, ବିଷ୍ଣୁତ୍ରୟ, ଦାଡ଼ିମ୍ବ, ଦେବଦାରୁ, ମରୁପତ୍ର, ଅଶ୍ୱତ୍‌ଥ, ଯାଇ, କେତକୀ, ଅଗସ୍ତିପତ୍ର, ଆମ୍ର, ଖୁର୍ଜର, କଦଳୀ, ନରିକେଳ, ମୋଦକ ୨୧ଗୋଟି, ଦୁର୍ବା ୨୧ କେରା, ରକ୍ତ ବସ୍ତ୍ର ଓ ଯଜ୍ଞୋପବୀତ ବ୍ୟବହାର କରାଯାଏ । ଓଡ଼ିଶାର ସମସ୍ତ ଶିକ୍ଷାୟତନରେ ବିଦ୍ୟାଦାତା ମହାପ୍ରଭୁ ଶ୍ରୀ ଗଣେଶଙ୍କ ପୂଜା ହୋଇଥାଏ । କେହି କେହି ନିଜ ପୂଜାଘରେ ମଧ୍ୟ ଶ୍ରୀଗଣେଶଙ୍କ ପୂଜା କରିଥାନ୍ତି । ଏହି ଦିନରେ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ ଶ୍ରୀ ଗଣେଶଙ୍କ ପୂଜା ଆଉ କେହି ଖାତା ପୂଜା କରି ବ୍ୟବସାୟର ଉନ୍ନତି ପାଇଁ ମହାପ୍ରଭୁ ଗଣନାଥଙ୍କ ଆଶୀର୍ବାଦ ନେଇଥାନ୍ତି । ଶ୍ରୀ ଗଣେଶପୂଜାରେ ଗଣେଶଙ୍କ ପ୍ରିୟ ରାଶିଲଡୁ, ନଡ଼ିଆ, ମୋଦକ ପ୍ରଭୃତି ନୈବେଦ୍ୟ ସମର୍ପଣ ହୋଇଥାଏ । ଏହି ଜିନିଷର ବିଶେଷକରି ରାଶିର ଔଷଧୀୟ ଗୁଣ ହେଉଛି ଏହା ମସ୍ତିଷ୍କର ସ୍ନାୟୁ ସବଳ କରିଥାଏ ଯାହା ମେଦାବର୍ଦ୍ଧକ ଭାବେ କାର୍ଯ୍ୟ କରେ । ବିଦ୍ୟାଦାତା, ବିଘ୍ନନାଶକ, ଧନ ଦେବତା, ଗଣପତିଙ୍କ ଜନ୍ମକାହାଣୀ ମଧ୍ୟ ଅତ୍ୟନ୍ତ କୌତୁହଳପୂର୍ଣ୍ଣ । ପୁରାଣ କାହାଣୀ ଅନୁଯାୟୀ କୈଳାସପତି



ଶିବଙ୍କ ପତ୍ନୀ ପାର୍ବତୀ ନିଜ ଅଙ୍ଗରୁ ଗଣପତିଙ୍କୁ ଜନ୍ମ ଦେଇ ନିଜ ଦ୍ୱାରର ରକ୍ଷକ ଭାବେ ଜଗାଇଥିଲେ । ଏହି ସମୟରେ ତପସ୍ୟା ସାରି ମହାପ୍ରଭୁ ଭୋଳାଶଙ୍କର ପାର୍ବତୀଙ୍କୁ ସାକ୍ଷାତ କରିବାକୁ ଆସିବାରୁ ଶ୍ରୀ ଗଣେଶ ତାଙ୍କ ବାଟ ଛାଡ଼ିନଥିଲେ । ପରବର୍ତ୍ତୀ ସମୟରେ କଥୋପକଥନ ହୋଇ ଦୁଇଜଣଙ୍କ ମଧ୍ୟରେ ମୁହାଁମୁହିଁ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇ ପ୍ରଥମେ ସ୍ୱୟଂ ଶିବଶମ୍ଭୁ ଗଣପତିଙ୍କ ଦ୍ୱାରା ପରାସ୍ତ ହୋଇଥିଲେ । ପରେ ସେ ଯୁଦ୍ଧରେ ବିଜୟୀ ହେଲେ ଓ ଗଣନାଥଙ୍କ ମସ୍ତକ ଛେଦନ କରିଥିଲେ । କିନ୍ତୁ ଶିବ ପାର୍ବତୀଙ୍କ ପାଖରେ ପହଞ୍ଚିବା ପରେ ସମସ୍ତ ସମ୍ପର୍କ ବିଷୟରେ ଜାଣି ଗଣନାଥଙ୍କ ଛିଣ୍ଡି ଯାଇଥିବା ମସ୍ତିଷ୍କର ଖୋଜା ଚାଲିଲା । ପରିଶେଷରେ ତାହା ନମିଳିବାରୁ ଏକ ହସ୍ତୀର ମସ୍ତକ ଛେଦନ କରାଯାଇ ଗଣନାଥଙ୍କ ଶରୀରରେ ଲାଗିଥିଲା ଓ ସଞ୍ଜିବନୀ ମନ୍ତ୍ରରେ ସେ ଜୀବନ୍ୟାସ ପାଇଥିଲେ । ଶିବଙ୍କ ବର ତାଙ୍କୁ ମିଳିଥିଲା ଯେ, ପ୍ରତ୍ୟେକ ଦେବାଦେବୀଙ୍କ ପୂଜା ପୂର୍ବରୁ ତାଙ୍କ ଆରଧନା କରାଯିବ । ଶ୍ରୀ ଗଣେଶଙ୍କ ସ୍ତୁତିଟି ହେଉଛି - ''ବକ୍ରତୁଣ୍ଡମହାକାୟ ସୂର୍ଯ୍ୟକୋଟିସମପ୍ରଭଃ । ନିର୍ବିଘ୍ନଂ କୁରୁ ମେ ଦେବ ସର୍ବକାର୍ଯ୍ୟେଷୁ ସର୍ବଦା ।'' ଓଡ଼ିଶାର ପୁରପଲ୍ଲୀରେ ତେଲି ସମ୍ପ୍ରଦାୟରେ ପ୍ରାୟତଃ ଶ୍ରୀ ଗଣେଶଙ୍କ ପୂଜା ସାତ ଦିନ ବା ନଅ ଦିନ ବ୍ୟାପୀ ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଥାଏ । ଶ୍ରୀ ଗଣନାଥଙ୍କ ପୂଜା ଓଡ଼ିଆର ଜନଜୀବନରେ ଏକ ମହତ୍‌ପୂର୍ଣ୍ଣ ପାର୍ବଣ କହିଲେ ଅତ୍ୟୁକ୍ତି ହେବନାହିଁ ।

+ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ମୋ : ୯୪୩୭୧୬୩୫୨୮

# ଶ୍ରୀଗଣେଶ ହିଁ ଅଙ୍ଗ ପ୍ରତିରୋପଣର ଉତ୍ସ

ଡକ୍ଟର ଲକ୍ଷ୍ମଣ ସାହୁ



ହିନ୍ଦୁ ଧର୍ମର ବିଶ୍ୱାସ ଅନୁଯାୟୀ ଶ୍ରୀଗଣେଶ ହେଉଛନ୍ତି ପ୍ରଥମ ଉପାସକ । ସେ ଉଭୟ ବିଜେତା ଏବଂ ବିଘ୍ନବିନାଶକାରୀ । ବହୁ ଶତାବ୍ଦୀ ଧରି ଗଣେଶ ଉତ୍କଳର ପରମ୍ପରା କେବଳ ପୂଜିତ ନୁହନ୍ତି , ବରଂ ଦେଶର ବିଭିନ୍ନ ପ୍ରଦେଶରେ ଓ ବିଶ୍ୱରେ ପୂଜିତ ହୋଇଥାନ୍ତି । ସେ ବିଶ୍ୱ ବନ୍ଦିତ ବିଘ୍ନେଶ୍ୱର । ଶ୍ରୀଗଣେଶ ହେଉଛନ୍ତି ଏକମାତ୍ର ଇଷ୍ଟ, ତାଙ୍କୁ ସହସ୍ରାଧିକ ନାମରେ ନାମିତ କରାଯାଇଛି । ଆଜି ଯେତେବେଳେ ଆମେ ଶ୍ରୀଗଣେଶ ଚତୁର୍ଥୀ ପର୍ବ ପାଳନ କରୁଛେ, ସେତେବେଳେ ଆମେ ଗଣେଶଙ୍କର ବିଶେଷ ଆକୃତିର ମୂଲ୍ୟାଙ୍କନ କରିବା ଉଚିତ ଓ ଶ୍ରୀଗଣେଶଙ୍କ ବାର୍ତ୍ତା ବ୍ୟତୀତ ତାଙ୍କ ଆକୃତି ଆମକୁ କେଉଁ ବାର୍ତ୍ତା ଦେଇଥାଏ ତାହା ବିଷୟରେ ଚିନ୍ତା କରିବା ଉଚିତ୍ ?

ପ୍ରଥମ ଉଦାହରଣଗୁଡ଼ିକ ମଧ୍ୟରୁ ଗୋଟିଏ ଅଙ୍ଗ ପ୍ରତିରୋପଣ । କ୍ରିଟିକଲ କେୟର ବିଶେଷଜ୍ଞ ଅରବିନ୍ଦ ଡୋଗ୍ରା କହିଛନ୍ତି , ' ପୌରାଣିକ ଯୁଗରେ ମଧ୍ୟ ଆମର ଚିକିତ୍ସା ବ୍ୟବସ୍ଥା ଉଚ୍ଚମାନର ଥିଲା ବୋଲି ଭାରତୀୟ ପୁରାଣ ହେଉଛି ତାହାର ପ୍ରମାଣ । ଅଙ୍ଗ ପ୍ରତିରୋପଣ ଏବଂ ଅଙ୍ଗ ଦାନ ପାଇଁ ଶ୍ରୀଗଣେଶ ଆମକୁ ପ୍ରେରଣା ଦିଅନ୍ତି । ଗଣେଶ ଚତୁର୍ଥୀ ପର୍ବ ପାଳନ ଅବସରରେ ତାଙ୍କୁ ପୂଜା କରିବା ସହିତ ଅଙ୍ଗ ଦାନ କରିବାର ଶପଥ ମଧ୍ୟ କରିବା ଉଚିତ୍ ।' ବିଜ୍ଞାନରେ ଏପରି ଅନେକ ଆବିଷ୍କାର ଅଛି, ଯାହାର ପଦ୍ଧତି ପୂର୍ବରୁ ପୁରାଣରେ ଉଲ୍ଲେଖ କରାଯାଇଛି । ଏଥି ମଧ୍ୟରୁ ଗୋଟିଏ ହେଉଛି ଅସ୍ତ୍ରୋପଚାର । ପୁରାଣ ଅନୁଯାୟୀ ବିଶ୍ୱର ପ୍ରଥମ ଅସ୍ତ୍ରୋପଚାରର ଶ୍ରେୟ ମଧ୍ୟ ହିନ୍ଦୁ ଦେବତାମାନଙ୍କ ନିକଟକୁ ଯାଇଥାଏ । ଗୋଟିଏ ପୌରାଣିକ କାହାଣୀ ଅଛି , ଯେତେବେଳେ ମାତା ପାର୍ବତୀ ଚନ୍ଦନ କାଠରୁ ଗଣେଶଙ୍କୁ ସୃଷ୍ଟି କରି ସ୍ନାନ କରିବାକୁ ଗଲେ, ସେତେବେଳେ ସେ ଗଣେଶଙ୍କୁ ଦ୍ୱାରରେ ଜଗି ରହିବାକୁ ଆଦେଶ ଦେଲେ ଓ କାହାରିକୁ ତାଙ୍କ ବିନା ଅନୁମତିରେ ଭିତରକୁ ନଛାଡିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଯେତେବେଳେ ଭଗବାନ ଶିବ ଫେରି ଭିତରକୁ ପ୍ରବେଶ କରିବାକୁ ଚାହିଁଲେ, ସେତେବେଳେ ଗଣେଶ ତାଙ୍କୁ ଭିତରକୁ ଯିବାକୁ ମନା କରିଦେଇଥିେ।

ସେ କହିଛନ୍ତି ଯେ ଭିତରକୁ କେହି ପ୍ରବେଶ ନକରିବାକୁ ମା' ନିର୍ଦ୍ଦେଶ ଦେଇଛନ୍ତି । କିନ୍ତୁ ଭଗବାନ ଶିବ ଗଣେଶଙ୍କ କଥାକୁ ଅମାନ୍ୟ କରି ଭିତରକୁ ଯିବାକୁ ବହୁତ ଚେଷ୍ଟା କରିଥିଲେ । ହେଲେ ଗଣେଶ ମା'ଙ୍କ ବଚନ ରକ୍ଷା କରି ତା'ଙ୍କୁ ଛାଡ଼ି ନଥିଲେ । ଭଗବାନ ଶିବ ଏଥିରେ କ୍ରୋଧିତ ହୋଇ ଗଣେଶଙ୍କ ମୁଣ୍ଡକୁ କାଟି ତାଙ୍କ ଶରୀରରୁ ଅଲଗା କରି ଦେଇଥିଲେ । ପରେ ଏଭଳି ଅଭାବନୀୟ ଦୃଶ୍ୟ ଦେଖି ମାତା ପାର୍ବତୀ ଦୁଃଖରେ ଭାଙ୍ଗି ପଡ଼ିଲେ ଓ କ୍ରୋଧ କରି ବ୍ରହ୍ମାଣ୍ଡକୁ ଧ୍ୱଂସ କରିବାକୁ ସ୍ଥିର କରିଥିଲେ । ତାଙ୍କ କ୍ରୋଧ ଦେଖି ଭଗବାନ ବ୍ରହ୍ମା ତା'ଙ୍କୁ ଶାନ୍ତ ରହିବାକୁ ଅନୁରୋଧ କଲେ । ତା'ପରେ ମାତା ଭଗବାନ ଗଣେଶଙ୍କୁ ପୁନର୍ଜୀବିତ କରିବା ସହିତ ସର୍ବ ଦେବତାମାନଙ୍କ ମଧ୍ୟରେ ସର୍ବ ପ୍ରଥମେ ପୂଜା କରିବା ବିଷୟରେ କହିଥିଲେ ।

ପାର୍ବତୀଙ୍କ କଥାକୁ ଗ୍ରହଣ କରି ବ୍ରହ୍ମାଦେବ ଭଗବାନ ଶିବଙ୍କୁ କହିଥିଲେ ଯେ ଏହି ବ୍ରହ୍ମାଣ୍ଡରେ ଦେଖାଯାଉଥିବା ପ୍ରଥମେ ଯେଉଁ ଜୀବଜନ୍ତୁଙ୍କ ମୁଣ୍ଡ ଉତ୍ତର ଆଡ଼କୁ ଥିବ, ସେହି ସମାନ ପ୍ରଭୁ ଗଣେଶଙ୍କୁ ସ୍ଥାନାନ୍ତର କରାଯିବ । ଏହି ସନ୍ଧାନରେ ବାହାରିଥିବା ଶିବ ସମଗ୍ର ବ୍ରହ୍ମାଣ୍ଡରେ କେବଳ ଗୋଟିଏ ହାତୀ ଉତ୍ତର ଆଡ଼କୁ ମୁଣ୍ଡ କରି ବସିଥିବା ଦେଖିଲେ, ଯାହା ବ୍ରହ୍ମାଦେବଙ୍କ କଥା ଅନୁଯାୟୀ ଉତ୍ତର ଦିଗରେ ମୁଣ୍ଡ କରି ବସିଥିଲା । ଏହା ପରେ ପ୍ରଭୁ ଗଣେଶଙ୍କ ଗଳା ଉପରେ ହାତୀର ମୁଣ୍ଡ ପ୍ରତିରୋପଣ କରାଯାଇଥିଲା । ତେଣୁ ଗଣେଶଙ୍କୁ ଗଜାନନ ବୋଲି ଡକାଯାଇଥାଏ । ଆଜିର ଏଭଳି ଏକ ପବିତ୍ର ଶ୍ରୀଗଣେଶ ଚତୁର୍ଥୀ ପର୍ବରେ ସେହି ବିଘ୍ନବିନାଶକ ଗଣପତି ଗଜାନନଙ୍କର ପୂଜା ଅର୍ଚ୍ଚନା କରିବା ସହିତ ଅଙ୍ଗ ଦାନ କରିବାର ଶପଥ ନେଲେ ପ୍ରଭୁ ଶ୍ରୀଗଣେଶଙ୍କ ପ୍ରତି ତାହାହିଁ ହେବ ଆମମାନଙ୍କ ଭକ୍ତିପୂତ ପୁଷ୍ପାଞ୍ଜଳି -

' ଓଁ ଗଣେଶାୟ ବିଦ୍ମହେ ଗଜାନନାୟ ଧିମହୀ
ତନ୍ନୋଗଣୋଶ ପ୍ରଚୋଦୟାତ୍ ଓଁ ଜୟ ଗଣେଶାୟ ନମଃ ।'

+ ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪
ମୋ : ୯୦୪୦ ୧୫୧୪ ୭୫

# ସିଦ୍ଧିଦାତା ଗଣପତି

ଶୁଭସ୍ମିତା ସାମଲ



ଓଡ଼ିଶାରେ ଗଣେଶ ପୂଜା ବା ଗଣନାଥ ପୂଜା ଏକ ମହତ୍ତ୍ୱପୂର୍ଣ୍ଣ ଉତ୍ସବ। ଏହି ପୂଜା ବିଶେଷକରି ବିଦ୍ୟାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ହୋଇଥିଲେ ମଧ୍ୟ ଆବାଳବୃଦ୍ଧ ବନିତା ସମସ୍ତେ ଏହା ପାଳନ କରନ୍ତି। କାରଣ ଶ୍ରୀଗଣେଶ କେବଳ ବିଦ୍ୟାଦାତା ନୁହନ୍ତି, ଧର୍ମଦାତା ଓ ସିଦ୍ଧିଦାତା ଭାବରେ ମଧ୍ୟ ଅଗ୍ରପୂଜ୍ୟ ଆସନ ଗ୍ରହଣ କରନ୍ତି। କେବଳ ଓଡ଼ିଶାରେ ନୁହେଁ, ସମଗ୍ର ଭାରତରେ ଗଣେଶଙ୍କୁ ପୂଜା କରାଯାଏ।

ପୂଜାବିଧି : ଓଡ଼ିଶାରେ ଗଣେଶ ପୂଜା ଶରତ ଋତୁରେ ବିଭିନ୍ନ ପର୍ବପର୍ବାଣୀ ମଧ୍ୟରୁ ଅନ୍ୟତମ। ଭାଦ୍ରବ ମାସ ଶୁକ୍ଳ ଚତୁର୍ଥୀ ଦିନ ଏହି ପର୍ବ ପାଳନ କରାଯାଏ। ପ୍ରାୟ ପ୍ରତ୍ୟେକ ଘରେ ଓ ବିଦ୍ୟାଳୟରେ ଏ ଉତ୍ସବ ଅନୁଷ୍ଠିତ ହୁଏ। ସେଦିନ ଅନେକ ଉପବାସ କରନ୍ତି ଓ ବିଦ୍ୟା, ଧନ, ଶୁଭକାମନା କରି ଶୁଦ୍ଧପୂତ ମନରେ ଗଣପତି ପୂଜା କରନ୍ତି। ଆମ ଦେଶରେ ସମସ୍ତ ଲୌକିକ ଓ ଧାର୍ମିକ କର୍ମର ଆରମ୍ଭରେ ଗଣନାଥଙ୍କ ପୂଜା କରାଯାଏ। ଶ୍ରୀ ଗଣେଶାୟ ନମଃ ପ୍ରାୟ ସବୁ ଶୁଭକର୍ମର ଆଦ୍ୟ ଉଚ୍ଚାରଣ। ପୁରାଣ ଓ ଶାସ୍ତ୍ର ଅନୁଯାୟୀ ଗଣେଶ ବିଦ୍ୟା ଓ ବୁଦ୍ଧିର ଦେବତା। ତାଙ୍କର ଅନ୍ୟ ନାମ ବିଘ୍ନେଶ। ସମସ୍ତ ବିଘ୍ନ ଓ ବିପଦର ସେ ବିନାଶକାରୀ। ସେ ଅଶୁଭକୁ ଦୂର କରି ଶୁଭ ଆଣନ୍ତି। ତେଣୁ ତାଙ୍କ ଉଦ୍ଦେଶ୍ୟରେ କୁହାଯାଏ - 'ଓଁ ନମୋ ଗଣେଶ ବିଘ୍ନେଶ ଗିରିଜାନନ୍ଦନ ପ୍ରଭୋ ମମ ବିଘ୍ନ ବିନାଶାୟ ଗଣାଧିପତୟେ ନମଃ'। ଆମ ସାମାଜିକ ପ୍ରଥା ଅନୁସାରେ ବିନାୟକ ବ୍ରତ ଏକ ମହାନ ବ୍ରତ। ଏହି ବ୍ରତରେ ସାଧାରଣ ଦ୍ରବ୍ୟ ଛଡ଼ା ମାଳତି, ଭୃଙ୍ଗରାଜ, ବିଲ୍ୱ, ଶ୍ୱେତଦୁର୍ବା, ଧୁତୁରା, ଶମୀ, ବୃହତୀ, କରବୀର, ନିଆଳି, ଅର୍ଜ୍ଜୁନ, ବିଷ୍ଣୁନ୍ତ୍ରୟ, ଦାଡ଼ିମ୍ବ, ଦେବଦାରୁ, ମରୁପତ୍ର, ଅଶ୍ୱତଥ, ଜାଇ, କେତକୀ, ଅଗସ୍ତିପତ୍ର, ଆମ୍ବ, ଖଜୁର, କଦଳୀ, ନାରିକେଳ, ମୋଦକ ୨୧ ଗୋଟିଏ, ଦୁର୍ବା ୨୧ କେରା, ରକ୍ତବସ୍ତ୍ର ଓ ଯଜ୍ଞୋପବୀତ ବ୍ୟବହାର କରାଯାଏ। ଗଣେଶଙ୍କୁ ବିଶେଷକରି ଲଡୁ, ମୋଦକ, ନଡ଼ିଆ ପ୍ରଭୃତି ନୈବେଦ୍ୟ ସହ ପୂଜା କରାଯାଏ। ବିଶେଷକରି ରାଶିରେ ମସ୍ତିଷ୍କର ସ୍ନାୟୁ ସବଳ ହୁଏ। ଏଣୁ ଗଜାନନଙ୍କ ପ୍ରିୟ ହେଉଛି ରାଶିଲଡୁ।

+ପ୍ଲାଜମା ଏକାଡ଼େମୀ ଅଫ୍ ସାଇନ୍ସ, ଚଣ୍ଡୀଛକ, କଟକ

# ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଜୟନ୍ତୀ ଅବସରରେ ବିଶାଳ ରକ୍ତଦାନ ଶିବିର: ୧୦୨ ୟୁନିଟ୍ ରକ୍ତ ସଂଗ୍ରହ




ନୀଳଗିରି , ୧୮/୦୯ (ନି.ପ୍ର): ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀଙ୍କ ୭୩ତମ ଜନ୍ମଦିବସ ଅବସରରେ ନୀଳଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସିଆଡିମାଳ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଠାରେ ନୀଳଗିରି ଭାରତୀୟ ଜନତା ପାର୍ଟି ପକ୍ଷରୁ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସୋମବାର ପୂର୍ବାହ୍ନରେ ଆୟୋଜିତ ରକ୍ତଦାନ ଶିବିରରେ ନୀଳଗିରିର ଲୋକପ୍ରିୟ ବିଧାୟକ ଇଂ ସୁକାନ୍ତ କୁମାର ନାୟକ ଯୋଗଦେଇ ଶିବିରକୁ ଉଦ୍ଘାଟନ କରିଥିବା ବେଳେ ଉପସ୍ଥିତ ସମସ୍ତ ରକ୍ତଦାତା ମାନଙ୍କୁ ରକ୍ତଦାନ ପାଇଁ ପ୍ରୋତ୍ସାହିତ କରିଥିଲେ । ଶିବିରର ଆୟୋଜନର ମୁଖ୍ୟ ଉଦ୍ୟକ୍ତା ସିଆଡିମାଳ ସମିତି ସଭ୍ୟ ରାଜୀବ ଦାସବାବୁଙ୍କ ସହ ସୁରଥ ଚନ୍ଦ୍ର ସିଂ, ବିନୋଦ ମହାନ୍ତି,ନମ ସିଂ, ଦିବ୍ୟରଞ୍ଜନ ମେଦିନୀରାୟ, ଉପେନ୍ଦ୍ର ପରମାଣିକ, ହୃଦେଶ୍ୱର ଦାସବାବୁ, ଗଣେଶ୍ୱର ବିଶ୍ୱାଳ, ଭଗବାନ ସେଠୀ, ମିନତୀ ସେଠୀ, ସଂଯୁକ୍ତା ସେଠୀ, ରାଜକୁମାର ସିଂ, ଶରତ ସିଂ ପ୍ରମୁଖ ବହୁ ବିଜେପି କାର୍ଯ୍ୟକର୍ତ୍ତା ସାମିଲ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଶିବିରରେ ମୋଟ ୧୦୨ୟୁନିଟ ରକ୍ତ ସଂଗ୍ରହ କରାଯାଇଥିବା ବେଳେ ନୀଳଗିରି ରକ୍ତଭଣ୍ଡାରର ଟେକ୍ନିସିଆନ ସରୋଜ କୁମାର ପଣ୍ଡା, ବେଣୁଧର ରାଉଳ, ଗତିକୃଷ୍ଣ ମହାନ୍ତି, ସଂଗ୍ରାମ ମହାନ୍ତି ରକ୍ତ ସଂଗ୍ରହ କରିଥିଲେ ।

# ପ୍ରଧାନ ଆଚାର୍ଯ୍ୟ ଗିରିଜା ଶଙ୍କର ଜେନାଙ୍କ ହୃଦ୍‌ଘାତରେ ପରଲୋକ

ବସ୍ତା, ୧୮/୦୯ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ କୁଡିଆ ପଞ୍ଚାୟତ ର ବେଲା ଗ୍ରାମର ଗିରିଜା ସଙ୍କର ଜେନା(୫୪) ଙ୍କ ଆଜି ଅପରାହ୍ନ ୩:୫୦ ରେ ହୃଦଘାତରେ ଦେହାନ୍ତ ହୋଇଯାଇଛି । ଶ୍ରୀ ଜେନା କୁଡ଼ିଆ ପଞ୍ଚାୟତ ବିଜୁ ଜନତା ଦଳର ପଞ୍ଚାୟତ ସଭାପତି ରହିଥିଲା ବେଳେ ନଳବାହାର ସ୍ଥିତ ଶିଶୁମନ୍ଦିର ରେ ପ୍ରଧାନ ଆଚାର୍ଯ୍ୟ ଭାବେ କାର୍ଯ୍ୟରତ ଥିଲେ । ସବୁଦିନ ଭଳି ଆଜି ଏହି ଶିଶୁ ମନ୍ଦିର କୁ ଯାଇଥିଲା ବେଳେ ଅପରାହ୍ନ ୩ ଟା ସମୟରେ ହଠାତ୍ ଛାତି ରେ ଯନ୍ତ୍ରଣା ଅନୁଭବ କରିଥିଲେ ।ହେଲେ ଉପସ୍ଥିତଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ତାଙ୍କୁ ସଙ୍ଗେସଙ୍ଗେ ଚିକିତ୍ସା ପାଇଁ ବସ୍ତା ହସ୍ପିଟାଲ ନେଇଥିଲେ । ହସ୍ପିଟାଲ ରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ମୃତ୍ୟୁ ଖବର ପ୍ରଚାର ପରେ ସମଗ୍ର ବସ୍ତା ରେ ଶୋକାକୁଳ ପରିବେଶ ଦ ସୃଷ୍ଟିହୋଇଥିଲା । ମୃତ୍ୟୁ ଖବର ପାଇ ବିଭିନ୍ନ ଦଳର ଅନେକ ନେତୃମଣ୍ଡଳୀ ଶ୍ରୀ ଜେନା ବାସଭବନ ରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଅମର ଆତ୍ମାର ସଦଗତି କାମନା କରି ପରିବାର କୁ ସମବେଦନା ଜଣାଇଥିଲେ ।ସେଜଣେ କର୍ତ୍ତବ୍ୟନିଷ୍ଠ ମିଷ୍ଟଭାଷି ପରୋପକାରୀ ଭାବେ ଉକ୍ତ ଅଞ୍ଚଳରେ ପରିଚିତ ଥିଲେ ।

# ଖଇରା ବ୍ଲକ ସ୍ତରୀୟ ସମିତିସଭ୍ୟ ସଂଘ ଗଠିତ: ଅକ୍ଷୟ ସଭାପତି,ନଳିନୀ ସମ୍ପାଦକ



ଖଇରା, ୧୮/୦୯ (ନି.ପ୍ର): ୧୨ ଦଫା ଦାବି ପୁରଣ ପାଇଁ ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ବ୍ଲକ ସ୍ତରୀୟ ସମିତି ସଭ୍ୟ ସଂଘ ଗଠିତ ହୋଇ ଯାଇଛି । ଏହି ଅବସରରେ ଜିଲା ଉପଦେଷ୍ଟା ଅଶୋକ କୁମାର ନାୟକଙ୍କ ଆବାହକତ୍ୱରେ ସୋମବାର ଦିନ ଖଇରା ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ସଭ୍ୟ ରମାକାନ୍ତ ମହାନ୍ତି ଉକ୍ତ ବୈଠକରେ ପୌରହିତ୍ୟ କରିଥିଲେ । ଉପସ୍ଥିତ ସଭ୍ୟ ସଭ୍ୟା ମାନଙ୍କୁ ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାରେ ଅଣଦେଖା କରାଯାଉଥିବାରୁ ଭୋଟର ମାନଙ୍କୁ ନିର୍ବାଚନ ବେଳେ ଦେଉଥିବା ପ୍ରତିଶୃତି ପୁରଣ କରାଯାଇପାରୁନାହିଁ । ସରକାରୀ ଯୋଜନା ଖସଡା ପ୍ରସ୍ତୁତି ବେଳେ ସେମାନଙ୍କୁ ଉପେକ୍ଷା କରାଯାଉଛି । ଆଗାମୀ ଦିନରେ ସମସ୍ତେ ଏକଜୁଟ ହୋଇ ଜିଲା ଏବଂ ରାଜ୍ୟସ୍ତରରେ ହେବାକୁ ଥିବା ବୈଠକ ଓ ଆନ୍ଦୋଳନରେ ସାମିଲ ହେବାକୁ ନିଷ୍ପତ୍ତି ନିଆଯାଇଥିଲା । କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ସଂଘର କର୍ମକର୍ତ୍ତା ମନୋନୟନ କରାଯାଇଥିଲା । ଅକ୍ଷୟ କୁମାର ଜେନା ସଭାପତି,ନଳିନୀ କୁମାର ସାହୁ ସାଧାରଣ ସମ୍ପାଦକ,ବିଦ୍ୟାଧର ଦଳେଇ ଉପସଭାପତି,ସଂଯୁକ୍ତା ମହାପାତ୍ର ସହସମ୍ପାଦିକା ଏବଂ ଅଜିତ କୁମାର ଦାସ କୋଷାଧକ୍ଷ ଭାବେ ମନୋନୀତ ହୋଇଛନ୍ତି । ପୁରୁଖା ସମିତି ସଭ୍ୟା ଛବିଲତା ମହାପାତ୍ର,ନର୍ମଦା ଦେଓ ପ୍ରମୁଖ ଉପସ୍ଥିତ ଥିଲେ ।

# ୬୦୦୦ ଲାଞ୍ଚ ନେବା ବେଳେ ଧରାପଡ଼ିଥିଲେ: ଅବସର ନେବା ପରେ ମିଳିଲା ଜେଲ୍ ଦଣ୍ଡାଦେଶ

ଢେଙ୍କନାଳ, ୧୮/୦୯ (ନି.ପ୍ର): ଢେଙ୍କନାଳ ଜିଲ୍ଲା ମୋଟଙ୍ଗା ଥାନାର ପୂର୍ବତନ ଏଏସ୍ଆଇ (ଅବସରପ୍ରାପ୍ତ) ମୁରଲୀଧର ପୃଷ୍ଟିଙ୍କୁ ୨ ବର୍ଷ ସଶ୍ରମ ଜେଲ୍ ଦଣ୍ଡାଦେଶ ହୋଇଛି । ଏକ ଲାଞ୍ଚ ନେବା ମାମଲାରେ ଢେଙ୍କାନାଳ ଭିଜିଲାନ୍ସର ସ୍ୱତନ୍ତ୍ର ଜଜ୍ ତାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ଏହି ଦଣ୍ଡାଦେଶ ଶୁଣାଇଛନ୍ତି । ୨ ବର୍ଷ ସଶ୍ରମ ଜେଲ୍ ଦଣ୍ଡାଦେଶ ସହିତ ମୁରଲୀଧର ପୃଷ୍ଟିଙ୍କ ଉପରେ ୨୦ ହଜାର ଟଙ୍କା ଜୋରିମାନା ପକାଇଛନ୍ତି କୋର୍ଟ । ୨୦ ହଜାର ଟଙ୍କା ନଦେଲେ ତାଙ୍କୁ ଆଉ ୬ ମାସ ଜେଲ୍‌ରେ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ସହିତ ଭିଜିଲାନ୍ସ ପକ୍ଷରୁ ରୁଜୁ କରାଯାଇଥିବା ଆଉ ଏକ ମାମଲାରେ କୋର୍ଟ ମୁରଲୀଧର ପୃଷ୍ଟିଙ୍କୁ ୨ ବର୍ଷ ଜେଲ୍ ଦଣ୍ଡାଦେଶ ସହିତ ୨୦ ହଜାର ଟଙ୍କା ଜୋରିମାନା କରିଛନ୍ତି । ଜୋରିମାନା ଅର୍ଥ ପଇଠ ନକଲେ ତାଙ୍କୁ ଆଉ ୬ ମାସ ଜେଲ୍‌ରେ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ । ତେବେ ଏ ଦୁଇଟି ଯାକ ଜେଲ୍ ଦଣ୍ଡାଦେଶ ଏକକାଳୀନ କାର୍ଯ୍ୟକାରୀ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ମୁରଲୀଧର ପୃଷ୍ଟି ଦୋଷୀ ସାବ୍ୟସ୍ତ ହୋଇ ଦଣ୍ଡାଦେଶ ପାଇସାରିଥିବାରୁ ତାଙ୍କ ପେନ୍‌ସନ୍ ବନ୍ଦ କରିବା ପାଇଁ ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ କୁହାଯିବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି । ୨୦୧୭ ମସିହାରେ ଏକ ଦୁର୍ଘଟଣା ମାମଲାରେ ଜବତ ହୋଇଥିବା ଏକ ଟ୍ରକ୍‌କୁ ଛାଡ଼ିଦେବାକୁ ତତ୍କାଳୀନ ମୋଟଙ୍ଗା ଏଏସ୍ଆଇ ମୁରଲୀଧର ପୃଷ୍ଟି ୬୦୦୦ ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ ।

# ଭଦ୍ରକ ବ୍ଲକରେ ମିଳିତ ଜନ ଶୁଣାଣି ଶିବିର: କ୍ୟାନସର ଚିକିତ୍ସା ପାଇଁ ୪ ଜଣଙ୍କୁ ୪୭ହଜାର ଟଙ୍କାର ସହାୟତା ପ୍ରଦାନ




ଭଦ୍ରକ, ୧୮/୦୯ (ନି.ପ୍ର): ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନ ଶୁଣାଣି ଶିବିର ଭଦ୍ରକ ବ୍ଲକ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଭଦ୍ରକ ଏସ୍.ପି. ବରୁଣ ଗୁଣ୍ଟୁପାଲି ଏହି ଶିବିରରେ ଯୋଗ ଦେଇ ସମୁଦାୟ ୨୯ ଜଣଙ୍କ ଠାରୁ ଅଭିଯୋଗ ଶୁଣିଥିଲେ । ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ମନୋଜ ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ସନ୍ତୋଷ କୁମାର ପାତ୍ର, ଭଦ୍ରକ ବ୍ଲକ ଅଧକ୍ଷା ଉର୍ମିଳା ନାୟକ, ଭଦ୍ରକ ବି.ଡ଼ି.ଓ. ସୀତାକାନ୍ତ ରାଉତ ଏହି ଶିବିରରେ ଯୋଗ ଦେଇ ଅଭିଯୋଗ ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ । ଏହି ମିଳିତ ଜନାଭିଯୋଗ ଶୁଣାଣି ଶିବିରରେ ମାତ୍ର ୨୯ଟି ଅଭିଯୋଗ ଆଗତ ହୋଇଥିଲା । ଏଥି ମଧ୍ୟରେ ଅଧିକାଂଶ ଅଭିଯୋଗ ରାସ୍ତା ମରାମତି, ନୂତନ ରାସ୍ତା ନିର୍ମାଣ, ଆବାସ ଯୋଜନା ସମ୍ବନ୍ଧୀୟ ଥିଲା । ଡ୍ରଗସ୍ ସେବନ ଯୋଗୁଁ ସୃଷ୍ଟି ହେଉଥିବା ବିଶୃଙ୍ଖଳା ପାଇଁ ପୋଲିସ ଦ୍ୱାରା ପଦକ୍ଷେପ ନିଆଯିବା ପାଇଁ ମଧ ଆବେଦନ କରାଯାଇଥିଲା । ବିଶେଷ କରି କ୍ୟାନସର ରୋଗରେ ପୀଡ଼ିତ ୪ ଜଣ ଗରିବ ରୋଗୀଙ୍କୁ ଚିକିତ୍ସା ପାଇଁ ରେଡ଼କ୍ରସ୍ ପାଣ୍ଠିରୁ ସମୁଦାୟ ୪୭ ହଜାର ଟଙ୍କାର ଆର୍ଥିକ ସହାୟତା ଜିଲ୍ଲାପାଳ ପ୍ରଦାନ କରିଥିଲେ ।

# ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ: ଦୁଇ ମାସରେ ୧୦୦ଟି ସଡ଼କ ଦୁର୍ଘଟଣାରେ ୫୬ ଜଣଙ୍କ ଜୀବନ ଯାଇଛି



ବାରିପଦା, ୧୮/୦୯ (ନି.ପ୍ର): ବାରିପଦା ମୟୁରଭଞ୍ଜ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଜ଼ିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ଅଧକ୍ଷତାରେ ଜ଼ିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଞ୍ଚଳିକ ପରିବହନ ଅଧିକାରୀ ବିଶ୍ୱରାଜ ବେହେରା ବିବରଣୀ ଉପସ୍ଥାପନ କରି ପ୍ରବର୍ତ୍ତନ ଜରିଆରେ ଯାଞ୍ଚ କରାଯାଇ ସଡ଼କ ଦୁର୍ଘଟଣା ପ୍ରତିରୋଧ ସମ୍ପର୍କିତ ବିଭିନ୍ନ ଆଇନ ଉଲଂଘନକାରୀ ଗାଡି ଚାଳକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ମୋଟ ୧୦୮.୬୬ ଲକ୍ଷ ଟଙ୍କାର ଜରିମାନା ଆଦାୟ ହୋଇଥିବା ଏବଂ ପୋଲିସ ବିଭାଗ ତରଫରୁ ତନଖି କରାଯାଇ ଗାଡି ଚାଳନା ସମୟରେ ଦ୍ରୁତ ଗତିରେ ଗାଡି ଚାଳନା ଏବଂ ଅନ୍ୟାନ୍ୟ ଅନିୟମିତତା ପାଇଁ କାର୍ଯ୍ୟାନୁଷ୍ଠାନ ପାଇଁ ଆରଟିଓଙ୍କ ପାଖକୁ ପଠାଯିବା ସହିତ ୧୩୫.୭୫ ଲକ୍ଷ ଟଙ୍କାର ଜରିମାନା ଆଦାୟ ହୋଇଥିବା କହିଥିଲେ । ସେହିପରି ଏଇ ଦୁଇ ମାସରେ ଘଟିଥିବା ୧୦୦ ଟି ସଡ଼କ ଦୁର୍ଘଟଣାରେ ୫୬ ଜଣ ମୃତ୍ୟୁ ବରଣ କରିଥିବା ସୂଚନା ଦେଇଥିଲେ । ଜ଼ିଲ୍ଲାପାଳ ଉକ୍ତ ବିବରଣୀର ସମୀକ୍ଷା ପୂର୍ବକ ସଡ଼କ ଦୁର୍ଘଟଣାକୁ ରୋକିବା ପାଇଁ ଜାତୀୟ ରାଜପଥ ଗୁଡିକରେ ବ୍ଲାକ ସ୍ପଟ ଚିହ୍ନିତ ସଡ଼କର ତୁରନ୍ତ ପ୍ରତିକାର କରିବା ପାଇଁ ଜାତୀୟ ରାଜପଥ କର୍ତୃପକ୍ଷଙ୍କୁ ଏବଂ ରାଜ୍ୟ ରାଜପଥ ଗୁଡିକରେ ବ୍ଲାକ ସ୍ପଟ ଚିହ୍ନିତ ସଡ଼କର ମରାମତି ଦିଗରେ ପଦକ୍ଷେପ ନେବାପାଇଁ ରାଜ୍ୟ ରାଜପଥ କର୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ. ଜାତୀୟ ରାଜପଥର ଉଭୟ ପାର୍ଶ୍ୱ ରେ ଢ଼ାବା ଇତ୍ୟାଦି ମାନଙ୍କ ଦ୍ୱାରା ହେଉଥିବା ବେଆଇନ ଅବରୋଧକୁ ଉଚ୍ଛେଦ ପାଇଁ ମଧ ପରାମର୍ଶ ଦେଇଥିଲେ । ଏଥିସହିତ ରାଜପଥ କୁ ସଂଲଗ୍ନ ହୋଇଥିବା ବିଦ୍ୟାଳୟ ଗୁଡିକର ଏକ ତାଲିକା ପ୍ରସ୍ତୁତ କରିବା ପାଇଁ ଜ଼ିଲ୍ଲା ଶିକ୍ଷାଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ସଡ଼କଦୁର୍ଘଟଣାରେ ଆହତଙ୍କ ପ୍ରାଣ ରକ୍ଷା କରିଥିବା ୫ ଜଣ ସହୃଦୟ ବ୍ୟକ୍ତିଙ୍କୁ ଜିଲ୍ଲାପାଳ ମାନପତ୍ର ସହିତ ୨ହଜାର ଟଙ୍କାର ଚେକ ପ୍ରଦାନ କରିଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଉମାଶଙ୍କର ମହାରଣା, ବାରିପଦା ପୌରପାଳିକା ନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠୀ, ଅବକାରୀ ଅଧିକ୍ଷକ ପ୍ରଶାନ୍ତ କୁମାର କହଁର ପ୍ରମୁଖ ଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ରାଜ୍ୟ ରାଜପଥ ଓ ଜାତୀୟ ରାଜପଥ କର୍ତୃପକ୍ଷ ଓ ବିଭିନ୍ନ ଗଣମାଧମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.....

## ସଂସଦର ସ୍ୱତନ୍ତ୍ର....

ଅଧିବେଶନ କାଲି ଠାରୁ ୨୨ ତାରିଖ ଯାଏ ନୂଆ ବିଲଡିଂରେ ଚାଲିବ । ପୁରୁଣା ବିଲଡିଂ ଅନେକ ଐତିହାସିକ ନିଷ୍ପତ୍ତିର ସାକ୍ଷୀ ବନିଥିଲା । ଏହି ବିଲଡିଂରେ ଦେଶର ସମ୍ବିଧାନକୁ ଗ୍ରହଣ କରାଯାଇଥିଲା । ୧୯୨୭ରେ ଏହାର ନିର୍ମାଣ କାମ ଶେଷ ହୋଇଥିବା ବେଳେ ଏହାକୁ ଇତି ମଧ୍ୟରେ ୯୬ ବର୍ଷ ବିତି ଗଲାଣି । ଆଜି ସ୍ୱତନ୍ତ୍ର ଅଧିବେଶନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜର ଅଭିଭାଷଣ ରଖୁଥିବା ବେଳେ ପୁରୁଣା ବିଲଡିଂକୁ ନେଇ ବେଶ ଭାବବିହ୍ୱଳ ହୋଇ ଯାଇଥିଲେ । ସେ ବିଲଡିଂର ପ୍ରତିଟି ଇଟାକୁ ମନେପକାଇଥିଲେ । ଏଥିସହ ସାଂସଦମାନେ ନୂଆ ଆଶା ଓ ବିଶ୍ୱାସର ସହ କାଲିଠାରୁ ନୂଆ ବିଲଡିଂରେ ପ୍ରବେଶ କରିବେ ବୋଲି କହିଥିଲେ ।

## ପ୍ରାଥମିକ ସ୍କୁଲ ଶିକ୍ଷକଙ୍କ....

ସବକମିଟି ବୈଠକରେ କିଏ ସାମିଲ ହେବେ ସେନେଇ ସଂଘ ପକ୍ଷରୁ ମଧ ପ୍ରତିନିଧିମାନଙ୍କ ନାଁ ଦିଆଯାଇଛି । ଆଜିର ବୈଠକରେ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଶିଳ୍ପ ମନ୍ତ୍ରୀ ପ୍ରତାପ ଦେବ ପ୍ରମୁଖଙ୍କ ସମେତ ମୁଖ୍ୟ ସଚିବ ପ୍ରଦୀପ ଜେନା, ଅର୍ଥ ସଚିବ ବିଶାଳ ଦେବ ଓ ଗଣଶିକ୍ଷା ସଚିବ ଏସ୍.ଅଶ୍ୱସ୍ଥି ଉପସ୍ଥିତ ଥିଲେ । ତେଣୁ ସରକାରଙ୍କ ଉପରେ ବିଶ୍ୱାସ ରଖି ଆନ୍ଦୋଳନକୁ ସାମୟିକ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନିଆଯାଇଛି । ବିଶେଷକରି ଗ୍ରେଡ୍ ପେ ବୃଦ୍ଧି, ଚୁକ୍ତିଭିତ୍ତିକ ନିଯୁକ୍ତି ବ୍ୟବସ୍ଥାକୁ, ୬ବର୍ଷର ଚୁକ୍ତିଭିତ୍ତିକ ଅବଧିକୁ ଚାକିରିର ମୂଳ ଅବଧିରେ ସାମିଲ କରିବା, ପାର୍ଟଟାଇମ୍ ଶିକ୍ଷକଙ୍କ ପାରିଶ୍ରମିକ ବୃଦ୍ଧି ଆଦି ଦାବି ଉପରେ ସରକାର ସକରାତ୍ମକ ଆଭିମୁଖ୍ୟ ପୋଷଣ କରିଛନ୍ତି । ତେବେ ପୁରୁଣା ପେନସନ ଲାଗୁ କରିବାକୁ ନେଇ ସରକାର ଆଗ୍ରହ ଦେଖାଇନାହାନ୍ତି ବୋଲି ଶ୍ରୀ ମିଶ୍ର କହିବା ସହ ଯଦି ଏକମାସ ମଧ୍ୟରେ କିଛି ପଦକ୍ଷେପ ସରକାର ନନେବେ ତା'ହେଲେ ପୁଣିଥରେ ଶିକ୍ଷକ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ ସତର୍କ କରାଇ ଦେଇଛନ୍ତି । ଅନ୍ୟପକ୍ଷରେ, ରାଜ୍ୟ ଅର୍ଥମନ୍ତ୍ରୀ ଶ୍ରୀ ଆରୁଖ ଏକ ପ୍ରେସ୍ ବିବୃତ୍ତି ଜାରି କରି କହିଛନ୍ତି ଯେ, ଆଜି ମନ୍ତ୍ରିସ୍ତରୀୟ ସବକମିଟି ବୈଠକ ବସିଥିଲା ଓ ସେଥିରେ ନିଖିଳ ଉତ୍କଳ ଶିକ୍ଷକ ଫେଡେରେସନ୍ କର୍ମକର୍ତ୍ତାମାନଙ୍କ ସହ ସେମାନଙ୍କ ଦାବି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ଆଗାମୀ ଦିନରେ ସେମାନଙ୍କ ଦାବିଗୁଡ଼ିକ ଉପରେ ସରକାର ସହୃଦୟତାର ସହିତ ନିରୀକ୍ଷଣ କରି ଯଥାଯୋଗ୍ୟ ଓ ବିଧିବଦ୍ଧ ପଦକ୍ଷେପ ଗ୍ରହଣ କରିବାକୁ ସ୍କୁଲ ଓ ଗଣଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ତେଣୁ ଶିକ୍ଷକମାନେ ଯେଉଁ ଆନ୍ଦୋଳନ କରୁଛନ୍ତି ତାକୁ ପ୍ରତ୍ୟାହାର କରିବାକୁ ଶ୍ରୀ ଆରୁଖ ଅନୁରୋଧ କରିଛନ୍ତି । ଉଲ୍ଲେଖଯୋଗ୍ୟ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ୍ ବ୍ୟାନରରେ ୮ଟି ଶିକ୍ଷକ ସଂଘ ନିଜର ୩ଦଫା ମୁଖ୍ୟ ଦାବି ନେଇ ଆନ୍ଦୋଳନ କରୁଥିଲେ । ଆଜି ଆନ୍ଦୋଳନ ଏକାଦଶ ଦିନରେ ପହଂଚିଥିଲା । ଶିକ୍ଷକମାନଙ୍କ ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ସରକାର ପ୍ରଥମେ ନାଲିଆଖି ଦେଖାଇବା ସହ, ଅନ୍ୟ ୩ଟି ଶିକ୍ଷକ ସଂଗଠନକୁ ଆଗକୁ ଆଣିବା ଏହି ଆନ୍ଦୋଳନକୁ ସେମାନେ ସମର୍ଥନ କରୁନାହାନ୍ତି ବୋଲି ଗଣମାଧମକୁ ଚିଠି ଜାରି କରିବାକୁ ପଛାଇ ନଥିଲେ । ଏପରିକି ଏହି ଶିକ୍ଷକ ଆନ୍ଦୋଳନ ଯୋଗୁ ଶିକ୍ଷାଦାନ ବିଶେଷ ପ୍ରଭାବିତ ହୋଇନି ବୋଲି ଯୁକ୍ତି ବାଢ଼ି ଗଣମାଧମକୁ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଗତ ଶନିବାର ବୟାନ ଜାରି କରି କହିଥିଲେ ଯେ, ୧୧ଟି ଜିଲ୍ଲାରେ ଶତପ୍ରତିଶତ ଓ ବାକି ଜିଲ୍ଲାରେ ୬୦ ପ୍ରତିଶତ ସ୍କୁଲ ଖୋଲା ଅଛି ଓ ଶିକ୍ଷାଦାନ ଜାରି ରହିଛି । ଅନ୍ୟପକ୍ଷରେ ଶିକ୍ଷକ ସଂଘ ଅଭିଯୋଗ କରିଥିଲା ଯେ ରାଜ୍ୟର ପ୍ରାୟ ୫୬ହଜାର ପ୍ରାଥମିକ ସ୍କୁଲରୁ ପ୍ରାୟ ୪୫ହଜାର ସ୍କୁଲରେ ତାଲା ଝୁଲୁଛି । ଆନ୍ଦୋଳନରେ ୧.୩୦ଲକ୍ଷ ଶିକ୍ଷକଶିକ୍ଷୟିତ୍ରୀ ସାମିଲ ହୋଇଛନ୍ତି । ସୂଚନାଯୋଗ୍ୟ, ପ୍ରାଥମିକ ସ୍କୁଲ ଶିକ୍ଷକ ଶିକ୍ଷୟିତ୍ରୀମାନେ ନିଜର ୩ଦଫା ଦାବି ନେଇ ୮ତାରିଖରୁ ଧାରଣା ଓ ୧୩ତାରିଖରୁ ସମୂହ ଛୁଟିରେ ଯାଇ ରାଜ୍ୟବ୍ୟାପୀ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଥିଲେ ।

## 'ସମ୍ବାଦ' କାର୍ଯ୍ୟାଳୟରେ...

ଏହି ମାମଲାରେ ଆଜି 'ସମ୍ବାଦ' ଭବନରେ ଇଓଡବ୍ଲୁ ପଶି ଛାନଭିନ୍ କରିବାକୁ ବହୁ ବରିଷ୍ଠ ସାମ୍ବାଦିକ ନାପସନ୍ଦ କରିବା ସହ ଏହାର କଡା ସମାଲୋଚନା କରିଛନ୍ତି । ବରିଷ୍ଠ ସାମ୍ବାଦିକ ସଂପଦ ମହାପାତ୍ର ସାମାଜିକ ଗଣମାଧମରେ ନିଜର ମତ ରଖି କହିଛନ୍ତି, ''ଓଡ଼ିଆ ଲୋକେ ସହଜରେ କୌଣସି ବିବାଦରେ ଫସିବାକୁ ଚାହାନ୍ତି ନାହିଁ...କାଦୁଅରେ ପଶିବା କାହିଁକି, ଗୋଡ଼ ଧୋଇବା କାହିଁକି ? ଏହି କାରଣରୁ ଆଜି କେତେଜଣ ଅମଲାଙ୍କ ଦାଦାଗିରିର ଶିକାର ହୋଇଛି...ବିଶେଷ କରି ପାଣ୍ଡିଆନ ବାବୁଙ୍କ ଭଳି ଜଣେ ସଚିବଙ୍କ ଉତ୍ପାତ ସବୁ ସୀମା ଟପି ଯାଇଛି...ନବୀନ ବାବୁଙ୍କ ସରକାର ଅତ୍ୟନ୍ତ ପ୍ରତିହିଂସାପରାୟଣ ଏବଂ ଛୋଟ ମିଜାଜର ବୋଲି ଆମେ ଜାଣିଛୁ...ଏହାର ଅନେକ ପ୍ରମାଣ ରହିଛି... ଏବେ 'ସମ୍ବାଦ', ସୌମ୍ୟ ବାବୁ ଏବଂ ତାଙ୍କ ସମ୍ପର୍କୀୟଙ୍କ ଉପରେ ଚାଲିଥିବା ପଦକ୍ଷେପରୁ ଏହା ସୁସ୍ପଷ୍ଟ ...ନିଜ ଦଳରେ ଅନେକ ଯୋଗ୍ୟ ଏବଂ ଦକ୍ଷ ନେତା ଥିବା ବେଳେ ନବୀନ ବାବୁ ତାଙ୍କ ବ୍ୟକ୍ତିଗତ ସଚିବଙ୍କ ଉପରେ ପୂରାପୂରି ନିର୍ଭର କରିବା ପଛରେ କାରଣ କ'ଣ ? ମୋ ବିଚାରରେ ଏହା ତାଙ୍କର ଓଡ଼ିଆ ବିରୋଧୀ ଚିନ୍ତାଧାରା ଓ ହୀନମନ୍ୟତାର ପରିଚାୟକ ।'' ଏହି ଘଟଣାରେ ଏକ୍ସରେ ( ପୂର୍ବରୁ ଟୁଇଟର) ମତ ରଖି ବିଶିଷ୍ଟ ଆଇନଜୀବୀ ଓ ବିଜେପି ନେତା ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି, ''ଆମେ କ'ଣ ଓଡ଼ିଶାରେ 'ଏମର୍ଜେନ୍ସି' ଭଳି ପରିସ୍ଥିତିରେ ଅଛେ ? ଗଣମାଧମ ସଂସ୍ଥା 'ସମ୍ବାଦ'ର କାର୍ଯ୍ୟାଳୟରେ ଇଓଡବ୍ଲୁ ଚଢ଼ାଉ ପ୍ରେସ୍ ସ୍ୱାଧୀନତାର ଖୋଲା ଉଲ୍ଲଂଘନ । ରାଜ୍ୟ ସରକାର ନିଜ ପରିଚାଳିତ ଇଓଡବ୍ଲୁ ଦ୍ୱାରା ଗଣମାଧମର କଣ୍ଠରୋଧରୁ ନିବୃତ୍ତ ହେବା ଲାଗିଏହା ପ୍ରକୃତ ସମୟ ।'' ଏହି ପୋଷ୍ଟରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟ୍ୟାଗ୍ କରିଛନ୍ତି । ତେବେ ଏହି କାର୍ଯ୍ୟାନୁଷ୍ଠାନ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କୌଣସି କାରଣରୁ ୩ ବର୍ଷ ତଳେ ଅନୁଷ୍ଠାନ ଛାଡ଼ିଥିବା ଜଣେ କର୍ମଚାରୀ ହଠାତ୍ ସକ୍ରିୟ ହୋଇଉଠିଛନ୍ତି କାହିଁକି ? ୩ ବର୍ଷ ଧରି ଚୁପ୍ ରହିବା ପରେ ସେ ହଠାତ୍ ମୁହଁ ଖୋଲିବା ଏବଂ ଏଭଳି ପରିସ୍ଥିତିରେ ମାମଲା ଦାୟର କରିବା ସ୍ପଷ୍ଟ ସଂକେତ ଦେଉଛି ଯେ କାହାର ଇଙ୍ଗିତରେ ହୁଏତ ସେ ଏପରି କରିଛନ୍ତି । ତାଙ୍କ ଉପରେ ଚାପ ପ୍ରୟୋଗ ହୋଇଛି । ନିଜର ନୂତନ କାର୍ଯ୍ୟକ୍ଷେତ୍ରରେ ଉପରିସ୍ଥ କର୍ମଚାରୀଙ୍କ ଚାପରେ ଆସି ଏଭଳି ଅତିରଂଜିତ ତଥା ଅଭିସନ୍ଧିମୂଳକ ଅଭିଯୋଗ କରିବାକୁ ପଛାଇ ନାହାନ୍ତି ।

## ହାଇଦ୍ରାବାଦରେ ସରିଲା...

କିଭଳି ବିଜେପିର ବିଜୟ ରଥକୁ ରୋକାଯିବ ସେନେଇ ହାଇଦ୍ରାବାଦରେ ବସିଥିବା କଂଗ୍ରେସ କାର୍ଯ୍ୟକାରିଣୀ ବୈଠକରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଛି । ଦଳର ଫୋକସରେ ରହିଛି ଜାତି ସମୀକରଣ । ଜାତିଗତ ଜନଗଣନା,ଦଳିତ, ଆଦିବାସୀ, ଓବିସି ସଂରକ୍ଷଣ ସୀମା ବୃଦ୍ଧି ଉପରେ ବରିଷ୍ଠ ନେତା ନିଜର ନିଜର ମତାମତ ରଖିଥିବା ଜଣାପଡିଛି । ଇତିହାସ କହୁଛି ଯେଉଁ ରାଜ୍ୟଗୁଡିକରେ କଂଗ୍ରେସ ବିଜେପିକୁ ସିଧାସଳଖ ଚ୍ୟାଲେଂଜ ଦେଉଛି ସେଠାରେ ଅଳ୍ପସଂଖ୍ୟକ ଦବଦବା ରହିଛି । ଦଳିତ, ଆଦିବାସୀମାନେ କଂଗ୍ରେସର ପାରମ୍ପାରିକ ଭୋଟର ଅଟନ୍ତି । ଦୁଇ ଦିନ ଧରି ହାଇଦ୍ରାବାଦରେ ବସିଥିବା କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ ରବିବାର ଶେଷ ହୋଇଛି । ତେଲେଙ୍ଗାନା ସହ ୫ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ କିଭଳି ମୋଦୀ ସରକାରଙ୍କୁ ଦଳ ମାତ ଦେବ ସେନେଇ ହୋଇଛି ଗୁରୁତ୍ୱପୂର୍ଣ୍ଣ ଆଲୋଚନା । ବୈଠକ ପରେ ଦଳ କହିଛି ଲୋକସଭା ସହ ବିଧାନସଭା ନିର୍ବାଚନରେ କଂଗ୍ରେସକୁ ପାଇବ ଜନତାଙ୍କ ଭରଷା, ଭୋଟ ଓ ଭଲପାଇବା । ସେପଟେ କାଲିଠୁ ବସୁଥିବା ସଂସଦର ସ୍ୱତନ୍ତ୍ର ଅଧିବେଶନରେ ସରକାରଙ୍କୁ ଘେରିବାକୁ ମଧ ବୈଠକରେ ଚର୍ଚ୍ଚା କରାଯାଇଛି । ଗୋଟେ ପଟେ ବିଜେପିକୁ ଘେରିବା ପାଇଁ ହାଇଦ୍ରାବାଦରେ କଂଗ୍ରେସ ମେଳି କରିଛି ସେପଟେ କଂଗ୍ରେସକୁ କଟାକ୍ଷ କରି ବିଆରଏସ ଦୁର୍ନିତୀର ଲମ୍ବା ଚିଠା ସାମ୍ନାକୁ ରଖିବା ସହ ତେଲେଙ୍ଗାନାର ବିଭିନ୍ନ ସ୍ଥାନରେ ପୋଷ୍ଟର ଦ୍ୱାର ଦେଖିବାକୁ ମିଳିଛି ।

## ଆସନ୍ତା ୨୧ ତାରିଖରେ....

କମିଶନର (ଆରଡିସି) ସୁରେଶ ଚନ୍ଦ୍ର ଦଳେଇ ଅନୁମତି ଦେବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ । ସରକାର ଅନୁମତି ଦେବା ପରେ ଆରଡିସି ଆଜି ଏହି ତିନି ସ୍ଥାନ ପାଇଁ ସ୍ଥାନୀୟ ଛୁଟି ଘୋଷଣା କରିଛନ୍ତି । ଏହା ପୂର୍ବରୁ ଉତ୍ତରାଞ୍ଚଳ ଆରଡିସି ବଲାଙ୍ଗୀର, ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡ଼ା ଓ ଝାରସୁଗୁଡ଼ା ଜିଲ୍ଲାକୁ ସାମଗ୍ରିକ ଭାବେ ଏବଂ ସୁନ୍ଦରଗଡ଼ ଜିଲ୍ଲାର ପାନପୋଷ, ବଣାଇ ଉପଖଣ୍ଡକୁ ଆସନ୍ତା ୨୧ ତାରିଖ ପାଇଁ ସ୍ଥାନୀୟ ଛୁଟି ଦିବସ ଭାବେ ଘୋଷଣା କରିଥିଲେ ।

# ଟ୍ରକ୍-କାର ମୁହାଁମୁହିଁ ଧକ୍କା: ୪ ମୃତ, ଜଣେ ଗୁରୁତର

ଆଠଗଡ଼ , ୧୮/୦୯ (ନି.ପ୍ର): ଟ୍ରକ୍ ଓ କାର୍ ମୁହାଁମୁହିଁ ଧକ୍କାରେ ୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି । କଟକ ଜିଲ୍ଲା ତିଗିରିଆ ଥାନା ନୂଆସଡ଼କ ଛକରେ ଆଜି ଅପରାହ୍ନ ପ୍ରାୟ ୩ଟା ବେଳେ ଏହି ଦୁର୍ଘଟଣା ଘଟିଛି । ଗୁରୁତର ଆହତଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ମୃତକମାନେ ହେଲେ ବିନ୍ଧାଣିମାର ଚନ୍ଦନ ଖଟୁଆ, ସୁବାସ ବେହେରା, ବାଣେଶ୍ୱରପଡ଼ାର ବାବୁଲି ରାଉତ ଓ ଅଭିମାନପୁରର ସିଲୁ ପୁଷ୍ଟି । ଗୁରୁତର ଆହତ ଜଣଙ୍କ ହେଉଛନ୍ତି ନୂଆପାଟଣାର ଦୀପକ ସାହୁ । ଏହି ୫ ଜଣ ଯାକ ସାଙ୍ଗ ଓ ସେମାନେ ବୁଲିବାକୁ ଆସିଥିଲେ । ଦୁର୍ଘଟଣା ପରେ ସମସ୍ତେ କାର ଭିତରେ ଚାପିହୋଇ ରହିଥିଲେ । ତିନି ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ଆଉ ଜଣଙ୍କୁ ଆଠଗଡ଼ ଡାକ୍ତରଖାନା ନିଆଯାଉଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା । ଗୁରୁତର ଆହତ ଦୀପକ ସାହୁଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ତିଗିରିଆ ଥାନା ଅଧିକାରୀ କହିଛନ୍ତି, ଏହି ଯୁବକମାନେ ସାଙ୍ଗ ଥିଲେ । ସେମାନେ ଆଜି ବୁଲାବୁଲି କରିବାକୁ ବାହାରିଥିଲେ । ଅଂଶୁପା ଆଡ଼େ ମଧ୍ୟ ଯାଇଥିଲେ । ତେବେ ନିର୍ଦ୍ଦିଷ୍ଟ କେଉଁ ସ୍ଥାନକୁ ବୁଲିବାକୁ ଯାଉଥିଲେ ନା ନାହିଁ, ତାହା ତଦନ୍ତ ପରେ ଜଣାପଡ଼ିବ ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଉଦଳା ରାଜନୀତି ପାଣିପାଗ: ମନେ ପଡୁଛନ୍ତି ୪ ଦୟାଲ ବାବା, ଖୋଜା ପଡ଼ିଛନ୍ତି ଅନଙ୍ଗ ସେନାପତି

ଉଦଳା , ୧୮/୦୯ (ନି.ପ୍ର): ନିର୍ବାଚନ ପାଖେଇ ଆସୁଥିବା ବେଳେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ନାମ, ଯେଉଁମାନେକି ପ୍ରତକ୍ଷ ରାଜନୀତିରେ ଅଂଶ ଗ୍ରହଣ କରିଥାନ୍ତି, ସେମାନଙ୍କର ଚର୍ଚ୍ଚା ବହୁଳ ଭାବରେ ବିଭିନ୍ନ ମହଲରେ ଶୁଣିବାକୁ ମିଳୁଛି । ସେମାନଙ୍କ ମଧ୍ୟରେ ନୂଆ ମୁହଁଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଥିବା ବେଳେ, ପୁରୁଣା ମୁହଁ ମଧ୍ୟରେ ୪ ଦୟାଲ ବାବା ଓ ଅନଙ୍ଗ ସେନାପତିଙ୍କ ନାମ ଚର୍ଚ୍ଚାର ସବୁଠାରୁ ଆଗରେ ଅଛି । ଅତିତ ନିର୍ବାଚନରେ ଏ ଦୁହେଁ ଖୁବ୍ ଅଳ୍ପ ଭୋଟ ବ୍ୟବଧାନରେ ପରାଜୟ ହୋଇଥିଲେ ସତ କିନ୍ତୁ ଜ୍ଞାନି ଗୁଣି ଲୋକଙ୍କ ମହଲରେ ଆଜିବି ଏମାନଙ୍କର ପ୍ରଶଂସା ଶୁଣିବାକୁ ମିଳେ । ଏପରିକି ବିଗତ ଦିନରେ ବାରମ୍ୱାର ବିଧାୟକ ହୋଇଥିବା ବ୍ୟକ୍ତିଙ୍କ ପ୍ରଶଂସା ମଧ୍ୟ ଏତେ ମାତ୍ରାରେ ଶୁଣିବାକୁ ମିଳେ ନାହିଁ । ସେଥିପାଇଁ କଥାରେ ଅଛି ଯିଏ ପ୍ରକୃତରେ ଜ୍ଞାନି ଓ ଗୁଣି ଲୋକ ସେ କ୍ଷମତାରେ ଥାଉ ବା ନଥାଉ, ବଂଚି ଥାଉ କିମ୍ୱା ମୃତ୍ୟୁବରଣ କରିଥାଉ ଜନମାନସରେ ସେ ସବୁଦିନ ପୂଜା ପାଇଥାଏ । ଯେଉଁ ବ୍ୟକ୍ତି ଜ୍ଞାନି ଗୁଣି ନୁହଁନ୍ତି , ସେ ଯେତିକି ଦିନ କ୍ଷମତାରେ ଥାଆନ୍ତି ସେତିକି ଦିନ ପୂଜା ପାଆନ୍ତି । କ୍ଷମତା ଗଲାପରେ ତାଙ୍କୁ କେହି ମନେ ମଧ୍ୟ ପକାନ୍ତି ନାହିଁ । ଏହିସବୁ ଦୃଷ୍ଟିରୁ ଉଦଳା ନିର୍ବାଚନ ମଣ୍ଡଳି ମଧ୍ୟରେ ୪ ଦୟାଲ ବାବା ଓ ଅନଙ୍ଗ ସେନାପତି ଜନମାନସରୁ ଆଦୌ ଲିଭି ନାହାଁନ୍ତି । ଏ ଦୁହିଁଙ୍କୁ ଉଦଳା ନିର୍ବାଚନ ମଣ୍ଡଳିର ମୁକୁଟ ବିହିନ ସମ୍ରାଟ ବୋଲି କୁହାଯାଇଥାଏ । ତେବେ ଅନଙ୍ଗ ସେନାପତି ରାଜନୀତିରୁ ସନ୍ୟାସ ନନେଇ ପୁଣି ଥରେ ସକ୍ରୀୟ ରାଜନୀତିକୁ ଫେରନ୍ତୁ ବୋଲି ବହୁ ଲୋକ ଆଶା ବାନ୍ଧିଛନ୍ତି । ତେବେ ଏ ବାବଦରେ ଅନଙ୍ଗ ସେନାପତିଙ୍କ ନିଜସ୍ୱ ମତ କଣ ତାହା ଜଣା ପଡ଼ିନାହିଁ । ଯଦି ଏଥର ଅନଙ୍ଗ ବିଧାୟକ ପ୍ରାର୍ଥି ହୁଅନ୍ତି ତାଙ୍କ ସହିତ ନିର୍ଦ୍ଦିଷ୍ଟ ଏକ ଜନଜାତିର ଲୋକେ ପ୍ରତିଦ୍ୱନ୍ଦିତା ନକରି ତାଙ୍କୁ ସମର୍ଥନ ଜଣାଇବେ ବୋଲି ମେଳି ବାନ୍ଧୁଥିବାର ସାଧାରଣରେ ଚର୍ଚ୍ଚା ହେଉଛି । ଏପରିକି ଅବସର ପ୍ରାପ୍ତ ଶିକ୍ଷକ ସଂଘ ଓ କାର୍ଯ୍ୟରତ ଶିକ୍ଷକ ସଂଘର ଭୋଟ ମଧ୍ୟ ଅନଙ୍ଗଙ୍କ ସପକ୍ଷରେ ଯିବ ବୋଲି ଅନେକେ ମତ ଦେଇଛନ୍ତି । ବିଭିନ୍ନ ରାଜନୈତିକ ଦଳ ତରଫରୁ ମଧ୍ୟ ଅନଙ୍ଗଙ୍କ ଆଗମନକୁ ଅପେକ୍ଷା କରାଯାଇଛି ।

# ଖାଳମୁହାଣି ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ଶୋଚନୀୟ



ଲଙ୍ଗଳେଶ୍ୱର, ୧୮/୦୯ (ନି.ପ୍ର): ରାଜ୍ୟ ଠାରୁ କେନ୍ଦ୍ର ସରକାର ଗାଁ ରାସ୍ତା ପକ୍କା କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ମାତ୍ର ଏବେବି ବହୁତ ଗାଁକୁ ରାସ୍ତା ପକ୍କା ହୋଇନପାରି ଶୋଚନୀୟ ହୋଇପଡିଛି । ବାଲିଆପାଳ ବ୍ଲକ ଅନ୍ତର୍ଗତ ଦେଭୋଗ ପଞ୍ଚାୟତ ଖାଳମୁହାଣି ଗାଁ କୁ ବି.ବି. ରୋଡ ଠାରୁ ଯାଇଥିବା ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି । ଦୀର୍ଘ ଦିନ ଧରି ରାସ୍ତାଟିର ମରାମତି ହୋଇନଥିବାରୁ ଏବେ ବର୍ଷା ଦିନରେ ରାସ୍ତା ଉପରେ ବର୍ଷା ପାଣି ଜମିରହିଛି । ଖାଳମୁହାଣୀ ଗାଁ ରାସ୍ତା ଅଣ ଓସାର ସାଙ୍ଗକୁ ରାସ୍ତା ଫାଟି ଆଁ ହୋଇଛି । ରାସ୍ତା ସାରା ଖାଲ ଖମାରେ ପରିପୂର୍ଣ୍ଣ ହୋଇଥିବା ବେଳେ ରାସ୍ତା ଉପରକୁ ଗେଟି ବାହାରି ପଡିଛି । ଖାଳମୁହାଣୀ ଗାଁ ରାସ୍ତା ଏତେ ଶୋଚନୀୟ ହୋଇପଡିଛି ଯେ,ଗ୍ରାମବାସୀ ତଥା ସ୍କୁଲ ଛାତ୍ରଛାତ୍ରୀ , ବୃଦ୍ଧ ବୟସ୍କ ଲୋକ ଯିବା ଆସିବାରେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି ।ତେବେ ଦୀର୍ଘ ଦିନଧରି ଶୋଚନୀୟ ହୋଇପଡିଥିବା ଖାଳମୁହାଣୀ ଗାଁ ରାସ୍ତା ପକ୍କା କରିବା ପାଇଁ ଗ୍ରାମବାସୀ ପ୍ରଶାସନ ଠାରେ ଦାବୀ କରିଛନ୍ତି ।

# ୧୦ଦିନ ଧରି ଲାଗି ରହିଛି ଆରୋପ ପ୍ରତ୍ୟାରୋପ

## ପ୍ରଭାବିତ ହେଉଛି ନୀଳାମ୍ବର ହାଇସ୍କୁଲର ଶୈକ୍ଷିକ ପରିବେଶ

ଖଇରା, ୧୮/୦୯ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ତୁଡିଗଡିଆସ୍ଥିତ ନିଳାମ୍ବର ହାଇସ୍କୁଲ ଘଟଣା ଏବେ ରାଜନୈତିକ ରୁପ ନେଉଥିବାରୁ ବିଦ୍ୟାଳୟ ପରିବେଶ ଅଶାନ୍ତ ହୋଇ ପଡୁଛି । ଆରୋପ ପ୍ରତ୍ୟାରୋପ କୁ ନେଇ ଅବିଭାବକ ୨ଗୋଷ୍ଠୀରେ ବିଭକ୍ତ ହୋଇ ସାରିଥିବା ବେଳେ ବ୍ୟକ୍ତିଗତ ଆକ୍ରୋଶ ମନୋଭାବକୁ ନେଇ ସ୍କୁଲ ଭିତରର ଘଟଣା ଏବେ ହାଟରେ ପଡି ଦାଣ୍ଡରେ ଗଡଲାଣି । କିଛି ରାଜନୈତିକ ଦଳ ଭିନ୍ନ ଉଦ୍ଦେଶ୍ୟ ଚରିତାର୍ଥ କରିବାକୁ ଏବେ ଅବିଭାବକକୁ ବାହ୍ୟ ସମର୍ଥନ ଦେଇ ଘଟଣାକୁ ଅଧିକ ବିବାଦୀୟ କରୁଥିବାରୁ ଶୈଖିକ ପରିବେଶ ଧୁଳିସାତ ହେବାକୁ ବସିଲାଣି । ତୁରନ୍ତ ଶିକ୍ଷା ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ବିଦ୍ୟାଳୟ ଐତିହ ଗାରିମାକୁ ଦୃଷ୍ଟି ରେ ରଖି ଅବିଭାବକ, ପରିଚାଳନା କମିଟି ସଦସ୍ୟଙ୍କ ମତମତକୁ ଭିତ୍ତି କରି ଘଟଣାର ସମାଧାନ କରିବାକୁ ଦାବୀ ହୋଇଛି । କିଛିଦିନ ତଳେ ପ୍ରଧାନଶିକ୍ଷକଙ୍କ ନାମରେ ଆର୍ଥିକ ଅନିୟମିତତା, ଛାତ୍ରୀ ଅସଦାଚରଣ କରାଯାଉଥିବା ଅଭିଯୋଗ କରି କିଛି ଗ୍ରାମବାସୀ ଜିଲାପାଳ, ଜିଲା ଶିକ୍ଷାଧିକାରୀ, ଶିକ୍ଷା ନିର୍ଦ୍ଦେଶକ, ଖଇରା ଥାନା ଆଇଆଇସି ଙ୍କୁ ଲିଖିତ ଅଭିଯୋଗ କରିଥିଲେ ଏବଂ ପ୍ରଧାନଶିକ୍ଷକଙ୍କ ବଦଳୀ ଦାବୀ କରିଥିଲେ । ହେଲେ ପରିଚାଳନା କମିଟି ସଭାପତି ମନୋରଞ୍ଜନ ଧର, ଆଲୁମିନି ସଭାପତି ଅମୁଲ୍ୟ ରାଉତ ଏଭଳି ଅଭିଯୋଗକୁ ଖଣ୍ଡନ କରି ପ୍ରଧାନଶିକ୍ଷକଙ୍କ ର ବିଦ୍ୟାଳୟ ପ୍ରତି ଯଥେଷ୍ଟ ଅବଦାନ ରହିଛି । ଯେଉଁ ବ୍ୟକ୍ତିମାନଙ୍କ ଭିତିରି ଅଭିଳାଶା ଚରିତାର୍ଥ ହୋଇ ପାରୁନାହିଁ ଏବଂ ବିଦ୍ୟାଳୟର ବହୁମୁଲ୍ୟ ଜମିକୁ ମାଡି ବସିଛନ୍ତି ସେମାନେ ପ୍ରଧାନଶିକ୍ଷକଙ୍କୁ ହଟାଇବାକୁ ଚାହୁଁଚନ୍ତି ବୋଲି କହିଥିଲେ । ଆଇଆଇସି ଗୟାଧର ବେହେରାଙ୍କୁ ପଚାରିବା ପରେ ମତାମତରେ ସେ ପ୍ରଧାନଶିକ୍ଷକଙ୍କୁ ପଚରାଉଚୁରା କରିଥିଲେ । ଏବଂ ଏଥିରେ ସେଭଳି ସତ୍ୟତା ନଥିବାର ଉପଲବ୍ଧି କରୁଥିବା କହିଥିଲେ । ଘଟଣାକ୍ରମେ ଜାତୀୟ ମାନବ ଅଧିକାର ସାମୁଖ୍ୟ ଭଳି ଏକ ସଙ୍ଗଠନ ର କର୍ମକର୍ତ୍ତା ସୋମବାର ବିଦ୍ୟାଳୟକୁ ଆସି ପ୍ରଧାନଶିକ୍ଷକ ଅବିଭାବକଙ୍କୁ ମତ ସଂଗ୍ରହ କରି ଫେରିଥିବା ଜଣାଯାଇଛି ।

# ଅଜଣା ଗାଡ଼ି ଧକ୍କାରେ ମହିଳା ମୃତ: ପରିଚୟ ପାଇଁ ପୋଲିସର ନିବେଦନ

ବସ୍ତା, ୧୮/୦୯ (ନି.ପ୍ର): ସୂଚନାରୁ ପ୍ରକାଶ ବସ୍ତା ଥାନା ୬୦ ନଂ ଜାତୀୟ ରାଜପଥ ଦଣ୍ଡିକା ନିକଟରେ ଏକ ମହିଳାଙ୍କୁ ଅଜଣା ଗାଡ଼ି ଧକ୍କା ଦେବା ଫଳରେ ମହିଳା ଜଣଙ୍କର ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି । ଘଟଣା ଘଟିବା ପରେ ସ୍ଥାନୀୟ ଲୋକ ବସ୍ତା ଥାନାକୁ ଖବର ଦେବାରୁ ବସ୍ତା ପୋଲିସ ସଦଳେବଳେ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିଥିଲା । ମାତ୍ର ମହିଳାଙ୍କ କୌଣସି ପରିଚୟ ନଥିବା ବେଳେ ପରିଚୟ ଅସ୍ପଷ୍ଟ ରହିଛି । ଅଚିହ୍ନା ମହିଳାଙ୍କ ମୃତଦେହ ପରିଚୟ ପାଇଁ ପୋଲିସ ବାଲେଶ୍ୱର ପଠାଇଥିବା ବେଳେ କୌଣସି ବ୍ୟକ୍ତି ମହିଳାଙ୍କ ପରିଚୟ ପାଇଲେ ବସ୍ତା ଥାନା ସହ ଯୋଗାଯୋଗ ପାଇଁ ନିବେଦନ କରିଛନ୍ତି ବସ୍ତା ଥାନା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବେହେରା ।

# ସମନ୍ୱିତ ଆୟୁଷ ଚିକିତ୍ସାଳୟ କାର୍ଯ୍ୟ ଆରମ୍ଭ ବିଳମ୍ବ ହେତୁ ଆନ୍ଦୋଳନ ପାଇଁ ସଜବାଜ



ବାଲେଶ୍ୱର, ୧୮/୦୯ (ନି.ପ୍ର): ସ୍ଥାନୀୟ ଜିଲ୍ଲା ଆୟୁର୍ବେଦିକ ମୁଖ୍ୟ ଚିକିତ୍ସାଳୟ ଠାରେ ଆୟୁଷ ବିକାଶ ମଞ୍ଚର ପରିବର୍ଦ୍ଧିତ ବୈଠକ ଡା. ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସରକାରଙ୍କ ତରଫରୁ ଆବଶ୍ୟକୀୟ ଅର୍ଥ ମଞ୍ଜୁର ହୋଇ ଆସିବାର ୬ମାସ ବିତି ଯାଇଥିଲେ ମଧ କାର୍ଯ୍ୟ ଆରମ୍ଭ ହେଉନଥିବାରୁ ସମସ୍ତ ସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ । ବାଲେଶ୍ୱରସ୍ଥିତ ଅଧୀକ୍ଷକ ଯନ୍ତ୍ରୀଙ୍କ ପାଖରେ କାର୍ଯ୍ୟର ଟେଣ୍ଡର ପ୍ରକ୍ରିୟା ଅଟକି ରହିଥିବାର ସୂଚନା ସଭାପତି ସଭ୍ୟମାନଙ୍କୁ ଅବଗତ କରାଇଥିଲେ । ତେଣୁ ବିଶେଷ ଆଲୋଚନା ପରେ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା ଯେ ମଞ୍ଚର ଉପଦେଷ୍ଟା ଡା. ପ୍ରଭାକର ରଥ, ଉପସଭାପତି ହା. ପ୍ରଭାତ କୁମାର ବିଶ୍ୱାଳ, ସମ୍ପାଦକ ହିମାଂଶୁ ଶେଖର ଦାସ ଆସନ୍ତାକାଲି ଅଧୀକ୍ଷକ ଯନ୍ତ୍ରୀ ଓ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ଦେଖାକରି ସଠିକ୍ ତଥ୍ୟ ଆଣି ଆସନ୍ତା ବୈଠକରେ ସମସ୍ତଙ୍କୁ ଅବଗତ କରାଇବେ । ଉପଦେଷ୍ଟା ଶ୍ରୀ ନିରଞ୍ଜନ ପରିଡ଼ା ଓ ଶ୍ରୀ ସୀତାରାମ ବେହେରା ବାଲେଶ୍ୱର ଠାରେ ପ୍ରସ୍ତାବିତ ଆୟୁର୍ବେଦିକ୍ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ପାଇଁ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ କାହିଁକି ଜାଣିବାକୁ ଚାହିଁଥିଲେ । ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ମନ୍ତ୍ରୀ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ସଚିବଙ୍କୁ ପତ୍ର ମାଧ୍ୟମରେ ବାଲେଶ୍ୱର ଠାରେ ଆୟୁଷ ମିଶନ୍ ସହାୟତାରେ ଏବଂ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଖୋଲିବା ପାଇଁ ପ୍ରସ୍ତାବ ପଠାଇବା ପାଇଁ ଅନୁରୋଧ କରିଥିବାର ଏକବର୍ଷ ସମୟ ବିତି ଯାଇଥିଲେ ମଧ୍ୟ ଓଡ଼ିଶା ଜାତୀୟ ଆୟୁଷ ମିଶନ ଏ ପର୍ଯ୍ୟନ୍ତ ଭାରତ ସରକାରଙ୍କୁ କୌଣସି ବିଧିବଦ୍ଧ ପ୍ରସ୍ତାବ ପଠାଇନାହାନ୍ତି ବୋଲି ହିମାଂଶୁ ଶେଖର ଦାସ ସୂଚନା ଦେଇଥିଲେ । ତେଣୁ ଏ ବିଷୟରେ ତୁରନ୍ତ ପଦକ୍ଷେପ ନେବାପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଏକ ପତ୍ର ଜିଲ୍ଲାପାଳଙ୍କ ଜରିଆରେ ପଠାଇବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । ଆୟୁଷ ଚିକିତ୍ସାଳୟ ଓ ପ୍ରସ୍ତାବିତ ମହାବିଦ୍ୟାଳୟ ଯଥାଶୀଘ୍ର ବାଲେଶ୍ୱର ଠାରେ ଖୋଲା ନଗଲେ ବାଲେଶ୍ୱରବାସୀ ତଥା ଆୟୁଷ ବିକାଶ ମଞ୍ଚ ଆନ୍ଦୋଳନକୁ ଆଦରିବ ବୋଲି କର୍ମକର୍ତ୍ତାମାନେ ମତ ରଖିଥିଲେ । ସର୍ବଶେଷରେ ସଭ୍ୟ ଡା. ପ୍ରମୋଦ କୁମାର ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ । ଡାକ୍ତର ରୁବି ନାୟକ, ଡା. ଜୟନ୍ତ ପ୍ରଧନା, ଡା. ମଧୁସୂଦନ ଜେନା, ଡା. ପ୍ରଭାକର ରଥ ପ୍ରଭୃତି ସଦସ୍ୟମାନେ ଉପସ୍ଥିତ ଥିଲେ ।

# ଦେଶର କେରଳ ସମେତ ନଅଟି ରାଜ୍ୟରେ ନିପା ଭାଇରସ ଆତଙ୍କ

ନୂଆଦିଲ୍ଲୀ, ୧୮/୦୯ : ଗତ ୨୪ ଘଂଟା ମଧ୍ୟରେ କେରଳରେ ନିପା ସଂକ୍ରମଣର କୌଣସି ରିପୋର୍ଟ ହୋଇନାହିଁ । ଏଥିରେ ସଂକ୍ରମିତ ନଅ ବର୍ଷର ଶିଶୁ ଭେଂଟିଲେଟରରୁ ବାହାରି ଆସିଛନ୍ତି । କେରଳର ସ୍ୱାସ୍ଥ୍ୟମନ୍ତ୍ରୀ ବୀନା ଜର୍ଜଙ୍କ ଅନୁଯାୟୀ ବର୍ତମାନ ଶିଶୁର ସ୍ୱାସ୍ଥ୍ୟରେ ଉନ୍ନତି ଆସୁଛି । ସେ କହିଛନ୍ତି ଯେ ଏହି ନିପା ଭାଇରସର ବିପଦ କେରଳ ସମେତ ଦେଶର ନଅଟି ରାଜ୍ୟରେ ରହିଛି । ଏହା ଉପରେ ଆଇସିଏମ୍ଆର ଏବଂ ଡବ୍ଲୁଏଚ୍ଓ ଦ୍ୱାରା କରାଯାଇଥିବା ଅଧ୍ୟୟନରେ ଏହା ସାମ୍ନାକୁ ଆସିଛି । ଏହି ନିପା ସଂକ୍ରମଣ ବାଦୁଡି ଦ୍ୱାରା ହୋଇଥାଏ । ସେ କହିଛନ୍ତି ଯେ କେରଳରେ ଆମେ ପାଇଥିବା ଜୀବାଣୁ ଭାରତୀୟ ଜେନୋଟାଇପ୍ ବା ଆଇ ଜେନୋଟାଇପ୍ ବୋଲି ଚିହ୍ନଟ ହୋଇଛି, ଯାହା ବାଂଲାଦେଶରେ ମିଳୁଥିବା ଷ୍ଟ୍ରେନ୍ ସହିତ ସମାନ । ନିପା ଭାଇରସର ଦୁଇଟି ଷ୍ଟ୍ରେନ୍ ଅଛି, ଗୋଟିଏ ମାଲେସିଆରୁ ଏବଂ ଅନ୍ୟଟି ବାଂଲାଦେଶରୁ ।

# ସ୍କ୍ରବ୍ ଟାଇଫସ୍ : ବରଗଡ଼ରେ ସ୍ଥିତି ଅନୁଧ୍ୟାନ ପାଇଁ ଜନସ୍ୱାସ୍ଥ୍ୟ ବିଭାଗର ୩ ଜଣିଆ ଟିମ୍

ବରଗଡ/ଭୁବନେଶ୍ୱର, ୧୮/୦୯ (ନି.ପ୍ର): ବରଗଡ଼ରେ ସ୍କ୍ରବ୍ ଟାଇଫସ୍ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଆଜି ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗର ତିନି ଜଣିଆ ଟିମ୍ ବରଗଡ଼ରେ ପହଂଚିଛନ୍ତି । ଭୁବନେଶ୍ୱରରୁ ଆସିଥିବା ତିନି ଜଣିଆ ଡାକ୍ତରୀ ଟିମ୍ ବରଗଡରେ ସ୍ଥିତି ଅନୁଧାନ କରୁଛନ୍ତି । ଏହି ଟିମ୍ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଡ. ସୁସ୍ମିତା ନାୟକ ,ଡ଼. ସୁନିତା ଜେନା ଓ ଡ଼. ସୁବାଶିଷ ମହାନ୍ତି ପ୍ରମୁଖ ସାମିଲ ଅଛନ୍ତି ବରଗଡ଼ ସିଡିଏମଓଙ୍କ କାର୍ଯ୍ୟାଳୟରେ ଆଲୋଚନା ଚାଲିଛି । ବର୍ତମାନ ସୁଦ୍ଧା ବରଗଡ଼ରେ ୪୮୫ ଜଣଙ୍କ ଟେଷ୍ଟ କରାଯାଇଥିବା ବେଳେ ୧୨ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି ଓ ୫ ଜଣଙ୍କ ମୃତ୍ୟୁ ହୋଇସାରିଛି ।

# ୪୮ ଘଂଟାରେ ଲଘୁଚାପ

ଭୁବନେଶ୍ୱର, ୧୮/୦୯ (ନି.ପ୍ର): ପୂର୍ବ-କେନ୍ଦ୍ରୀୟ ପାର୍ଶ୍ୱବର୍ତୀ ଉତର-ପୂର୍ବ ବଙ୍ଗୋପସାଗର ଅଂଚଳରେ ବାୟୁମଣ୍ଡଳର ୩.୧ ରୁ ୫.୮ କିମି ମଧ୍ୟରେ ଏକ ଘୁର୍ଣ୍ଣିବଳୟ ସକ୍ରିୟ ରହିଛି । ଏହାର ପ୍ରଭାବରେ ଆସନ୍ତା ୪୮ ଘଂଟା ମଧ୍ୟରେ ଉତର-ପଶ୍ଚିମ ବଙ୍ଗୋପ ସାଗର ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦେଇଛି ।

# ସିପିଏମ୍ ପକ୍ଷରୁ କୃଷକ, ଶ୍ରମିକ, ମହିଳାଙ୍କ ବିଭିନ୍ନ ଦାବିନେଇ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକ ପତ୍ର



ଜଳେଶ୍ୱର ୧୮/୯(ନିପ୍ର): ଜଳେଶ୍ୱର ସିପିଏମ୍‌ର ଲୋକାଲ କମିଟି ପକ୍ଷରୁ କୃଷକ, ଶ୍ରମିକ, ମହିଳାଙ୍କ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିଛି । ବହୁ କୃଷକ, ଶ୍ରମିକ, ମହିଳା ଓ ଯୁବଛାତ୍ର ମିଶି ୮ଦଫା ଦାବିରେ ଏକ ସ୍ମାରକ ପତ୍ର ଜଳେଶ୍ୱର ବିଡିଓ ପୁନମ ରାଉତଙ୍କୁ ପ୍ରଦାନ କରିଛନ୍ତି । ସର୍ବନିମ୍ନ ଭତ୍ତା ୩ହଜାର ଯଙ୍କାକୁ ବୃଦ୍ଧି, ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀରକ ଦରବୃଦ୍ଧି ରୋକିବା, ଚାଉଳ ଡାଲି, ତେଲ, ଗହମ, ଆଳୁ ପିଆଜ ଯୋଗାଇବାରେ ଆଇନ୍ ତିଆରି କରିବା, ବେକାରୀଙ୍କୁ କର୍ମସଂସ୍ଥାନର ବ୍ୟବସ୍ଥା କରିବା, ରେଗା ଯୋଜନାରେ ଦୈନିକ ୬୦୦ ଟଙ୍କା ହିସାବରେ ଶ୍ରମିକଙ୍କୁ ବର୍ଷକୁ ୨୦୦ ଦିନ କାମ ଯୋଗାଇବା । ଦୈନିକ ମଜୁରୀ ୩୪୫ଟଙ୍କାକୁ ବୃଦ୍ଧି କରିବା । ଗୋଟିଏ ଛାତ ତଳେ କାମ କରୁଥିବା ସବୁ ଶ୍ରମିକ ଓ କର୍ମଚାରୀଙ୍କୁ ନ୍ୟାର୍ଯ୍ୟ ମଜୁରୀ ଦେବା, ଭୂମୀହିନ ବାସ କରୁଥିବା ସରକାରୀ ସ୍ଥାନର ପଟ୍ଟା ଯୋଗାଇବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୩ଲକ୍ଷ ଟଙ୍କାର ଗୃହ ଯୋଗାଇବା, କୃଷକକୁ ସାର କୀଟନାସକ ଓ କୃଷି ଯନ୍ତ୍ରପାତି ସବ୍‌ସିଡରେ ଯୋଗାଣ, ଧାନର ସହାୟକ ମୂଲ୍ୟ ୩ହଜାର ଟଙ୍କାକୁ ବୃଦ୍ଧି, ସାମ୍ପ୍ରଦାୟିକ ଭାଷଣ ବନ୍ଦ କରିବା ଇତ୍ୟାଦି ଦାବି ନେଇ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଏହି ସ୍ମାରକପତ୍ରରେ ବର୍ଣ୍ଣନା କରାଯାଇଛି । ଦିଲ୍ଲିପ କୁମାର ଗିରି, ଦିପ୍ତିମାନ ଆଚାର୍ଯ୍ୟ, ଦିଲ୍ଲିପ ପରିଡା ଓ ମାନସ ସେଠୀ ପ୍ରମୁଖ ବିଡିଓଙ୍କୁ ଆଜି ଏହା ପ୍ରଦାନ କରିଛନ୍ତି ।

# ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ୭୩ଟି ଦୀପ ପ୍ରଜ୍ୱଳନ କରି ଶୁଭକାମନା କଲେ ବିଜେପି ନେତ୍ରୀ ମନସ୍ମିତା



ଭଦ୍ରକ, ୧୮/୦୯ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୩ତମ ଜନ୍ମଦିନରେ ଭଦ୍ରକ ଜଗଦଳପୁର ଠାରେ ଦକ୍ଷିଣଚଣ୍ଡୀ ମନ୍ଦିରରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ତଥା ଭଦ୍ରକ ନିର୍ବାଚନ ମଣ୍ଡଳୀ ନେତ୍ରୀ ମନସ୍ମିତା ଖୁଣ୍ଟିଆ ତାଙ୍କ ସମର୍ଥକମାନଙ୍କ ସହିତ ମିଶି ୭୩ଟି ପ୍ରଦୀପ ପ୍ରଜ୍ୱଳନ କରି ଶୁଭକାମନା କରିଛନ୍ତି । ଦେଶର ଯଶସ୍ୱୀ ପ୍ରଧନାମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦି ଆଜି ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବା ସହ ଭାରତବର୍ଷଙ୍କୁ ମଧ୍ୟ ଏକ ସ୍ୱତନ୍ତ୍ର ପରିଚୟ ଆଣିଦେଇ ପାରିଛନ୍ତି । ନରେନ୍ଦ୍ର ମୋଦିଙ୍କ ଦୀର୍ଘ ନିରାମୟ ଜୀବନ କାମନା କରି ଶ୍ରୀମତୀ ଖୁଣ୍ଟିଆ ମା’ ଦକ୍ଷିଣଚଣ୍ଡୀଙ୍କ ଠାରେ ପୂଜାର୍ଚ୍ଚନା କରିଥିଲେ । ପରେ ସମର୍ଥକମାନଙ୍କ ସହ ମିଶି ପ୍ରଦୀପ ଜାଳିଥିଲେ । ଛୋଟ ପିଲାମାନଙ୍କୁ ମିଷ୍ଟାନ ବଣ୍ଟନ କରିବା ସହିତ ନରେନ୍ଦ୍ର ମୋଦି ଆହୁରି ସୁସ୍ଥ ନିରୋଗ ରହି ଦେଶମାତୃକାର ସେବା କରନ୍ତୁ ବୋଲି ମନାସିଥିଲେ । ଏହି କାର୍ଯ୍ୟକ୍ରମରେ ଅମୂଲ୍ୟ ନାୟକ, ଅନନ୍ତ ବେହେରା, ଶଶୀକୁମାର ସାହୁ, ଦିଲିପ ସାହୁ, ଚନ୍ଦ୍ରନ ନାୟକ, ମଧୁସ୍ମିତା ଦାସ, ପୁଷ୍ପାରାଣି ନାୟକ, କମଳିନୀ ନାୟକ, ଶାନ୍ତିଲତା ସମାଲ, ଉର୍ମିଳା ବାରିକ, ବିଶ୍ୱରଂଜନ ଖୁଣ୍ଟିଆ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରିଥିଲେ ।

# ଛାତ୍ର ସଂସଦ ନିର୍ବାଚନ : ହାଇକୋର୍ଟରେ ଜନସ୍ୱାର୍ଥ ମାମଲା କଲା ଏବିଭିପି

ଭୁବନେଶ୍ୱର, ୧୮/୦୯ (ନି.ପ୍ର): ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) । ଏବିଭିପି ପକ୍ଷରୁ ଛାତ୍ର ସଂସଦ ନିର୍ବାଚନ ଆବଶ୍ୟକ ବୋଲି ଦର୍ଶାଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା ରୁଜୁ କରିଛି । ଏଥିରେ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ସଚିବଙ୍କୁ ପକ୍ଷଭୁକ୍ତ କରାଯାଇଛି । ଏବିଭିପି ରାଜ୍ୟ ସମ୍ପାଦକ ଅରିଜିତ ପଟ୍ଟନାୟକ ଏସମ୍ପର୍କରେ ସୂଚନା ଦେଇଛନ୍ତି । ସେ କହିଛନ୍ତି ନିକଟରେ ବେଙ୍ଗଲ ହାଇକୋର୍ଟ ମଧ୍ୟ ଛାତ୍ର ସଂସଦ ନିର୍ବାଚନ କାହିଁକି ଜରୁରୀ ସେ ନେଇ ଦେଇଥିବା ରାୟ ଉପରେ ନଜର ଦେବାକୁ ଆବେଦନରେ ଦର୍ଶାଯାଇଛି । ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ଚଳିତ ବର୍ଷ ମଧ୍ୟ ସ୍ଥଗିତ ରହିବା ରାଜ୍ୟ ସରକାର ନୋଟିଫିକେସନ୍ ଜାରି କରିବା ପରେ ଏନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❒ Managing & Executive Editor : Srustidhar Parida
❒ Editor: Sairindhree Sahoo